وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ସାପ୍ତାହିକ

# ବଦର୍

Weekly

କାଦିଆନ

BADAR

Qadian

Odia

**ସମ୍ପାଦକ:** କମୁଲ୍ ହକ୍ ଖାନ୍ | **ସହ ସମ୍ପାଦକ:** ସୟଦ୍ ଅତାଉଲ୍ ୱାହାବ୍ | **ଖଣ୍ଡ: 11 | ସଂଖ୍ୟା: 36** | 19 ରବିଉଲ୍ ଅୱଲ୍ , 1448 ହି.କ, 03 ତବୁକ୍ 1405 ହି.ଶ, 03 Sep 2026

## ଅଲ୍ଲାଃତାଲାଙ୍କ ବାଣୀ

## ଈଶ୍ୱରଙ୍କ ସୃଷ୍ଟି (ମାନବ ଓ ସମସ୍ତ ଜୀବ) ପ୍ରତି ସହାନୁଭୂତି

يٰۤاَيُّهَا الَّذِيۡنَ اٰمَنُوۡا هَلۡ اَدُلُّكُمۡ عَلٰى تِجَارَةٍ تُنۡجِيۡكُمۡ مِّنۡ عَذَابٍ اَلِيۡمٍ ۔ تُؤۡمِنُوۡنَ بِاللّٰهِ وَرَسُوۡلِهٖ وَتُجَاهِدُوۡنَ فِىۡ سَبِيۡلِ اللّٰهِ بِاَمۡوَالِكُمۡ وَاَنۡفُسِكُمۡ ؕ ذٰلِكُمۡ خَيۡرٌ لَّكُمۡ اِنۡ كُنۡتُمۡ تَعۡلَمُوۡنَ ۔

**ଅନୁବାଦ:** ହେ ବିଶ୍ୱାସକାରୀମାନେ ! କ'ଣ ଆମ୍ଭେ ତୁମମାନଙ୍କୁ ଏପରି ବ୍ୟବସାୟ ସମ୍ବନ୍ଧରେ ସମାଚାର ଦେବୁ ଯାହା ତୁମମାନଙ୍କୁ ଯନ୍ତ୍ରଣାଦାୟକ ଶାସ୍ତିରୁ ରକ୍ଷା କରିବ। ସେ ବ୍ୟବସାୟ ଏହିକି ଯେ, ତୁମେମାନେ ଅଲ୍ଲାଃ ଏବଂ ତାହାଙ୍କ ବାର୍ତ୍ତାବହଙ୍କ ପ୍ରତି ବିଶ୍ୱାସ କର ତଥା ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ଆପଣା ଧନ ସମ୍ପତ୍ତି ଓ ଜୀବନ ଅର୍ପଣ କରି ଜିହାଦ୍ କର । ଯଦି ତୁମେମାନେ ଜାଣିପାର, ତେବେ ଏହା ତୁମମାନଙ୍କ ପକ୍ଷେ ଅତି ଉତ୍ତମ ଅଟେ । **(ଅଲ୍ ସଫ୍-11-12)**



## ଆଁହଜରତ୍ ସ.ଅଙ୍କ ବାଣୀ

## ମୁଜାହିଦ୍ (ଯୋଦ୍ଧା) ହେଉଛି ସେହି ବ୍ୟକ୍ତି, ଯିଏ ନିଜର ଆତ୍ମା ତଥା କୁପ୍ରବୃତ୍ତି ସହିତ ଜିହାଦ୍ (ସଂଗ୍ରାମ) କରିଥାଏ ।"

فَضَالَةَ بْنَ عُبَيْدٍ يُحَدِّثُ، عَنْ رَسُولِ اللّٰهِ صَلَّى اللّٰهُ عَلَيْهِ وَسَلَّمَ أَنَّهُ قَالَ: "كُلُّ مَيِّتٍ يُخْتَمُ عَلَى عَمَلِهِ إِلَّا الَّذِي مَاتَ مُرَابِطًا فِي سَبِيلِ اللّٰهِ، فَإِنَّهُ يُنْمَى لَهُ عَمَلُهُ إِلَى يَوْمِ الْقِيَامَةِ، وَيَأْمَنُ مِنْ فِتْنَةِ الْقَبْرِ"، وَسَمِعْتُ رَسُولَ اللّٰهِ صَلَّى اللّٰهُ عَلَيْهِ وَسَلَّمَ يَقُولُ: "الْمُجَاهِدُ مَنْ جَاهَدَ نَفْسَهُ ۔

ହ.ଫଜାଲା ବିନ୍ ଉବୈଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ: "ପ୍ରତ୍ୟେକ ମୃତ ବ୍ୟକ୍ତିର କର୍ମର ପରମ୍ପରା ବନ୍ଦ କରି ଦିଆଯାଇଥାଏ । କିନ୍ତୁ ସେହି ବ୍ୟକ୍ତିକୁ ଛାଡ଼ି ଯିଏ ଈଶ୍ୱରଙ୍କ (ଅଲ୍ଲାଃଙ୍କ) ମାର୍ଗରେ ସୀମା ଠାରେ ପ୍ରହରା ଦେଉଥିବା ଅବସ୍ଥାରେ ମୃତ୍ୟୁବରଣ କରେ । ତା'ର କର୍ମ ପ୍ରଳୟ ଦିବସ ଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥାଏ ଏବଂ ସେ କବରର ପରୀକ୍ଷା ଯନ୍ତ୍ରଣାରୁ ସୁରକ୍ଷିତ ରହିଥାଏ ।" ମୁଁ ରସୁଲୁଲ୍ଲାଃ ସ.ଅଙ୍କୁ ଏହା ମଧ୍ୟ କହୁଥିବାର ଶୁଣିଛି ଯେ, ଆପଣ ସ.ଅ କହୁଥିଲେ ଯେ, "ମୁଜାହିଦ୍ (ଯୋଦ୍ଧା) ସେହି ବ୍ୟକ୍ତି ଅଟେ ଯିଏ ନିଜର ନଫସ୍ ଅର୍ଥାତ୍ ଆତ୍ମାଜନିତ କୁପ୍ରବୃତ୍ତି ସହିତ ଜିହାଦ୍ (ସଂଗ୍ରାମ) କରେ ଓ ତାହାକୁ ଦମନ କିରଥାଏ ।"

**(ସୁନନ୍ ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦି ଅନ୍ ରସୁଲୁଲ୍ଲାଃହି ସ.ଅ, ହଦିସ୍-1621)**

عَنِ النَّبِيِّ صَلَّى اللّٰهُ عَلَيْهِ وَسَلَّمَ أَنَّهُ رَجَعَ مِنْ بَعْضِ غَزَوَاتِهِ فَقَالَ رَجَعْنَا مِنَ الْجِهَادِ الْأَصْغَرِ إِلَى الْجِهَادِ الْأَكْبَرِ قِيلَ يَا رَسُولَ اللّٰهِ وَمَا الْجِهَادُ الْأَكْبَرُ؟ قَالَ وَهِيَ مُجَاهَدَةُ النَّفْسِ ۔

**(ରଦ୍ଦୁଲ୍ ମୁଖତାର୍ ଅଲଲ୍ ଦୁର୍ରିଲ୍ ମୁଖତାର୍, ଗ୍ରନ୍ଥଖଣ୍ଡ-3, ପୃଷ୍ଠା-235)**

ଥରେ ସୈୟିଦନା ମୁହମ୍ମଦ ମୁସ୍ତଫା ସ.ଅ ଗୋଟିଏ ଯୁଦ୍ଧରୁ ଫେରୁଥିବା ସମୟରେ କହିଲେ: "ଆମେ ସବୁଠାରୁ ଛୋଟ ଜିହାଦ୍ (ଅର୍ଥାତ୍ ଯୁଦ୍ଧ)ରୁ ଫେରୁଛୁ ଏବଂ ସବୁଠାରୁ ବଡ଼ ଜିହାଦ୍ (ଜିହାଦେ ଅକବର୍) ଅର୍ଥାତ୍ ନଫସ୍ (ଆତ୍ମାଜନିତ କୁପ୍ରବୃତ୍ତି) ସହ ସଂଗ୍ରାମ ଅଭିମୁଖେ ଯାଉଅଛୁ ।" ପଚରାଗଲା: "ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସବୁଠାରୁ ବଡ଼ ଜିହାଦ୍ କ'ଣ ? ଆପଣ ସ.ଅ କହିଲେ, "ସବୁଠାରୁ ବଡ଼ ଜିହାଦ୍ ହେଲା ନିଜର ନଫସ୍ (ଆତ୍ମାଜନିତ କୁପ୍ରବୃତ୍ତି) ସହିତ ସଂଗ୍ରାମ କରିବା ଓ ତାହାକୁ ଦମନ କରିବା ।"



## ହ. ମସିହ୍ ମଉଦ୍ ଅ.ସଙ୍କ ନିତୀବାଣୀ (ତବରରୁକାତେ ହ. ମସିହ୍ ମଉଦ୍ ଅ.ସ)

## "ଆତ୍ମଶୁଦ୍ଧି ପାଇଁ ନିଜର ଶାରୀରିକ ଓ ସାଂସାରିକ କାମନାଗୁଡ଼ିକ ସହିତ ମୁକାବିଲା କରିବା ଅତ୍ୟନ୍ତ ଆବଶ୍ୟକ ଅଟେ ।"

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: " ବିଶ୍ୱାସ ପାଇଁ ଖୁଶୁ (ନମ୍ରତା ଓ ଏକାଗ୍ରତା)ର ଅବସ୍ଥା ଶସ୍ୟବୀଜ (ମଞ୍ଜି) ପରି ଅଟେ । ପୁନଶ୍ଚ ନିରର୍ଥକ କଥା ସବୁକୁ ପରିତ୍ୟାଗ କରିବା ଦ୍ୱାରା ବିଶ୍ୱାସ ନିଜର କୋମଳ ସବୁଜ ଅଙ୍କୁର ବାହାର କରିଥାଏ । ପୁନଶ୍ଚ ନିଜର ସମ୍ପତ୍ତିକୁ ଜକାତ୍ (ଦାନ) ରୂପେ ଦେବା ଦ୍ୱାରା ବିଶ୍ୱାସିକ ବୃକ୍ଷର ଶାଖା ପ୍ରଶାଖା (ଡାଳସବୁ) ବାହାରିଥାଏ, ଯାହା ଏହା(ବିଶ୍ୱାସକ)କୁ କିଛି ମାତ୍ରାରେ ମଜବୁତ କରିଥାଏ । ପୁନଶ୍ଚ ନିଜର ଶାରୀରିକ ଓ ସାଂସାରିକ କାମନା ଗୁଡ଼ିକ ସହିତ ମୁକାବିଲା କରିବା ଦ୍ୱାରା ସେହି ଡାଳଗୁଡ଼ିକରେ ଶକ୍ତ ପଣ ଓ ଦୃଢ଼ତା ସୃଷ୍ଟି ହୋଇଥାଏ । ତା'ପରେ ନିଜର ପ୍ରତିଶ୍ରୁତି (ଅଙ୍ଗୀକାର) ଏବଂ ଅମାନତ୍ (ନ୍ୟାସ, ସନ୍ତକ)ର ସମସ୍ତ ଶାଖାରେ ସୁରକ୍ଷା କରିବା ଦ୍ୱାରା ବିଶ୍ୱାସର ବୃକ୍ଷ ନିଜର ସଶକ୍ତ କାଣ୍ଡ ଉପରେ ଦଣ୍ଡାୟମାନ (ଛିଡ଼ା) ହୋଇଯାଏ । ପୁନଶ୍ଚ ଫଳ ଧରିବା ସମୟରେ ଆଉ ଏକ ଶକ୍ତିର କୃପା (ଫୈଜ୍) ତା' ଉପରେ ଅବତୀର୍ଣ୍ଣ ହୋଇଥାଏ । କାରଣ ସେହି ଶକ୍ତି  ଦ୍ୱାରା ନା ସମୟ ପୂର୍ବରୁ ବୃକ୍ଷରେ ଫୁଲ ଫୁଟିପାରିବ ଓ ନା ହିଁ ବୃକ୍ଷରେ ଫଳ ଲାଗିପାରିବ ଅର୍ଥାତ୍ ବୃକ୍ଷ ଫଳବତ୍ ହୋଇପାରିବ ।

**(ଜମିମା ବରାହିନେ ଅହମଦିୟା ଭାଗ-5, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-21, ପୃଷ୍ଠା-209 ପାଦ ଟୀକା)**

ଅଲ୍ଲାଃ ତାଆଲା ଯେଉଁ ଏହି ଜମାଅତ (ସଂପ୍ରଦାୟ) ଗଢ଼ିବାକୁ ଚାହିଁଛନ୍ତି, ତାହାର ମୂଳ ଉଦ୍ଦେଶ୍ୟ ଏହିକି ଯେ, ଯେଉଁ ସତ୍ୟ ଜ୍ଞାନ (ହକିକି ମାରିଫତ୍) ଦୁନିଆରୁ ହଜି ଯାଇଥିଲା ଏବଂ ଯେଉଁ ପ୍ରକୃତ ଧର୍ମପରାୟଣତା ଓ ପବିତ୍ରତା ଏହି ଯୁଗରେ ଦେଖିବାକୁ ମିଳୁନଥିଲା ତାହାକୁ ପୁନର୍ବାର ସ୍ଥାପନ କରାଯାଉ ।

**(ମଲଫୁଜାତ୍ ଗ୍ରନ୍ଥଖଣ୍ଡ-4, ପୃଷ୍ଠା-213-214, ନୂତନ ସଂସ୍କରଣ)"**

## ତଫ୍‌ସିର୍ କବିରରୁ ଉଦ୍ଧୃତ ଆଲେଖ୍ୟ (ତବରରୁକାତେ ହ. ମୁସଲେହ୍ ମଉଦ୍ ର.ଅ)

## ଆତ୍ମ ଶୁଦ୍ଧିର କାର୍ଯ୍ୟ କୌଣସି ମନୁଷ୍ୟର ଆୟତ୍ତ ଓ ସାମର୍ଥ୍ୟରେ ନାହିଁ । ଅର୍ଥାତ୍ ମନୁଷ୍ୟ ପକ୍ଷେ ସମ୍ଭବ ନୁହେଁ ।

ସୟେଦିନା ହ. ଖଲିଫତୁଲ୍ ମସିହ୍ ସାନି ତଥା ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ପ୍ରତ୍ୟେକ ବ୍ୟକ୍ତି ବୁଝିପାରିବ ଯେ, ଆତ୍ମଶୁଦ୍ଧିର କାର୍ଯ୍ୟ କୌଣସି ମନୁଷ୍ୟର ଆୟତ୍ତ ଓ ସାମର୍ଥ୍ୟରେ ନାହିଁ । ଅର୍ଥାତ୍ ମନୁଷ୍ୟ ପକ୍ଷେ ସମ୍ଭବ ନୁହେଁ । ଶେଷରେ ପିତାମାତାଙ୍କଠାରୁ ଅଧିକ ଭଲ ପାଉଥିବା ଆଉ କେଉଁ ସତ୍ତା ହୋଇପାରେ ? କିନ୍ତୁ ସେମାନେ ମଧ୍ୟ ନିଜ ସନ୍ତାନର ଆତ୍ମଶୁଦ୍ଧି କରିପାରିବେ ନାହିଁ । ଆତ୍ମଶୁଦ୍ଧି ପାଇଁ ଦୁଇଟି କଥା ଅତ୍ୟାବଶ୍ୟକ ଅଟେ । (1) ପାପ ତ୍ୟାଗ କରିବା (2) ଆଧାତ୍ମିକତାରେ ଉନ୍ନତି କରିବା । ପାପ ତ୍ୟାଗ କରିବା ସଂପର୍କରେ କୁହାଯାଇଛି ଯେ, ଆମେ ତୁମକୁ ଏହି ଶିକ୍ଷା ପ୍ରଦାନ କରୁଛୁ ଯେ, ପ୍ରତ୍ୟେକଟି ଜିନିଷ ଅଲ୍ଲାଃତାଲାଙ୍କର ହିଁ ଅଟେ ଏବଂ ଆକାଶ, ପୃଥିବୀ ବ୍ରହ୍ମାଣ୍ଡର ପ୍ରତିଟି କଣିକାମାନ ସବୁ ଅଲ୍ଲାତାଲାଙ୍କ ଅଧୀନ ଅଟନ୍ତି ।

ତେଣୁ ଯେଉଁ ଜିନିଷ ଗ୍ରହଣ କରିବା ପାଇଁ ସେ ଅନୁମତି ଦିଅନ୍ତି କେବଳ ସେତିକି ଓ ସେହି ଜିନଷ ହିଁ ଗ୍ରହଣ କର ଏବଂ ଯେଉଁଥିରୁ ବାରଣ କରନ୍ତି, ସେଥିରୁ ନିବୃତ୍ତ ରୁହ । କାରଣ ମାଲିକଙ୍କ ଅନୁମତି ବିନା ଯଦି କୌଣସି ବ୍ୟକ୍ତି କୌଣସି ଜିନିଷ ବ୍ୟବହାର କରେ ତେବେ ସେହି ବ୍ୟକ୍ତି ଦଣ୍ଡିତ ହୋଇଥାଏ । ଦ୍ୱିତୀୟ ପ୍ରସଙ୍ଗଟି ହେଲା ଆଧାତ୍ମିକତାରେ ଉନ୍ନତି କରିବା । ଏଥି ନିମନ୍ତେ ଏହା କୁହାଯାଇଛି ଯେ, ସବୁକିଛି ଆମର ହିଁ ଅଟେ ଏବଂ ଆମ ମାଧ୍ୟମରେ ହିଁ ପ୍ରତ୍ୟେକ ପ୍ରକାରର କଲ୍ୟାଣ ଓ ପୁଣ୍ୟ ମିଳିପାରିବ । ତେଣୁ ଯେତେବେଳେ ତୁମେ ଆମର ଆଜ୍ଞାସବୁ ପାଳନ କରିବ ସେତେବେଳେ ଆମ୍ଭେ (ଅଲ୍ଲାଃତାଲା) ତୁମକୁ ନିଜ କ୍ଷମା ଓ ଦୟାର ଆଶ୍ରୟକୁ ନେଇଯିବୁ (ଆଶ୍ରୟ ପ୍ରଦାନ କରିବୁ) ଓ ଆମ୍ଭର ସର୍ବଶକ୍ତିମାନ ସାମର୍ଥ୍ୟ ତୁମକୁ ଆମ୍ଭର ସାନ୍ନିଧ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇଦେବ ।" **(ତଫ୍‌ସିରେ କବୀର, ଗ୍ରନ୍ଥଖଣ୍ଡ-3, ପୃଷ୍ଠା-531, ୟୁ.କେ. ସଂସ୍କରଣ)**

## ଅହମଦିୟା ଖବର

**ଅଲ୍‌ହମଦୁଲିଲ୍ଲାଃ ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍[ଅ.ବ] ସକୁଶଳେ ଅଛନ୍ତି ।**

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍[ଅ.ବ]ଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍[ଅ.ବ]ଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ ।  ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍[ଅ.ବ]ଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । **ଆମିନ୍ ।**

## ସମ୍ପାଦକୀୟ

لَا اِلٰہَ اِلَّا اللّٰہُ مُحَمَّدٌ رَّسُوْلُ اللّٰہِ

# ପ୍ରିୟ ମାତୃଭୂମିକୁ "ପୈଗାମେ ସୁଲାହ୍ (ଶାନ୍ତିର ସନ୍ଦେଶ) ପୁସ୍ତକ"ର ଆବଶ୍ୟକତା ରହିଛି !

ସ୍ୱାଧୀନତା ପରଠାରୁ ଯେମିତି ଯେମିତି ଆମର ପାଦ ଆଗାମୀ ସମୟ ଆଡ଼କୁ ଆଗ୍ରସର ହେଉଛି, ଘଟଣା ଓ ପରିସ୍ଥିତି ଏହା ପରିପ୍ରକାଶ କରୁଛି ଯେ, ପୂର୍ବାପେକ୍ଷା ଜାତୀୟ ଏକତାର ଆବଶ୍ୟକତା ଆମ ପାଇଁ ଅଧିକ ବୃଦ୍ଧି ପାଇ ଚାଲିଛି । ଭାରତ ବିଭିନ୍ନ ଧର୍ମ, ଜାତୀୟତା, ବଂଶ ଓ ଜାତିକୁ ନେଇ ଗଠିତ ଏକ ସୁନ୍ଦର ପୁଷ୍ପଗୁଚ୍ଛ ଅଟେ। ଯେଉଁଥିରେ ଯଦି ଏକତା ଓ ସଦ୍ଭାବନାର ଫୁଲ ବଛାଯାଏ ତେବେ ତାହାର ସୁବାସିତ ସୁଗନ୍ଧ (ବାସ୍ନା) ମନ ଓ ମସ୍ତିଷ୍କକୁ ମହକାଇ ଦିଏ । କିନ୍ତୁ ଯଦି ଏହି ବିବିଧତାକୁ ମତଭେଦ ଓ ବିଭାଜନ ଆଡ଼କୁ ନିଆଯାଏ ତେବେ ଚାରିଆଡ଼େ ଦୁର୍ଗନ୍ଧ ବ୍ୟାପି ଯାଇଥାଏ । କେବଳ ଦୁର୍ଗନ୍ଧ ନୁହେଁ ବରଂ ଏକ କଷ୍ଟଦାୟକ ଦୁର୍ଗନ୍ଧ ଯାହାକୁ ଆମେ ଆଜିକାଲି ପ୍ରତିଦିନ ମର୍ମେ ମର୍ମେ ଅନୁଭବ କରୁଛେ ।

ନିଜ ସ୍ୱାର୍ଥ ପାଇଁ ଧର୍ମର ଅପବ୍ୟବହାର, ଜାତି ଓ ସମ୍ପ୍ରଦାୟଗୁଡ଼ିକ ମଧ୍ୟରେ ପାର୍ଥକ୍ୟ ସୃଷ୍ଟି କରିବାର ଏହି ଜଘନ୍ୟ ଖେଳ ଭାରତକୁ ଏକ ବିପଜ୍ଜନକ ଗର୍ତ୍ତ (ଖାଲ) ଆଡ଼କୁ ଠେଲି ଦେଉଛି । ସୋସିଆଲ ମିଡିୟାର ସମୀକ୍ଷା କଲେ ଜଣାପଡ଼େ ଯେ ଦିନକୁ ଦିନ ଏପରି ଲୋକଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି ଯେଉଁମାନେ ଏକତା ଓ ପାରସ୍ପରିକ ସଦ୍ଭାବନାର କଥା କୁହନ୍ତି । ପ୍ରତ୍ୟେକ ସମ୍ପ୍ରଦାୟ ଓ ଧର୍ମରେ ଏପରି ଲୋକଙ୍କ ସଂଖ୍ୟା ବୃଦ୍ଧି ପାଉଛି ଯେଉଁମାନେ ଘୃଣାର ପ୍ରସାର କରିବାରେ ବ୍ୟସ୍ତ ଅଛନ୍ତି । କିନ୍ତୁ ଏହି କଥା ସୁନିଶ୍ଚିତ ଯେ, ଘୃଣା, ମତଭେଦ ଓ କଳହରେ କେବଳ ଗୋଟିଏ ଜାତିର କ୍ଷତି ହୁଏ ନାହିଁ, ବରଂ ସମସ୍ତ ଜାତିମାନେ ଏହାର ଶିକାର ହୋଇଥାଅନ୍ତି । ବିଶେଷ କରି ପ୍ରତ୍ୟେକ ଜାତିର ଗରିବ, ଅଭାବି ଓ ଦୁର୍ବଳ ଶ୍ରେଣୀର ଲୋକମାନେ ଅତ୍ୟାଚାରର ଚକ୍କିରେ ଅଧିକ ପେଷି ହୁଅନ୍ତି । ଆଉ ଏହି ଅତ୍ୟାଚାରର ପରିସର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି।

ଜମାଅତେ ଅହମଦିୟାର ଇମାମ୍ ହ. ମିର୍ଜା ମସ୍ରୁର୍ ଅହମଦ ସାହେବ ତଥା ଖଲିଫତୁଲ୍ ମସିହ୍ ପଞ୍ଚମ ଅ.ବ ଗତ ମେ ମାସ ୨ ତାରିଖ 2025 ମସିହା ଶୁକ୍ରବାର ଦିନ ନିଜର ଖୁତ୍‌ବାରେ ଭାରତର ଅହମଦିମାନଙ୍କ ଦୃଷ୍ଟି ଆକର୍ଷଣ କରି କହିଥିଲେ ଯେ, ସେମାନେ ଅହମଦିୟା ସଂପ୍ରଦାୟର ପ୍ରତିଷ୍ଠାତା ହ. ମିର୍ଜା ଗୁଲାମ୍ ଅହମଦ କାଦିୟାନୀ (ପ୍ରତିଶ୍ରୁତ ମସିହ ମଉଦ୍ ଓ ଅଙ୍ଗୀକୃତ ମେହେଦୀ)ଙ୍କର ସେହି ମହାନ୍ ଅକ୍ଷୟ ବ୍ୟାଖ୍ୟାନମୂଳକ କୃତି "ପୈଗାମେ ସୁଲାହ୍" (ଶାନ୍ତିର ସନ୍ଦେଶ) ଆଡ଼କୁ ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରନ୍ତୁ। ଉକ୍ତ ପୁସ୍ତକରେ ଆପଣ ଅ.ସ ଆଜକୁ 115 ବର୍ଷ ପୂର୍ବେ ଭାରତବାସୀଙ୍କୁ ଏକତା, ସଦ୍ଭାବନା ଓ ଜାତୀୟ ଅଖଣ୍ଡତା ଅକ୍ଷୁର୍ଣ୍ଣ ରଖିବା ନିମନ୍ତେ ଆହ୍ୱାନ ଦେଇଥିଲେ । ପ୍ରେମ, ଆନ୍ତରୀକତା ଓ ଭଲପାଇବାର ଏକ ଦାର୍ଶନିକପୂର୍ଣ୍ଣ ଉପଦେଶ ଦେଇଥିଲେ । ସେହି ଉପଦେଶ ଆଜି ମଧ୍ୟ ପ୍ରତ୍ୟେକ ଭାରତୀୟଙ୍କୁ କର୍ମ ନିମନ୍ତେ (ଅର୍ଥାତ୍ କାର୍ଯ୍ୟକାରୀ କରିବା ନିମନ୍ତେ) ଆହ୍ୱାନ ଦେଉଛି । ଇତ୍ୟବସରରେ ଏହାର କିଛି ଅଂଶ ଏହି ଆଶା ରଖି ପ୍ରସ୍ତୁତ କରାଯାଉଛି ଯେ, ହ. ଅମୀରୁଲ ମୁମିନୀନ୍‌ଙ୍କ ନିର୍ଦ୍ଦେଶକ୍ରମେ ଆମେ ଅହମଦିମାନେ ଏହାକୁ ନିଜ ନିଜ ଭାଷାରେ ଅଧିକରୁ ଅଧିକ ପ୍ରଚାର ପ୍ରସାର କରିବୁ । **ଇନ୍‌ଶାଅଲ୍ଲାଃ** ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ ଅ.ସ କୁହନ୍ତି: "ହେ ଶ୍ରୋତାଗଣ ! ଆମେ ସମସ୍ତେ ପଛେ ମୁସଲମାନ ହୁଅନ୍ତୁ କିମ୍ବା ହିନ୍ଦୁ ହୁଅନ୍ତୁ ଶହ ଶହ ମତଭେଦ ସତ୍ତ୍ୱେ ସେହି ଏକ ଈଶ୍ୱରଙ୍କ ଉପରେ ବିଶ୍ୱାସ କରିବାରେ ଭାଗୀଦାର, ଯିଏ ଏହି ସଂସାରର ସ୍ରଷ୍ଟା ଓ ମାଲିକ ଅଟନ୍ତି । ସେହିପରି ସମସ୍ତେ 'ମାନବ' ନାମରେ ମଧ୍ୟ ସମାନ, ଅର୍ଥାତ୍ ଆମେମାନେ ସମସ୍ତେ ମଣିଷ ବୋଲାଉ । ସେହିପରି ଏକ ଦେଶର ଅଧିବାସୀ ହୋଇଥିବା ହେତୁ ଆମେମାନେ ପରସ୍ପରର ପଡ଼ୋଶୀ ମଧ୍ୟ ଅଟୁ । ତେଣୁ ଆମମାନଙ୍କର କର୍ତ୍ତବ୍ୟ ହେଉଛି ଯେ, ନିର୍ମଳ ହୃଦୟ ଓ ସତ୍‌ଉଦ୍ଦେଶ୍ୟର ସହିତ ପରସ୍ପରର ବନ୍ଧୁ ପାଲଟିଯିବା । ଧର୍ମ ଓ ସଂସାରର ସମସ୍ୟାରେ ପରସ୍ପର ପ୍ରତି ସହାନୁଭୂତି ଦେଖାଇବା । ଏପରି ସହାନୁଭୂତି ଦେଖାଇବା ଯେପରିକି ଆମେମାନେ ପରସ୍ପରର ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଯିବା ।"

ହୁଜୁର୍ ଅ.ସ କହିଲେ, "ହେ ଦେଶବାସୀମାନେ ! ସେହି ଧର୍ମ ଧର୍ମର ପଦବାଚ୍ୟ ନୁହେଁ ଯେଉଁ ଧର୍ମରେ ସାଧାରଣ ସହାନୁଭୂତିର ଶିକ୍ଷା ନଥାଏ । ଆମ ଈଶ୍ୱର କୌଣସି ଜାତି ମଧ୍ୟରେ ପ୍ରଭେଦ କରିନାହାନ୍ତି । ଉଦାହରଣ ସ୍ୱରୂପ, ଯେଉଁ ସବୁ ମାନବୀୟ ଶକ୍ତି ଓ ସାମର୍ଥ୍ୟ ଆର୍ଯ୍ୟବର୍ତ୍ତର ପ୍ରାଚୀନ ଜାତିସମୂହମାନଙ୍କୁ ପ୍ରଦାନ କରାଯାଇଥିଲା, ସେହି ସମସ୍ତ ଶକ୍ତି ଆରବ, ପାରସ୍ୟ, ସିରୀୟ, ଚୀନୀ, ଜାପାନୀ ଏବଂ ୟୁରୋପ ଓ ଆମେରିକାର ଜାତିମାନଙ୍କୁ ମଧ୍ୟ ପ୍ରଦାନ କରାଯାଇଛି । ସମସ୍ତଙ୍କ ପାଇଁ ଈଶ୍ୱରଙ୍କ ପୃଥିବୀ ବିଛଣା ଭାବେ କାର୍ଯ୍ୟ କରୁଛି ଏବଂ ସମସ୍ତଙ୍କ ପାଇଁ ତାହାଙ୍କର ସୂର୍ଯ୍ୟ, ଚନ୍ଦ୍ର ଓ ଗ୍ରହ ନକ୍ଷତ୍ର ସମୂହ ଉଜ୍ଜ୍ୱଳ ପ୍ରଦୀପ ପରି ଆଲୋକ ପ୍ରଦାନ କରୁଛନ୍ତି । ତାହାଙ୍କ ସୃଷ୍ଟିର ଉପାଦାନ ବାୟୁ, ଜଳ, ଅଗ୍ନି, ମାଟି ଏବଂ ଖାଦ୍ୟ, ଫଳ, ଔଷଧ ଆଦିରୁ ସବୁ ଜାତି ଲାଭ ଉଠାଉଛନ୍ତି (ଉପକୃତ ହେଉଛନ୍ତି) । ତେଣୁ ଈଶ୍ୱରଙ୍କ ଏହି ନୈତିକତା ଆମମାନଙ୍କୁ ଏହି ଶିକ୍ଷା ଦିଏ ଯେ, ଆମେମାନେ ମଧ୍ୟ ନିଜର ମାନବ ଜାତି ପ୍ରତି ସୌହାର୍ଦ୍ଦ୍ୟ ଓ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବାରେ କଦାପି ସଂକୀର୍ଣ୍ଣମନା ହେବା ଉଚିତ୍ ହେବ ନାହିଁ ।"

ହୁଜୁର୍ ଅ.ସ କହିଲେ, "ବନ୍ଧୁଗଣ ! ଆପଣମାନେ ନିଶ୍ଚିତ ଭାବରେ ଏକଥା ମନେରଖନ୍ତୁ ଯେ, ଯଦି ଆମ ଦୁଇ ଜାତି ମଧ୍ୟରୁ କୌଣସି ଜାତି ଈଶ୍ୱରଙ୍କ ନୈତିକତାର ସମ୍ମାନ ନକରେ ଏବଂ ତାହାଙ୍କର ପବିତ୍ର ଗୁଣର ବିରୁଦ୍ଧାଚରଣ କରେ ତେବେ ସେହି ଜାତି ଶୀଘ୍ର ଧ୍ୱଂସ ହୋଇଯିବ । କେବଳ ନିଜେ ନୁହେଁ, ବରଂ ନିଜର ଆଗାମୀ ପିଢ଼ୀକୁ ମଧ୍ୟ ଧ୍ୱଂସ ମୁଖକୁ ଠେଲିଦେବ ।" ହୁଜୁର୍ ଅ.ସ କହିଲେ,"ଏହି କଥା ବିନା କୌଣସି ତର୍କ ଗ୍ରହଣଯୋଗ୍ୟ ହୋଇଯିବ ଯେ, ସେହି ସତ୍ୟ ଓ ପୂର୍ଣ୍ଣ ଈଶ୍ୱର ଯାହାଙ୍କ ଉପରେ ବିଶ୍ୱାସ କରିବା ପ୍ରତ୍ୟେକ ବ୍ୟକ୍ତିର କର୍ତ୍ତବ୍ୟ ଅଟେ, ସେହି ପରମେଶ୍ୱର ସମଗ୍ର ଜଗତର ପାଳନକର୍ତ୍ତା (ରବ୍‌ବୁଲ୍ ଆଲମୀନ୍) । ତାହାଙ୍କର ପାଳନ ଶକ୍ତି କୌଣସି ନିର୍ଦ୍ଦିଷ୍ଟ ଜାତି, ସମୟ କିମ୍ବା ଦେଶ ମଧ୍ୟରେ ସୀମିତ ନୁହେଁ । ବରଂ ସେ ସବୁ ଜାତିର, ସବୁ ସମୟରେ ଓ ସବୁ ଦେଶର ଈଶ୍ୱର ଅଟନ୍ତି । ସେ ହିଁ ସକଳ କୃପାର ଉତ୍ସ, ଏବଂ ସମସ୍ତ ଶାରୀରିକ ଓ ଆଧ୍ୟାତ୍ମିକ ଶକ୍ତି ତାହାଙ୍କ ଠାରୁ ହିଁ ଆସିଥାଏ । ତାହାଙ୍କ ଠାରୁ ହିଁ ସକଳ ବିଦ୍ୟମାନ ସୃଷ୍ଟି ଜଗତ ଲାଳିତ ପାଳିତ ହୁଅନ୍ତି ଓ ସେହି ପରମେଶ୍ୱର ହିଁ ପ୍ରତ୍ୟେକଟି ଅସ୍ତିତ୍ୱର ସାହାରା ଅଟନ୍ତି ।"

ହୁଜୁର୍ ଅ.ସ କହିଲେ, "ଈଶ୍ୱରଙ୍କ କୃପା ସାର୍ବଜନୀନ ଅଟେ । ଏହା ସମସ୍ତ ଜାତି, ଦେଶ ଓ ସମୟକୁ ପରିବ୍ୟାପ୍ତ କରି ରଖିଛି । ଏହା ଏଇଥିପାଇଁ ହୋଇଛି ଯେପରିକି କୌଣସି ଜାତିକୁ ଅଭିଯୋଗ କରିବାର ସୁଯୋଗ ନମିଳୁ ବା କୌଣସି ଜାତି ଏହା ନକହୁ ଯେ, ଈଶ୍ୱର ଅମକ ଜାତି ପ୍ରତି ଦୟା ପ୍ରଦର୍ଶନ କଲେ କିନ୍ତୁ ଆମ ପ୍ରତି ଦୟା ପ୍ରଦର୍ଶନ କଲେ ନାହିଁ । ହୁଜୁର୍ ଅ.ସ କହିଲେ, ସୁତରାଂ "ଯେତେବେଳେ ଆମ ଈଶ୍ୱରଙ୍କ ଏପରି ଚରିତ୍ର ଏବଂ ଆଚରଣ ରହିଛି । ତେବେ ଏହା ଉଚିତ୍ ଯେ, ଆମମାନେ ମଧ୍ୟ ତାହାଙ୍କ ଆଚରଣକୁ କାର୍ଯ୍ୟକାରୀ କରିବୁ । ଅର୍ଥାତ୍ ଈଶ୍ୱରଙ୍କ ଚାରିତ୍ରକ ଆଚରଣ ଯଥା ଦୟା, ସ୍ନେହ ଓ କରୁଣାମୂଳକ ଗୁଣ ଇତ୍ୟାଦିକୁ ଅନୁସରଣ କରିବା ।"

ହୁଜୁର୍ ଅ.ସ କହିଲେ, ହେ ମୋ ଦେଶର ଭାଇ ବନ୍ଧୁଗଣ ! ଏହି ସଂକ୍ଷିପ୍ତ ପୁସ୍ତିକା ଯାହାର ନାମ 'ପୈଗାମେ ସୁଲାହ୍' (ଶାନ୍ତିର ସନ୍ଦେଶ) ଅଟେ । ଉକ୍ତ ପୁସ୍ତକ ମାଧ୍ୟମରେ ଆପଣମାନଙ୍କ ସେବାରେ ନମ୍ରତାର ସହିତ ଉପସ୍ଥାପିତ କରାଯାଉଛି ଏବଂ ସତ୍‌ହୃଦୟର ସହିତ ପ୍ରାର୍ଥନା କରାଯାଉଛି ଯେ, ସେହି ସର୍ବଶକ୍ତିମାନ ଈଶ୍ୱର ଆପଣମାନଙ୍କ ହୃଦୟରେ ପ୍ରେରଣା ଭରି ଦିଅନ୍ତୁ ଏବଂ ଆମ ସହାନୁଭୂତିର ରହସ୍ୟ ଆପଣମାନଙ୍କ ହୃଦୟରେ ଖୋଲି ଦିଅନ୍ତୁ । ଏହାଦ୍ୱାରା ଆପଣମାନେ ଏହି ବନ୍ଧୁତ୍ୱପୂର୍ଣ୍ଣ ଉପହାରକୁ କୌଣସି ବିଶେଷ ସ୍ୱାର୍ଥ ଓ ଅଭିପ୍ରାୟ ରଖି କରାଯାଇଛି ବୋଲି ଭାବିବେ ନାହିଁ ।"

ହୁଜୁର୍ ଅ.ସ କହିଲେ, "ହେ ମୋର ପ୍ରିୟଜନ ! ପରକାଳର କଥା ତ' ସାଧାରଣ ଲୋକମାନଙ୍କ ଠାରୁ ଗୁପ୍ତ ଥାଏ । କେବଳ ସେହିମାନଙ୍କ ଆଗରେ ତାହାର ଅର୍ଥାତ୍ ପରକାଳର ରହସ୍ୟ ଉନ୍ମୁକ୍ତ ହୋଇଥାଏ (ଖୋଲିଥାଏ) ଯେଉଁମାନେ ମୃତ୍ୟୁ ପୂର୍ବରୁ ହିଁ ମୃତ୍ୟୁବରଣ କରନ୍ତି । କିନ୍ତୁ ସଂସାରର ଭଲ ଓ ମନ୍ଦକୁ ପ୍ରତ୍ୟେକ ଦୂରଦୃଷ୍ଟି ସମ୍ପନ୍ନ ବୁଦ୍ଧି ହିଁ ଚିହ୍ନିପାରିବ ।" ହୁଜୁର୍ ଅ.ସ କହିଲେ, ଉକ୍ତ କଥାଟି କାହାରି ଠାରୁ ଲୁଚି ନାହିଁ ଯେ, ସଂଯୋଗ ଏପରି ଏକ ପ୍ରସଙ୍ଗ ଅଟେ ଯେ, ଯେଉଁ ବିପଦ କୌଣସି ପ୍ରକାରେ ଦୂର ହୋଇପାରିବ ନାହିଁ ଏବଂ ଯେଉଁ ସମସ୍ୟା କୌଣସି ଉପାୟ କରିବା ଦ୍ୱାରା ଦୂର ହୋଇପାରେ ନାହିଁ ତାହା ସଂଯୋଗ ଅର୍ଥାତ୍ ମିଳିତ ଭାବରେ ପ୍ରୟାସ କରିବା ଦ୍ୱାରା ସେହି ସମସ୍ୟା ସବୁର ସମାଧାନ ହୋଇଥାଏ । ତେଣୁ ଜଣେ ବୁଦ୍ଧିମାନ ବ୍ୟକ୍ତି ଏକତାର ଆଶୀର୍ବାଦରୁ ନିଜକୁ ବଞ୍ଚିତ ରଖିବା ଉଚିତ୍ ନୁହେଁ । ହିନ୍ଦୁ ଓ ମୁସଲମାନ ଏହି ଦେଶରେ ଏପରି ଦୁଇଟି ଜାତି ଅଟନ୍ତି ଯେଉଁମାନଙ୍କ ବିଷୟରେ ଏହା ଭାବିବା ଅସମ୍ଭବ ଯେ କୌଣସି ସମୟରେ ହିନ୍ଦୁମାନେ ଏକାଠି ହୋଇ ମୁସଲମାନମାନଙ୍କୁ ଦେଶରୁ ବାହାର କରିଦେବେ କିମ୍ବା ମୁସଲମାନମାନେ ଏକାଠି ହୋଇ ହିନ୍ଦୁମାନଙ୍କୁ ବେଘର କରିଦେବେ। ଅର୍ଥାତ୍ ଦେଶରୁ ନିର୍ବାସିତ କରିଦେବେ । ବରଂ ଏବେ ତ' ହିନ୍ଦୁ ଓ ମୁସଲମାନଙ୍କ ସମ୍ପର୍କ ଚୋଲି-ଦାମନ (ଅଙ୍ଗାଙ୍ଗୀ ଭାବେ ଜଡ଼ିତ) କା ସାଥ୍ ପରି ହୋଇସାରିଛି । ଯଦି ଜଣଙ୍କ ଉପରେ କିଛି ବିପଦ ଆସେ, ତେବେ ଅନ୍ୟଜଣ ମଧ୍ୟ ସେଥିରେ ଭାଗୀଦାର ହୋଇଯାଏ। ଆଉ ଯଦି ଗୋଟିଏ ଜାତି ଅନ୍ୟ ଜାତିକୁ କେବଳ ନିଜର ଆହଂକାର ହେତୁ ତୁଚ୍ଛ, ହେୟ ବୋଲି ମନେକରେ ତେବେ ସେ ନିଜେ ମଧ୍ୟ ସେହି ଅପମାନରୁ ବଞ୍ଚିପାରିବ ନାହିଁ । ଯଦି ଆପଣଙ୍କ ମଧ୍ୟରୁ କେହି ନିଜର ପଡ଼ୋଶୀକୁ ସାହାଯ୍ୟ କରିବାରେ ଏବଂ ତା' ପ୍ରତି ସହାନୁଭୂତି ପ୍ରଦର୍ଶନ କରିବାରେ ଅବହେଳା କରେ ତେବେ ସେପରିପ୍ରେକ୍ଷୀରେ ତାହାର କ୍ଷତି ସେ ନିଜେ ହିଁ ସହ୍ୟ କରିବ । ଦୁଇ ଜାତି ମଧ୍ୟରୁ ଯେଉଁ ବ୍ୟକ୍ତି ଅନ୍ୟ ଜାତିର ଧ୍ୱଂସ କଥା ଚିନ୍ତା କରୁଛି ତେବେ ତାହାର ଉଦାହରଣ ସେହି ବ୍ୟକ୍ତି ପରି ଯିଏ ନିଜେ ଯେଉଁ ଡାଳରେ ବସିଛି ସେହି ଡାଳକୁ ସେ କାଟୁଛି ।"

ହୁଜୁର୍ ଅ.ସ କହିଲେ, "ଆପଣମାନେ ଈଶ୍ୱରଙ୍କ କୃପାରୁ ଶିକ୍ଷିତ ମଧ୍ୟ ହୋଇ ସାରିଛନ୍ତି। ଏବେ ଶତ୍ରୁତା ଛାଡ଼ି ପ୍ରେମ ବୃଦ୍ଧି କରିବା ଆପଣମାନଙ୍କ ପକ୍ଷେ ଶୋଭା ପାଇଥାଏ । ନିଷ୍ଠୁରତା ଛାଡ଼ି ସହାନୁଭୂତି ଆପଣେଇବା ଆପଣଙ୍କ ବୁଦ୍ଧିମତ୍ତାର ପରିଚୟ ଅଟେ । ସଂସାରର ସମସ୍ୟାସବୁ ମରୁଭୂମିର ଯାତ୍ରା ପରି ଅଟନ୍ତି । ଯେଉଁ ଯାତ୍ରା ପ୍ରଚଣ୍ଡ ଖରା ଓ ଉତ୍ତାପ ସମୟରେ ହିଁ କରାଯାଇଥାଏ । ତେଣୁ ଏହି ଦୁର୍ଗମ ପଥ ପାଇଁ ପାରସ୍ପରିକ ଏକତାର ସେହି ଥଣ୍ଡା ଜଳର ଆବଶ୍ୟକତା ମଧ୍ୟ ରହିଛି ଯାହା ଏହି ଜଳନ୍ତା ନିଆଁକୁ ପ୍ରଶମିତ ବା ଥଣ୍ଡା କରିଦେବ ଓ ଶୋଷ ସମୟରେ ମୃତ୍ୟୁମୁଖରୁ ରକ୍ଷା କରିବ ।"

ହୁଜୁର୍ ଅ.ସ କହିଲେ, "ଏପରି ଏକ ସନ୍ଧିକ୍ଷଣ ମୁହୂର୍ତ୍ତରେ ଏହି ଲେଖକ ଆପଣମାନଙ୍କୁ ଶାନ୍ତି ପାଇଁ ଆହ୍ୱାନ ଜଣାଉଛି । କାରଣ ଆପଣ ଦୁହିଁଙ୍କୁ ଅର୍ଥାତ୍ ହିନ୍ଦୁ ଓ ମୁସଲମାନମାନଙ୍କୁ ଶାନ୍ତିର ଯଥେଷ୍ଟ ଆବଶ୍ୟକତା ରହିଛି ।"

ଅହମଦିୟା ସଂପ୍ରଦାୟର ପ୍ରତିଷ୍ଠାତାଙ୍କ ଲେକଚର୍ସ (ବ୍ୟାଖ୍ୟାନ)ର ଏଗୁଡ଼ିକ ସେହି ଜ୍ଞାନବର୍ଦ୍ଧକ ଉଦ୍ଧୃତି ତଥା ଆଲେଖ୍ୟ ଅଟନ୍ତି ଯେଉଁ ଆଲେଖ୍ୟ ଓ ବ୍ୟାଖ୍ୟାନକୁ ଆଜି ଭାରତରେ ପ୍ରସାରିତ କରିବାର ଆବଶ୍ୟକତା ରହିଛି । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏଥି ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମୀନ୍** । ☆☆☆



## (ଖୁତ୍‌ବା ଜୁମା)

### କୃତଜ୍ଞତା ସଂପର୍କରେ ଆଁହଜରତ୍ ସ.ଅଙ୍କ ଉତ୍ତମ ଆଦର୍ଶ, ଦୁଆ ଏବଂ ନିଜର ଧର୍ମବଲମ୍ବୀମାନଙ୍କୁ ବହୁମୂଲ୍ୟ ହିତୋପଦେଶ ।

### ଜଲସା ସାଲାନା ବ୍ରିଟେନ ସଂପର୍କରେ ହୁଜୁର୍ ଅନ୍‌ୱର୍ ଅ.ବଙ୍କ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଦୁଆ କରିବା ନିମନ୍ତେ ଆହ୍ୱାନ ।

**ଖୁତ୍‌ବା ଜୁମା 17 JULY 2026 ମସିହା ଅନୁଯାୟୀ ୧୭ ୱଫା ୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ . أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ . بِسْمِ اللّٰهِ الرَّحْمٰنِ الرَّحِيْمِ . اَلْحَمْدُ لِلّٰهِ رَبِّ الْعٰلَمِيْنَ . اَلرَّحْمٰنِ الرَّحِيْمِ . مٰلِكِ يَوْمِ الدِّيْنِ . اِيَّاكَ نَعْبُدُ وَ اِيَّاكَ نَسْتَعِيْنُ . اِهْدِنَا الصِّرَاطَ الْمُسْتَقِيْمَ . صِرَاطَ الَّذِيْنَ اَنْعَمْتَ عَلَيْهِمْ . غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ .

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଅଲ୍ଲାଃତାଲା ମନୁଷ୍ୟକୁ ସୃଷ୍ଟି କରିବା ପୂର୍ବରୁ ହିଁ ତାହାର ଲାଭ ପାଇଁ ଅସଂଖ୍ୟ ଅନୁଗ୍ରହ ତଥା ପୁରସ୍କାର ସୃଷ୍ଟି କରିଛନ୍ତି। ଅଲ୍ଲାଃତାଲାଙ୍କର ଏହି କୃପା ଏବଂ ଭକ୍ତମାନଙ୍କ ପ୍ରତି ଦୟା ନିଶ୍ଚିତ ଭାବରେ ଏହା ଦାବି କରେ ଯେ, ଭକ୍ତ ତାହାଙ୍କର କୃତଜ୍ଞ ହେଉ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପ୍ରତ୍ୟେକ ଅବତାର ନିଜର ଅନୁଗାମୀମାନଙ୍କୁ ଉପଦେଶ ଦେଇଛନ୍ତି ଯେ, ଅଲ୍ଲାଃତାଲାଙ୍କର କୃତଜ୍ଞ ଜ୍ଞାପନକାରୀ ଭକ୍ତ ହୁଅ । ସବୁଠାରୁ ବଳି ଏହି କୃତଜ୍ଞତାର ଉତ୍ତମ ଆଦର୍ଶ ଆମର ମୁନିବ ଓ ପଥପ୍ରଦର୍ଶକ ହ. ମୁହମ୍ମଦ ସ.ଅ ପ୍ରଦର୍ଶନ କରିଛନ୍ତି । ସେ ନିଜର ପ୍ରତ୍ୟେକ କାର୍ଯ୍ୟ ତଥା ପ୍ରତ୍ୟେକ କୃତ୍ୟ ଦ୍ୱାରା ଅଲ୍ଲାଃତାଲାଙ୍କ କୃତଜ୍ଞତା ଜ୍ଞପନ କରିଥିଲେ । ଆପଣ ସ.ଅଙ୍କର ରୋଦନ, ବିଳାପ କରିବା ଏବଂ ଅଲ୍ଲାଃତାଲାଙ୍କ ଦରବାରରେ ଅତ୍ୟନ୍ତ ବିନମ୍ରତାର ସହିତ ପ୍ରାର୍ଥନା କରିବାକୁ ଦେଖି ଯେତେବେଳେ ଆପଣ ସ.ଅଙ୍କୁ ପ୍ରଶ୍ନ କରାଗଲା ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଆପଣଙ୍କୁ ତ' ଅଲ୍ଲାଃତାଲା ପ୍ରତ୍ୟେକ ପ୍ରକାରର ସଫଳତାର ପ୍ରତିଶ୍ରୁତି ଦେଇଛନ୍ତି ଏବଂ ଆପଣଙ୍କୁ ସଫଳତା ପ୍ରଦାନ ମଧ୍ୟ କରୁଛନ୍ତି ତେବେ ଏତେ ଅଶ୍ରୁପାତ (କାନ୍ଦିବା) କାହିଁକି ? ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ: "ଏହିସବୁ ଅନୁଗ୍ରହ ପାଇଁ କ'ଣ ମୁଁ ଅଲ୍ଲାଃତାଲାଙ୍କର ଜଣେ କୃତଜ୍ଞ ଭକ୍ତ ହେବି ନାହିଁ ? ନମ୍ରତା ସହ ତାହାଙ୍କ ଦରବାରରେ ନଇଁପଡ଼ି (ସାଷ୍ଟାଙ୍ଗ ପ୍ରଣାମ ଜାଣାଇ) ତାହାଙ୍କୁ ଧନ୍ୟବାଦ ଅର୍ପଣ କରିବି ନାହିଁ ?" **(ସହୀହୁଲ୍ ବୁଖାରୀ, କିତାବୁତ୍ ତଫ୍‌ସୀର, ସୁରାଃ ଅଲ୍ ଫତହ୍ ଆୟତ୍ "لِيَغْفِرَ لَكَ اللّٰهُ مَا تَقَدَّمَ مِنْ ذَنْبِكَ"ର ବ୍ୟାଖ୍ୟା, ହଦିସ୍ ନଂ-4837, ପ୍ରକାଶକ-ନଜରାତ୍ ଇଶାଅତ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପ୍ରତ୍ୟେକ ଅବସରରେ ଯେଉଁଠାରେ ଆପଣ ସ.ଅ ନିଜର କୃତଜ୍ଞତାର ବ୍ୟାବହାରିକ ଉଦାହରଣ ପ୍ରଦର୍ଶନ କରିଛନ୍ତି ସେଠାରେ ନିଜର ଉମ୍ମତ୍ (ଅର୍ଥାତ ଧର୍ମାବଲମ୍ବୀ ବା ଅନୁଗାମୀ) ମାନଙ୍କୁ ମଧ୍ୟ କୃତଜ୍ଞ ହେବାକୁ ଶିକ୍ଷା ଦେଇଛନ୍ତି ଓ ଏହାର ଶୈଳୀ ମଧ୍ୟ ଶିଖାଇଛନ୍ତି । ଅଲ୍ଲାଃତାଲାଙ୍କ କୃତଜ୍ଞତା ଜ୍ଞାପନ କରିବା ପାଇଁ ମଧ୍ୟ ନିଜର ଧର୍ମାବଲମ୍ବୀମାନଙ୍କୁ ଦୁଆ ଶିଖାଇଛନ୍ତି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ସ.ଅଙ୍କର ଏହି ଆଦର୍ଶ, ଦୁଆ ଏବଂ ଉପଦେଶଗୁଡ଼ିକୁ ଆଜି ମୁଁ ଉଲ୍ଲେଖ କରିବି । ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହ. ଅନସ୍ ର.ଅଙ୍କ ଠାରୁ ବର୍ଣ୍ଣିତ ଅଛି ଯେ, ରସୁଲୁଲ୍ଲାଃ ସ.ଅ କହିଲେ: "ବିଶ୍ୱାସ ଦୁଇ ଭାଗରେ ବିଭକ୍ତ ଅଟେ । ଅଧା ସବର୍ ଅର୍ଥାତ୍ ଧୈର୍ଯ୍ୟରେ ଏବଂ ଅଧା ଶୁକର୍ ଅର୍ଥାତ୍ କୃତଜ୍ଞତାରେ ।" **(ଅଲ୍-ଜାମି ଲି ଶୋଓବିଲ୍ ଇମାନ୍, ଗ୍ରନ୍ଥଖଣ୍ଡ-12, ପୃଷ୍ଠା-192-193, ହଦିସ୍ ନଂ-9264)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ବାସ୍ତବରେ ତ' ଧୈର୍ଯ୍ୟ ମଧ୍ୟ କୃତଜ୍ଞତାର ଦିଗକୁ ହିଁ ଦର୍ଶାଏ । ତେଣୁ ଯଦି ଦେଖାଯାଏ ଯେ, ପ୍ରକୃତରେ ପୂର୍ଣ୍ଣ ବିଶ୍ୱାସ କୃତଜ୍ଞତା ଦ୍ୱାରା ହିଁ ପ୍ରାପ୍ତ ହୋଇଥାଏ । ହ. ସୁହେବ ର.ଅ ବର୍ଣ୍ଣନା କରନ୍ତି ଯେ ରସୁଲୁଲ୍ଲାଃ ସ.ଅ କହିଲେ, " ପ୍ରକୃତ ବିଶ୍ୱାସକାରୀର ପ୍ରସଙ୍ଗ ବଡ଼ ବିଚିତ୍ର ଅଟେ । ତା'ର ସମସ୍ତ ପ୍ରସଙ୍ଗ କେବଳ ମଙ୍ଗଳକର ଅଟେ ଏବଂ ଏହା ବିଶ୍ୱାସାକୀରୀ ବ୍ୟକ୍ତି ବ୍ୟତୀତ ଆଉ କାହା ପାଇଁ ଉଦ୍ଦିଷ୍ଟ ନୁହେଁ । ଯଦି ତାକୁ କୌଣସି ଖୁସି ମିଳେ ତେବେ ସେ କୃତଜ୍ଞତା ଜ୍ଞାପନ କରେ ଏବଂ ଏହା ତା' ପାଇଁ ମଙ୍ଗଳକର ଅଟେ । ଯଦି ତାକୁ ଅର୍ଥାତ୍ ବିଶ୍ୱାସକାରୀ ବ୍ୟକ୍ତିକୁ ଯଦି କୌଣସି କଷ୍ଟ ପହଞ୍ଚେ ସେତେବେଳେ ସେ ଧୈର୍ଯ୍ୟ ପ୍ରଦର୍ଶନ କରିଥାଏ । ଏହା ମଧ୍ୟ ତା' ପାଇଁ ଉତ୍ତମ ଅଟେ ।" **(ସହୀହ୍ ମୁସ୍‌ଲିମ୍, କିତାବ୍- ଅଜ୍- ଜୁହ୍‌ଦି ୱର୍-ରକାଏକି, ବାବ୍- ଅଲ୍‌ମୁମିନୁ ଅମ୍‌ରହୁ କୁଲ୍ଲହା ଖୈରିନ୍, ହଦିସ୍ ନଂ-5304, ଅନୁବାଦକ, ଗ୍ରନ୍ଥଖଣ୍ଡ-15, ପୃ-194, ପ୍ରକାଶକ-ନୁର୍ ଫାଉଣ୍ଡେସନ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ସେଇଥିପାଇଁ ଅଲ୍ଲାଃତାଲା କୁହନ୍ତି: 'اِنَّ اللّٰهَ مَعَ الصّٰبِرِيْنَ' **(ଅଲ୍ ବକରା: 154)** ନିଶ୍ଚିତ ଭାବରେ ଅଲ୍ଲାଃ ଧୈର୍ଯ୍ୟଶୀଳମାନଙ୍କ ସହିତ ଅଛନ୍ତି । ଅଲ୍ଲାଃତାଲା ପୁନଶ୍ଚ କହିଲେ: 'اِنَّ اللّٰهَ مَعَ الصّٰبِرِيْنَ' **(ଅଲ୍-ବକରା: 156)** ଏବଂ ଧୈର୍ଯ୍ୟଶୀଳମାନଙ୍କୁ ଶୁଭ ସମ୍ବାଦ ଦିଅ । ସୁତରାଂ ଯାହା ସହିତ ଅଲ୍ଲାଃତାଲା ଅଛନ୍ତି ଏବଂ ତାକୁ ଶୁଭସମ୍ବାଦ ଦେଉଛନ୍ତି, ତା' ପାଇଁ ଏହାଠାରୁ ବଡ଼ ମଙ୍ଗଳ ଆଉ କ'ଣ ହୋଇପାରେ ? ଏହି ପ୍ରକୃତ ଧୈର୍ଯ୍ୟ ମଧ୍ୟ ସେତେବେଳେ ହୋଇପାରିବ, ଯେତେବେଳେ ମଣିଷ ଈଶ୍ୱରଙ୍କର ସମସ୍ତ ଅନୁଗ୍ରହ ପାଇଁ କୃତଜ୍ଞ ହେବ । ଆପଣ ସ.ଅଙ୍କର ପ୍ରତ୍ୟେକ ଛୋଟ ବାକ୍ୟ ଏବଂ ଶବ୍ଦରେ ମଧ୍ୟ ଜ୍ଞାନର ଭଣ୍ଡାର ଲୁଚି ରହିଥାଏ । ହ. ଅବୁ ହୁରେରା ର.ଅ ବର୍ଣ୍ଣନା କରିଛନ୍ତି ଯେ ରସୁଲୁଲ୍ଲାଃ ସ.ଅ କହିଲେ, "ଯେଉଁ ବ୍ୟକ୍ତି ମଣିଷମାନଙ୍କର କୃତଜ୍ଞ ହୁଏ ନାହିଁ, ସେ ଅଲ୍ଲାଃତାଲାଙ୍କର ମଧ୍ୟ କୃତଜ୍ଞ ହୋଇପାରେ ନାହିଁ ।" **(ଜାମେଉତ୍ ତିର୍ମିଜି, ଅବ୍‌ୱାବୁଲ୍ ବିର୍ରି ୱସ୍ ସିଲା, ବାବ୍- ମା ଯାଆ ଫିଶ୍ ଶୁକ୍ରି, ଲିମନ୍ ଅହସନା ଇଲୈକା, ହଦିସ୍ ନଂ- 1954)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲାଙ୍କ ପ୍ରତି କୃତଜ୍ଞତା ତ' ଅଛି କିନ୍ତୁ ଅନ୍ୟ ମଣିଷମାନଙ୍କ ପ୍ରତି ମଧ୍ୟ କୃତଜ୍ଞ ହେବା ପାଇଁ ଆପଣ ସ.ଅ ବିଶେଷ ଭାବରେ ଆଦେଶ ଦେଇଛନ୍ତି । ଯଦି କୃତଜ୍ଞତାର ଏହି ଭାବାବେଗ ରହେ ତେବେ ସମାଜ ଏକ ସୁନ୍ଦର ରୂପ ନେବ ଏବଂ ଏହା ହିଁ ସେହି ପ୍ରକୃତ ଇସ୍‌ଲାମୀୟ ସମାଜ ଯାହା ଆପଣ ସ.ଅ ଗଢ଼ିବାକୁ ଚାହୁଁଥିଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଅନ୍ୟ ଏକ ବର୍ଣ୍ଣନାରେ ଆସେ, ହ. ନୁମାନ୍ ବିନ୍ ବଶୀର୍ ର.ଅଙ୍କ ଠାରୁ ବର୍ଣ୍ଣିତ ହୋଇଛି ଯେ, ନବୀ କରିମ୍ ସ.ଅ ମିମ୍ବର୍ (ମଞ୍ଚ) ଉପରେ କହିଲେ, "ଯେଉଁ ବ୍ୟକ୍ତି ଅଳ୍ପ ପ୍ରାପ୍ତିରେ କୃତଜ୍ଞ ହୁଏ ନାହିଁ, ସେ ଅଧିକ ମିଳିଲେ ମଧ୍ୟ କୃତଜ୍ଞ ହେବ ନାହିଁ । ସେହିପରି ଯିଏ ଲୋକମାନଙ୍କୁ ଧନ୍ୟବାଦ ଦିଏ ନାହିଁ ବା ଲୋକମାନଙ୍କର କୃତଜ୍ଞତା ଜ୍ଞାପନ କରେ ନାହିଁ ସେ ଅଲ୍ଲାଃତାଲାଙ୍କର ମଧ୍ୟ କୃତଜ୍ଞତା ଜ୍ଞାପନକାରୀ ନୁହେଁ । ଅଲ୍ଲାଃଙ୍କ ଅନୁଗ୍ରହର ଚର୍ଚ୍ଚା କରିବା ମଧ୍ୟ ଏକ ପ୍ରକାରର କୃତଜ୍ଞତା ଅଟେ ଏବଂ ତାହାଙ୍କର ଚର୍ଚ୍ଚା ନକରିବା ଅକୃତଜ୍ଞତା ଅଟେ ।" ଆପଣ ସ.ଅ କହିଲେ: "ସଂପ୍ରଦାୟ (ଜମାଅତ୍) କୃପା ଅଟେ ଏବଂ ବିଭାଜନ ଶାସ୍ତି ଅଟେ ।" **(ମସ୍‌ନଦ୍ ଇମାମ୍ ଅହମଦ୍ ବିନ୍ ହମ୍ବଲ୍, ମସ୍‌ନଦ୍ ନୁମାନ୍ ବିନ୍ ବଶୀର୍, ଗ୍ରନ୍ଥ ଖଣ୍ଡ-6, ହଦିସ୍- 18640, ଆଲିମୁଲ୍ କୁତୁବ୍-1998 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସଂଘବଦ୍ଧ ହୋଇ ରୁହ, ଅଲ୍ଲାଃତାଲାଙ୍କର କୃତଜ୍ଞ ଭକ୍ତ ହୁଅ ଏବଂ ଏକତା ବଜାୟ ରଖ । ଗୋଟିଏ ଆତ୍ମା ହୋଇ ରହିଲେ ହିଁ ତୁମକୁ ଅଲ୍ଲାଃତାଲାଙ୍କ ଅନୁଗ୍ରହରୁ ଭାଗ ମିଳିବ । ଯଦି ବିଭାଜନ କରିବ ତେବେ ତୁମମାନଙ୍କର ମନ ଭାଙ୍ଗିଯିବ ଓ ତୁମେମାନେ ଅଲ୍ଲାଃତାଲାଙ୍କ ଦୟାର ଉତ୍ତରାଧିକାରୀ ହୋଇପାରିବ ନାହିଁ । କେତେ ଗଭୀରତାର ସହ ଆପଣ ସ.ଅ କୃତଜ୍ଞତାର ଶିକ୍ଷା ଦେଇଛନ୍ତି !

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହି ବିଷୟରେ ଗୋଟିଏ ବର୍ଣ୍ଣନା ରହିଛି । ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ ଆଁହଜରତ୍ ସ.ଅ ଜଣେ ବ୍ୟକ୍ତିଙ୍କୁ ଭେଟିଲେ ଏବଂ ତାକୁ ପଚାରିଲେ ଯେ ତୁମେ କେମିତି ଅଛ ? ସେ କହିଲା, ବହୁତ ଭଲ ଅଛି ଏବଂ ମୁଁ ଅଲ୍ଲାଃତାଲାଙ୍କ ପ୍ରଶଂସା କରୁଛି । ତେବେ ହଜୁର ସ.ଅ କହିଲେ, ଅଲ୍ଲାଃ ତୁମକୁ ଭଲରେ ରଖନ୍ତୁ । ଥରେ ଆଁହଜରତ୍ ସ.ଅ ତାକୁ ଭେଟି ପୁଣି ସେହି ପ୍ରଶ୍ନ କଲେ । ଉତ୍ତରରେ ସେ କହିଲା, ଆଜ୍ଞା ଯଦି ମୁଁ କୃତଜ୍ଞତା ଜ୍ଞାପନ କରେ ତେବେ ଭଲ ଅଛି । ନବୀ କରୀମ୍ ସ.ଅ ନୀରବ ରହିଲେ । ସେ ନିବେଦନ କଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଯେତେବେଳେ ଆପଣ ସ.ଅ ପଚାରୁଥିଲେ ଏବଂ ମୁଁ ଉତ୍ତର ଦେଉଥିଲି ସେତେବେଳେ ଆପଣ ସ.ଅ ଏହି ଦୁଆ ଦେଉଥିଲେ । ଆଉ ଯେତେବେଳେ ମୁଁ ଏହା କହୁଥିଲି ଯେ, ଅଲ୍ଲାଃତାଲାଙ୍କ ପ୍ରଶଂସା କରୁଛି ସେତେବେଳେ ଆପଣ ସ.ଅ ଦୁଆ ଦେଉଥିଲେ ଯେ, ଅଲ୍ଲାଃତାଲା ତୁମକୁ ଭଲରେ ରଖନ୍ତୁ । କିନ୍ତୁ ଆଜି ଆପଣ ନୀରବ ରହିଛନ୍ତି ? ହଜୁର୍ ସ.ଅ କହିଲେ: "ଯେତେବେଳେ ମୁଁ ତୋତେ ପଚାରୁଥିଲି ଏବଂ ତୁ କହୁଥିଲୁ ଯେ ବହୁତ ଭଲ ଅଛି ଏବଂ ଅଲ୍ଲାଃଙ୍କ ପ୍ରଶଂସା କରୁଛି, ମୁଁ ତୋ ପାଇଁ ଦୁଆ କରୁଥିଲି ଯେ, ଅଲ୍ଲାଃ ତୋତେ ଭଲରେ ରଖନ୍ତୁ ଓ ନିଜ ଅନୁଗ୍ରହରେ ଆହୁରି ପୁରସ୍କୃତ କରନ୍ତୁ । କିନ୍ତୁ ଆଜି ତୁ କହିଲୁ ଯେ 'ଯଦି ମୁଁ କୃତଜ୍ଞତା ଜ୍ଞାପନ କରେ' । ଅର୍ଥାତ୍ ତୁ ସେହି ସନ୍ଦେହରେ ପଡ଼ିଗଲୁ ଯେ କୃତଜ୍ଞତା ଜ୍ଞାପନ କଲେ ଠିକ୍ (ଅଲ୍‌ହମ୍‌ଦୁଲିଲ୍ଲାଃ), ନଚେତ୍ ମୋର ଅବସ୍ଥା ଏତେ ବି ଭଲ ନୁହେଁ ଯେ ମୁଁ କହିବି ବହୁତ ଭଲ ଅଛି । ସେଇଥିପାଇଁ ଆଁହଜରତ୍ ସ.ଅ କହିଲେ, ମୁଁ ନୀରବ ହୋଇଗଲି ।" **(ମସ୍‌ନଦ୍ ଇମାମ ଅହମଦ ବିନ୍ ହମ୍ବଲ୍, ମସ୍‌ନଦ୍ ଅନସ୍ ବିନ୍ ମାଲିକ, ଗ୍ରନ୍ଥଖଣ୍ଡ-4, ପୃ-618, ହଦିସ୍ ନଂ-13571)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ସ.ଅ କହିଲେ, ତୁମେ ସନ୍ଦେହରେ ପଡ଼ିଯାଇଥିଲ । ଅର୍ଥାତ୍ ଶଙ୍କାଗ୍ରସ୍ତ ହୋଇ ଯାଇଥିଲ । ତୁମେ ଅଲ୍ଲାଃତାଲାଙ୍କ ବିଷୟରେ ମନରେ କୁଧାରଣା ଭାବ ପୋଷଣ କଲ । ଆପଣ ସ.ଅଙ୍କୁ ଏହା ଆଦୌ ବରଦାସ୍ତ ନଥିଲା ଯେ, କାହା ମନ ମସ୍ତିଷ୍କର ଅଲ୍ଲାଃତାଲାଙ୍କ କୃତଜ୍ଞତା ସଂପର୍କରେ ସାମାନ୍ୟ ମାତ୍ର ସନ୍ଦେହ ବା ନକାରାତ୍ମକ ଚିନ୍ତାଧାରା ଉତ୍ପନ୍ନ ହେଉ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଉସ୍ୱାମା ବିନ୍ ଜୈଦ୍ ର.ଅ ବର୍ଣ୍ଣନା କରିଛନ୍ତି, ରସୁଲୁଲ୍ଲାଃ ସ.ଅ କହିଲେ: "ଯାହା ପ୍ରତି କୌଣସି ଉପକାର କରାଗଲା ଏବଂ ସେ ଉପକାରକାରୀ ବ୍ୟକ୍ତିକୁ 'ଯଜାକଲ୍ଲାହୁ ! ଯଜାକଲ୍ଲାହୁ ଖୈରନ୍' (ଅଲ୍ଲାଃତାଲା ତୁମକୁ ସର୍ବୋତ୍ତମ ପ୍ରତିଫଳ ଦିଅନ୍ତୁ) କହିଲା । ତେବେ ସେ ଉପଯୁକ୍ତ ପ୍ରଶଂସାର କର୍ତ୍ତବ୍ୟ ସମ୍ପାଦନ କରିଦେଲା ।" **(ଜାମିଉତ୍ ତିର୍ମିଜୀ, ଅବ୍‌ୱାବୁଲ୍ ବିର୍ରି ୱସ୍ ସିଲା, ବାବ୍- ମା ଯାଆ ଫସ୍ ସନାଇ ବିଲ୍ ମାଆରୁଫି, ହଦିସ୍ ନଂ-2035)** ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ହ. ଅବୁ ହୁରେରା ର.ଅ ଙ୍କ ଠାରୁ ଏକ ହଦିସର ବର୍ଣ୍ଣନା ବର୍ଣ୍ଣିତ ହୋଇଛି । ରସୁଲୁଲ୍ଲାଃ ସ.ଅ କହିଲେ: "ଯେତେବେଳେ ଅଲ୍ଲାଃତାଲା କୌଣସି ଜାତିକୁ

ମଙ୍ଗଳ ଓ ବରକତ୍ ଦେବାକୁ ଚାହାଁନ୍ତି ସେତେବେଳେ ସେମାନଙ୍କର ଆୟୁ ବଢ଼ାଇ (ବୃଦ୍ଧି କରନ୍ତି) ଦିଅନ୍ତି ଏବଂ ସେମାନଙ୍କୁ କୃତଜ୍ଞତା ପ୍ରକାଶ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତି ।" **(କନଜୁଲ୍ ଉମ୍ମାଲ୍, କିତାବୁଲ୍ ଅଖ୍‌ଲାକ୍, ଗ୍ରନ୍ଥଖଣ୍ଡ-2, ଭାଗ-3, ପୃ-104, ହଦିସ୍ ନଂ-6409 ଦାରୁଲ୍ କୁତୁବୁଲ୍ ଇଲମିୟାହ୍)**

ହୁଜୁର୍ ଅନୱର୍ ଅ.ବ କହିଲେ, ତେଣୁ ଜାତୀୟ ପ୍ରଗତି ପାଇଁ ମଧ୍ୟ କୃତଜ୍ଞତା ଏକାନ୍ତ ଆବଶ୍ୟକ । ସଂପ୍ରଦାୟର ପ୍ରଗତି ନିମନ୍ତେ ମଧ୍ୟ କୃତଜ୍ଞତା ଆବଶ୍ୟକ ଏବଂ ବ୍ୟକ୍ତିଗତ ଉନ୍ନତି ନିମନ୍ତେ ମଧ୍ୟ କୃତଜ୍ଞତା ଏକାନ୍ତ ଆବଶ୍ୟକ । ଅଲ୍ଲାଃତାଲାଙ୍କ ପ୍ରତି କୃତଜ୍ଞତା, ପରସ୍ପର ମଧ୍ୟରେ କୃତଜ୍ଞତା ଏବଂ ପ୍ରତ୍ୟେକ ବ୍ୟକ୍ତି ଠାରୁ କୌଣସି ପ୍ରକାରର ଲାଭ ଯଦି ମିଳିଥାଏ ତେବେ ତା' ପ୍ରତି କୃତଜ୍ଞ ହେବା ନିହାତି ଜରୁରୀ ଅଟେ ଏବଂ ଏହା ହିଁ ଜାତୀୟ ଏକତାର କାରଣ ସାଜିଥାଏ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ କୃତଜ୍ଞତାର ସଠିକ୍ ଅନୁଭୂତି ସୃଷ୍ଟି କରିବା ପାଇଁ ଆପଣ ସ.ଅ ଏକ ବର୍ଣ୍ଣନାରେ ଯେଉଁ ସୁନ୍ଦର ଉପଦେଶ ଦେଇଛନ୍ତି ତାହାର ଚର୍ଚ୍ଚା ଏହିପରି ମିଳେ: "ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି, ମୋତେ ରସୁଲୁଲ୍ଲାଃ ସ.ଅ ପ୍ରାୟତଃ (ଅନେକ ସମୟରେ) ଏହା ପଚାରୁଥିଲେ ଯେ, ହେ ଆଏଶା ! ତୁମ କବିତାର କ'ଣ ହେଲା ? ଅର୍ଥାତ୍ କିଛି କବିତା ଶୁଣାଅ (ହ. ଆଏଶା ର.ଅଙ୍କୁ ଅନେକ କବିତା ମନେଥିଲା, ସେ ଶୁଣାଉଥିଲେ) । ତେବେ ମୁଁ କହିଲି ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କେଉଁ କବିତା ? ଅନେକ କବିତା ମୋର ମନେଅଛି । ହଜୁର ସ.ଅ କହିଲେ, କୃତଜ୍ଞତା ବିଷୟରେ କିଛି କବିତା ଶୁଣାଅ । ତେବେ ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋର ପିତାମାତା ଆପଣଙ୍କ ପାଇଁ ଉତ୍ସର୍ଗ ହୁଅନ୍ତୁ ! କବି କହେ: "ତୁ ସେହି ଦୁର୍ବଳର ସାହାରା ହୋ, ଯାହାର ଦୁର୍ବଳତା ତୋତେ କିଛି ପ୍ରତିଫଳ ଦେଇପାରିବ ନାହିଁ । ଦିନେ ତୁ ଦେଖିବୁ ଯେ ଏହାର ପରିଣାମ ଅବଶ୍ୟ ପ୍ରକାଶ ପାଇବ ।" କେବଳ ପ୍ରତିଫଳ ପାଇବା ପାଇଁ ସାହାରା ହୁଅ ନାହିଁ ବରଂ ତାହାର ସାହାରା ହୁଅ ଯିଏ ତୁମକୁ କିଛି ପ୍ରତିଫଳ ଦେଇପାରିବ ନାହିଁ ଏବଂ ତା'ପରେ ଦେଖିବ ଯେ ଏହାର ଶୁଭ ଫଳ ଅବଶ୍ୟ ପ୍ରକାଶ ପାଇବ । ଏହା ହିଁ କବି କହିଛି । ପୁନଶ୍ଚ ସେହି ଦୁର୍ବଳ ବ୍ୟକ୍ତି କେବେ ନା କେବେ ତୋତେ ଏହାର ପ୍ରତିଫଳ ଅବଶ୍ୟ ଦେବ ନଚେତ୍ ତୋର ପ୍ରଶଂସା କରିବ । ସେହିପରି ଯିଏ ତୋର ଏହି ଉପକାର ପାଇଁ ତୋର ପ୍ରଶଂସା କରେ, ସେ ଯେପରି ଏହି ଉପକାରର ପ୍ରତିଫଳ ଶୁଝିଦେଲା । **'ଅଲ୍‌ହମ୍‌ଦୁଲିଲ୍ଲାଃ'** କିମ୍ବା ଧନ୍ୟବାଦ କହିଦେଲା, ତେବେ ସେ ମଧ୍ୟ ଉପକାରର ପ୍ରତିଫଳ ଶୁଝିଦେଲା। ପୁଣି ସେହି କବିତାରେ ଆପଣ ର.ଅ (ହ. ଆଏଶା ର.ଅ) ଏହା ବର୍ଣ୍ଣନା କରନ୍ତି: 'ଯେତେବେଳେ ତୁ କୌଣସି ସମ୍ମାନିତ ବ୍ୟକ୍ତି ସହ ସମ୍ପର୍କ ଯୋଡ଼ିବାର (ସିଲା ରେହମି) ଇଚ୍ଛା ପ୍ରକାଶ କରିବୁ ସେତେବେଳେ ତୁ ତାହାର ଦଉଡ଼ିକୁ ଦୁର୍ବଳ ବା ଜୀର୍ଣ୍ଣ ପାଇବୁ ନାହିଁ।' ସମ୍ପର୍କ ଯୋଡ଼ିବ ତ' ଏହା ନୁହେଁ ଯେ ତୁମେ କୌଣସି ଦୁର୍ବଳ ଦଉଡ଼ିକୁ ଧରିଛ, ବରଂ ତାହା ମଜବୁତ୍ ଦଉଡ଼ି, କାରଣ ଅଲ୍ଲାଃତାଲା ଏହାର ପୁରସ୍କାର ଦେବେ । ହ. ଆଏଶା ର.ଅ କୁହନ୍ତି ଯେ, ଯେତେବେଳେ ମୁଁ ଏହି କବିତା ଶୁଣାଇଲି ସେତେବେଳେ ଆପଣ ସ.ଅ କହିଲେ, ହେ ଆଏଶା ! ଏହା ସମ୍ପୂର୍ଣ୍ଣ ଠିକ୍ । ମୋତେ ଜିବ୍ରାଇଲ୍ ଅ.ସ କହିଛନ୍ତି ଯେ ଅଲ୍ଲାଃତାଲା ପ୍ରଳୟ ଦିବସ ଦିନ ସୃଷ୍ଟିଜଗତକୁ ଯେତେବେଳେ ଏକାଠି କରିବେ ସେତେବେଳେ ଅଲ୍ଲାଃତାଲା ନିଜର ଜଣେ ଭକ୍ତକୁ ପଚାରିବେ ଯେ, ହେ ଭକ୍ତ ! ମୋର ଜଣେ ଭକ୍ତ ତୋ ପ୍ରତି ଉପକାର କରିଥିଲା ତୁ କ'ଣ ତାକୁ ଧନ୍ୟବାଦ ଦେଇଥିଲୁ (ତୁ ତା'ର କୃତଜ୍ଞତା ଜ୍ଞାପନ କରିଥିଲୁ) ? ସେ ଉତ୍ତରରେ କହିବ, ହେ ମୋର ପ୍ରଭୁ ! ମୋତେ ଜଣାଥିଲା ଯେ, ଏହା ଆପଣଙ୍କ ତରଫରୁ ହିଁ ଉପକାର ଅଟେ । ସେଥିପାଇଁ ମୁଁ ଆପଣଙ୍କୁ ଧନ୍ୟବାଦ ଜଣାଇଥିଲି । ସେହି ଭକ୍ତକୁ ତ' ଦେଇନଥିଲି, କିନ୍ତୁ ଆପଣଙ୍କୁ ଧନ୍ୟବାଦ ଜଣାଇଥିଲି ବା କୃତଜ୍ଞତା ଜ୍ଞାପନ କରିଥିଲି । ପ୍ରତ୍ୟୁତ୍ତରରେ ଅଲ୍ଲାଃତାଲା କହିବେ: 'ହେ ଭକ୍ତ ଯଦି ତୁ ସେହି ବ୍ୟକ୍ତିକୁ ଧନ୍ୟବାଦ ଜଣାଇ ନାହୁଁ ଯାହା ମାଧ୍ୟମରେ ମୁଁ ତୋ ପ୍ରତି ଉପକାର କରିଥିଲି, ତେବେ ତୁ ମୋତେ ମଧ୍ୟ ଧନ୍ୟବାଦ ଜଣାଇ ନାହୁଁ ।' **(କନ୍‌ଜୁଲ୍ ଉମ୍ମାଲ୍, କିତାବୁଲ୍ ଅଖ୍‌ଲାକ୍, ଗ୍ରନ୍ଥଖଣ୍ଡ-2, ପୃ-297, ହଦିସ୍ ନଂ-8621, ଦାରୁଲ୍ କୁତୁବୁଲ୍ ଇଲମିୟାହ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏକ ସୁନ୍ଦର ଓ ସୁସ୍ଥ ସମାଜ ଗଠନ ପାଇଁ ଏହା କେତେ ସୁନ୍ଦର କାର୍ଯ୍ୟ ଅଟେ । ପୁନଶ୍ଚ କୃତଜ୍ଞତାର ଦୁଆ (ପ୍ରାର୍ଥନା) ଶିଖାଇ ଆପଣ ସ.ଅ କୁହନ୍ତି: ହ. ଅବ୍‌ଦୁଲ୍ଲାଃ ବିନ୍ ଗନ୍ନାମ୍ ବୟାଜୀ ର.ଅଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ: ଯେଉଁ ବ୍ୟକ୍ତି ସକାଳେ ଏହି ଦୁଆ କରେ ଯେ, "ହେ ଅଲ୍ଲାଃ! ଯେଉଁ ଅନୁଗ୍ରହ ସହ ମୋର ସକାଳ ହୋଇଛି, ତାହା କେବଳ ଆପଣଙ୍କ ତରଫରୁ ହିଁ ଉଦ୍ଦିଷ୍ଟ ଅଟେ । ତୁମ୍ଭର କେହି ବି ସମକକ୍ଷ ନୁହନ୍ତି । ସକଳ ପ୍ରଶଂସା ଏବଂ କୃତଜ୍ଞତା କେବଳ ତୁମ୍ଭ ପାଇଁ ହିଁ ଉଦ୍ଦିଷ୍ଟ ଅଟେ ।" ତେବେ ସେହି ବ୍ୟକ୍ତି ନିଜ ଦିନର କୃତଜ୍ଞତା ଜ୍ଞାପନ କରିଦେଲା ଏବଂ ଯେତେବେଳେ ସନ୍ଧ୍ୟା ହୁଏ ଏବଂ ସେ ସେହିପରି କୁହେ ସେତେବେଳେ ସେ ନିଜ ରାତିର କୃତଜ୍ଞତା ମଧ୍ୟ ଜ୍ଞାପନ କରିଦେଲା । **(ସୁନନ୍ ଅବୁ ଦାଉଦ୍, କିତାବୁଲ୍ ଅଦବ୍, ବାବ୍-ମା ୟକୁଲୁ ଇଡା ଅସ୍‌ବହା ହଦିସ୍ ନଂ-5073)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ଆଉ ଏକ ବର୍ଣ୍ଣନା ରହିଛି । ହ. ମୁଆଜ୍ ବିନ୍ ଜବଲ୍ ର.ଅଙ୍କ ଠାରୁ ବର୍ଣ୍ଣିତ ଯେ, ରସୁଲୁଲ୍ଲାଃ ସ.ଅ ତାଙ୍କ ହାତ ଧରି କହିଲେ: "ହେ ମୁଆଜ୍ ! ଈଶ୍ୱରଙ୍କ ଶପଥ କରି କହୁଛି ! ନିଃସନ୍ଦେହ ରୂପେ ମୁଁ ତୁମକୁ ଭଲପାଏ। ଆପଣ ସ.ଅ ପୁନଶ୍ଚ କହିଲେ, ହେ ମୁଆଜ୍ ! ମୁଁ ତୁମକୁ ନିର୍ଦ୍ଦେଶ ଦେଉଛି (ତାଗିଦ୍ କରୁଛି) ଯେ, ତୁମେ ପ୍ରତ୍ୟେକ ନମାଜ୍ ପରେ ଏହା କହିବା କଦାପି ପରିତ୍ୟାଗ କରିବ (ଛାଡ଼ିବ) ନାହିଁ । ବରଂ ତୁମେ ଏହା କୁହ ଯେ, 'اَللّٰھُمَّ اَعِنِّیْ عَلٰی ذِکْرِکَ وَشُکْرِکَ وَحُسْنِ عِبَادَتِکَ' ଅର୍ଥାତ୍ ହେ ଅଲ୍ଲାଃ ! ତୁମ୍ଭର ଜପ ତଥା ତୁମ୍ଭର ନାମ ସ୍ମରଣ, ତୁମ୍ଭର କୃତଜ୍ଞତା ଏବଂ ତୁମ୍ଭର ଉତ୍ତମ ଉପାସନା ପାଇଁ ତୁମ୍ଭେ ମୋତେ ସାହାଯ୍ୟ କର । **(ସୁନନ୍ ଅବୁ ଦାଉଦ୍, କିତାବୁଲ୍ ୱିତ୍ରି, ବାବ୍- ଫିଲ୍ ଇସ୍ତିଗ୍‌ଫାରି, ହଦିସ୍ ନଂ-1522)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଆଉ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ,, ଅବୁ ଅଲା ବିନ୍ ଶିଖ୍‌ଖୀର୍ ବନୂ ହନ୍‌ଜଲା ସମ୍ପ୍ରଦାୟର ଜଣେ ବ୍ୟକ୍ତିଙ୍କଠାରୁ ବର୍ଣ୍ଣନା କରିଛନ୍ତି, ସେ କହିଲେ ଯେ ମୁଁ ହ. ଶଦ୍ଦାଦ୍ ବିନ୍ ଔସ୍ ର.ଅ ଙ୍କ ସହ ଯାତ୍ରାରେ ଥିଲି। ସେ କହିଲେ, ହେ ଶଦ୍ଦାଦ୍ ! ମୁଁ କ'ଣ ତୁମକୁ ସେହି କଥା ଶିଖାଇବି ନାହିଁ ଯାହା ରସୁଲୁଲ୍ଲାଃ ସ.ଅ ଆମକୁ ଶିଖାଇଥିଲେ ଏବଂ ତାହା ଏହିକି ଯେ, ତୁମେ କୁହ "ହେ ଅଲ୍ଲାଃ ! ମୁଁ ତୁମ୍ଭ ଠାରୁ ପ୍ରତ୍ୟେକ କାର୍ଯ୍ୟରେ ଦୃଢ଼ତା ଚାହେଁ, ସତ୍‌ମାର୍ଗରେ ଦୃଢ଼ ରହିବା ପାଇଁ ପ୍ରର୍ଥନା କରୁଛି, ତୁମ୍ଭର ଅନୁଗ୍ରହ ପାଇଁ କୃତଜ୍ଞତା ପ୍ରାପ୍ତି ନିମନ୍ତେ ଭିକ୍ଷା କରୁଛି, ତୁମ୍ଭର ଉତ୍ତମ ଉପାସନା, ସତ୍ୟ କହୁଥିବା ଜିଭ ଏବଂ ପବିତ୍ର ତଥା ସତ୍‌ହୃଦୟ ପାଇଁ ତୁମ୍ଭର ଶରଣ ଭିକ୍ଷା କରୁଛି । ହେ ଅଲ୍ଲାଃ ମୁଁ ତୁମ୍ଭ ଠାରୁ ତୁମ୍ଭର ପୁରସ୍କାର ଯୋଗୁଁ କୃତଜ୍ଞତା ଜ୍ଞାପନକାରୀ ହେବା ନିମନ୍ତେ ପ୍ରାର୍ଥନା ଭିକ୍ଷା କରୁଛି ଓ ତୁମ୍ଭର ଉପାସନା, ତୁମ୍ଭ ସମ୍ମୁଖରେ ସତ କହିବାର ତୁଣ୍ଡ ଭିକ୍ଷା କରୁଛି । ତୁମ୍ଭ ଠାରୁ ଦୟା ଭିକ୍ଷା କରୁଛି ଏବଂ ତୁମ୍ଭେ ଯାହା ଜାଣିଛ ତାହା ଠାରୁ ମଧ୍ୟ ମୁଁ କ୍ଷମା ଓ ଦୟା ଭିକ୍ଷା କରୁଛି । ଅର୍ଥାତ୍ ଅଲ୍ଲାଃତାଲାଙ୍କ ଠାରୁ ଏବଂ ସଂସାରର ପ୍ରତ୍ୟେକ ବ୍ୟକ୍ତି ଠାରୁ ଦୟା, କ୍ଷମା ଭିକ୍ଷା କରୁଛି ଯାହା ମନୁଷ୍ୟର ଲାଭ ପହଞ୍ଚାଇଥାଏ । ନିଃସନ୍ଦେହ ରୂପେ ତୁମ୍ଭେ ଆଦୃଷ୍ଟ ପ୍ରସଙ୍ଗ ସଂପର୍କରେ ସର୍ବଜ୍ଞ ଓ ଅନ୍ତର୍ଯାମୀ ଅଟେ ।" **(ଜାମିଉତ୍ ତିର୍ମିଜୀ, ଅବ୍‌ୱାବୁଦ୍ ଦାୱାତ୍, ବାବ୍-ଅଲ୍ଲାଃହୁମ୍ମା ଇନ୍ନି ଅସ୍‌ଅଲୁକା.....ଶେଷ ପର୍ଯ୍ୟନ୍ତ, ହଦିସ୍ ନଂ-3407)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, କାରଣ ଅଲ୍ଲାଃତାଲା ହିଁ ଜାଣନ୍ତି କିଏ ଲାଭଦାୟକ ଏବଂ କିଏ ଲାଭଦାୟକ ନୁହେଁ । ସେଇଥିପାଇଁ ଅଲ୍ଲାଃତାଲାଙ୍କ ନିକଟରେ ଏହି ଦୁଆ କରାଗଲା ଯେ, ହେ ଅଲ୍ଲାଃ ! ତୁମ୍ଭେ ମୋ ପ୍ରତି ସବୁକିଛି ଦୟା କର ଏବଂ ପ୍ରତ୍ୟେକ ସେହି ଜିନିଷରେ ଯାହା ତୁମ୍ଭ ଦ୍ୱାରା ସୃଷ୍ଟ ଓ ଯାହା ମୋର ହିତ (ଲାଭ) ସକାଶେ ଉଦ୍ଦିଷ୍ଟ ସେଥିରେ ମୋ ପାଇଁ କଲ୍ୟାଣ ନିହିତ ରଖ । ପୁନଶ୍ଚ ଦିନେ ଆଁହଜରତ୍ ସ.ଅ ଏହି ଦୁଆ ଶିଖାଇଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଅବୁ ସଇଦ୍ ର.ଅଙ୍କ ଠାରୁ ବର୍ଣ୍ଣିତ ଯେ, ଜଣେ ବ୍ୟକ୍ତି କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ସ.ଅ ! ନମାଜରେ ମୁଁ କେଉଁ ଦୁଆ ପାଠ କରିବା ଦ୍ୱାରା ମୋ ପକ୍ଷେ ସବୁଠାରୁ ଉତ୍ତମ ହେବ ? ଆପଣ ସ.ଅ କହିଲେ, ତୁମେ କୁହ: 'اَللّٰھُمَّ لَکَ الْحَمْدُ کُلُّہٗ وَلَکَ الشُّکْرُ کُلُّہٗ وَلَکَ الْمُلْکُ کُلُّہٗ وَلَکَ الْخَلْقُ کُلُّہٗ وَاِلَیْکَ یَرْجِعُ الْاَمْرُ کُلُّہٗ نَسْئَلُکَ مِنَ الْخَیْرِ وَاَعُوْذُبِکَ مِنَ الشَّرِّ کُلِّہٖ' ଅର୍ଥାତ୍ ହେ ଅଲ୍ଲାଃ ! ସକଳ ପ୍ରଶଂସା ତୁମ୍ଭ ପାଇଁ ଉଦ୍ଦିଷ୍ଟ ଅଟେ, ସମସ୍ତ କୃତଜ୍ଞତା ତୁମ୍ଭ ନିମନ୍ତେ ଉଦ୍ଦିଷ୍ଟ ଅଟେ, ସମସ୍ତ ରାଜତ୍ୱ ଆପଣଙ୍କର, ସମସ୍ତ ସୃଷ୍ଟି ଆପଣଙ୍କର ଏବଂ ପ୍ରତ୍ୟେକ ପ୍ରସଙ୍ଗ ଆପଣଙ୍କ ନିକଟକୁ ହିଁ ପ୍ରତ୍ୟାବର୍ତ୍ତନ କରିଥାଏ । ଆମେ ଆପଣଙ୍କ ଠାରୁ ସମସ୍ତ ମଙ୍ଗଳ ଓ କଲ୍ୟାଣ କାମନା କରୁଛୁ ଏବଂ ପ୍ରତ୍ୟେକ ଅମଙ୍ଗଳରୁ ଆପଣଙ୍କ ଶରଣ ଭିକ୍ଷା କରୁଛୁ । **(ଜମ୍‌ଉଲ୍ ଜୱାମି, ଗ୍ରନ୍ଥଖଣ୍ଡ-15, ପୃ-571-572, ହଦିସ୍- 15222, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 2016 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସ୍ୱୟଂ ଆଁହଦରତ୍ ସ.ଅଙ୍କ ନିଜ ଦୁଆ ସଂପର୍କରେ ଏକ ବର୍ଣ୍ଣନାରେ ଏହିପରି ଚର୍ଚ୍ଚା ମିଳେ ଯେ, ହ. ଇବ୍‌ନେ ଅବବାସ ର.ଅ ବର୍ଣ୍ଣନା କରନ୍ତି ଯେ ନବୀ କରୀମ୍ ସ.ଅ ନିଜ ଦୁଆରେ ଏହା କହୁଥିଲେ ଯାହାର ଅନୁବାଦ ନିମ୍ନରେ ପ୍ରଦାନ କରାଗଲା: "ହେ ମୋର ପ୍ରଭୁ ! ତୁମ୍ଭେ ମୋତେ ସାହାଯ୍ୟ କର, ମୋ ବିରୁଦ୍ଧରେ କାହାରିକୁ ସାହାଯ୍ୟ କର ନାହିଁ । ମୋତେ ହିଁ ସାହାଯ୍ୟ କର ଏବଂ ମୋ ବିପକ୍ଷରେ କାହାକୁ ବିଜୟୀ କର ନାହିଁ । ମୋ ପାଇଁ ଉପାୟ କର ଏବଂ ମୋ ବିରୁଦ୍ଧରେ

---

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

---

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Bhadrak (Odisha)

ଷଡ଼ଯନ୍ତ୍ର ହେବାକୁ ଦିଅ ନାହିଁ । ମୋତେ ସନ୍ମାର୍ଗ (ସତ୍‌ମାର୍ଗ) ଦେଖାଅ ଏବଂ ମୋ ପାଇଁ ସନ୍ମାର୍ଗକୁ ସହଜ କରିଦିଅ । ମୋ ପ୍ରତି ଅତ୍ୟାଚାର କରିଥିବା ବ୍ୟକ୍ତି ବିପକ୍ଷରେ ମୋତେ ସାହାଯ୍ୟ କର । ହେ ଅଲ୍ଲାଃ ! ମୋତେ ତୁମ୍ଭର କୃତଜ୍ଞ, ତୁମ୍ଭର ସ୍ମରଣକାରୀ, ତୁମ୍ଭକୁ ଭୟ କରୁଥିବା, ତୁମ୍ଭର ଆଜ୍ଞାକାରୀ, ତୁମ୍ଭ ପ୍ରତି ସମ୍ପୂର୍ଣ୍ଣ ସମର୍ପିତ, ଆନତ ଓ ଉତ୍ସର୍ଗୀକୃତ ଭକ୍ତ କରିଦିଅ । ହେ ମୋର ପ୍ରଭୁ ! ମୋର ତୌବା (ଅନୁତାପ, କ୍ଷମାଯାଚନାକୁ) ସ୍ୱୀକାର କର, ମୋର ଭୁଲ୍ (ଦୋଷ ଦୁର୍ବଳତାକୁ) ଧୋଇ ଦିଅ, ମୋର ଦୁଆକୁ ସ୍ୱୀକାର କର, ମୋର ପ୍ରମାଣକୁ ଦୃଢ଼ କର, ମୋ ହୃଦୟକୁ ସତ୍‌ପଥ ଦେଖାଅ, ମୋ ଜିଭକୁ ସତ୍ୟବାଦୀ କରିଦିଅ ଏବଂ ମୋ ହୃଦୟରୁ ହିଂସା, ଶତ୍ରୁତାକୁ ଦୂର କରିଦିଅ ।" **(ସୁନନ୍ ଅବୁଦାଉଦ୍, କିତାବୁଲ୍ ୱିତ୍ର, ବାବ୍-ମା ୟକୁଲୁର୍ ରଜୁଲ୍, ଇଜା ସଲ୍ଲମା, ହଦିସ୍-1510)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ସ.ଅଙ୍କ ହୃଦୟ ପ୍ରତ୍ୟେକ ଜିନିଷ ଠାରୁ ପବିତ୍ର ଥିଲା ଏବଂ ଅଲ୍ଲାଃତାଲାଙ୍କ ପ୍ରତି ସମ୍ପୂର୍ଣ୍ଣ ଭାବେ ଆନତ ହୋଇ ପଡ଼ିଥିଲା । ଏହି ଦୁଆ ଆପଣ ସ.ଅ ନିଜ ପାଇଁ ତ' କରୁଥିଲେ । ବାସ୍ତବରେ ଆପଣ ସ.ଅ ଏହି ଦୁଆ ଆମମାନଙ୍କୁ ଶିଖାଇଛନ୍ତି ଯେ, ମୋର ଅନୁଗାମୀମାନେ ନିଜ ହୃଦୟକୁ ପବିତ୍ର ରଖିବା ପାଇଁ ଏହିପରି ଦୁଆ କରିବା ଉଚିତ୍ ଏବଂ ଅଲ୍ଲାଃତାଲାଙ୍କ କୃପା ଭିକ୍ଷା କରିବା ଉଚିତ୍ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଅବୁ ହୁରୈରା ର.ଅ ବର୍ଣ୍ଣନା କରନ୍ତି ଯେ, ଏକ ଦୁଆ ରହିଛି ଯାହା ମୁଁ ରସୁଲୁଲ୍ଲାଃ ସ.ଅଙ୍କ ଠାରୁ ଶୁଣି ମନେ ରଖିଛି, ମୁଁ ସେହି ଦୁଆ ପାଠ କରିବାକୁ କଦାପି ଛାଡୁ ନାହିଁ । ଅତଏବ୍ ସେହି ଦୁଆଟି ଏହିପରି ଯେ, "ହେ ଅଲ୍ଲାଃ ! ତୁମ୍ଭେ ମୋତେ ଏପରି କରିଦିଅ ଯେ, ମୁଁ ତୁମ୍ଭର ଅସଂଖ୍ୟ କୃତଜ୍ଞତା ଜ୍ଞାପନ କରିବି, ଅଧିକରୁ ଅଧିକ ତୁମ୍ଭକୁ ସ୍ମରଣ କରିବି, ତୁମ୍ଭର ତାଗିଦ୍‌ମୂଳକ ଉପଦେଶକୁ ମନେରଖିବି ।" **(ଜାମିଉତ୍-ତିର୍ମିଜୀ, ଅବ୍‌ୱାବୁଦ୍ ଦାୱାତ୍ ଅନ୍ ରସୁଲୁଲ୍ଲାଃହି ସ.ଅ. ବାବ୍- ଦୁଆଇ ଅଲ୍ଲାଃହୁମ୍ମା ଯାଆଲନି, ଆଜମୁ ଶୁକ୍ରିକା, ହଦିସ୍ ନଂ- 3604)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହି ଦୁଆ ମଣିଷ ପ୍ରତିଦିନ କଲେ ଭୁଲ୍ ଚିନ୍ତା ଆଉ ମନରେ ଆସିବ ନାହିଁ, ମଣିଷ ଆଉ ଭୁଲ୍ କାମ କରିବ ନାହିଁ । କେବଳ ସେହି କାମ ହିଁ କରିବ ଯାହା ଅଲ୍ଲାଃତାଲା ଆଦେଶ ଦେଇଛନ୍ତି । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଅବୁ ହୁରୈରା ର.ଅଙ୍କ ଠାରୁ ବର୍ଣ୍ଣିତ ଯେ, ରସୁଲୁଲ୍ଲାଃ ସ.ଅ କହିଲେ: ଯେଉଁ ବ୍ୟକ୍ତି କୌଣସି ବିପଦାଗ୍ରସ୍ତ ବା ପରୀକ୍ଷା ପ୍ରପୀଡ଼ିତ ଲୋକକୁ ଦେଖି ଏହି ଦୁଆ କରେ, ତେବେ ସେ ଅନୁଗ୍ରହର କୃତଜ୍ଞତା ଜ୍ଞାପନ କରିଦେଲା। ସେହି ଦୁଆଟି ହେଉଛି: "ସକଳ ପ୍ରଶଂସା ଅଲ୍ଲାଃତାଲାଙ୍କ ପାଇଁ ଉଦ୍ଦିଷ୍ଟ ଯିଏ ମୋତେ ସେହି ବିପଦରୁ ସୁରକ୍ଷିତ ରଖିଛନ୍ତି । ସେହି ବିପଦ ମାଧ୍ୟମରେ ଅଲ୍ଲାଃତାଲା ତୁମ୍ଭକୁ ପରୀକ୍ଷା କଲେ ଏବଂ ମୋତେ ତୁମ୍ଭ ଉପରେ ଓ ନିଜର ସମସ୍ତ ଜୀବଜଗତ ଉପରେ ଶ୍ରେଷ୍ଠତା ପ୍ରଦାନ କରିଛନ୍ତି ।" **(କିତାବୁସ୍ ଶୁକ୍ର, ଇବ୍‌ନେ ଅବି ଦୁନିୟା, ପୃଷ୍ଠା-55, ମକ୍‌ତବା ଅତ୍ ତୁରାସୁଲ୍ ଇସ୍‌ଲାମୀ, 1994 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, କୌଣସି ବ୍ୟକ୍ତିକୁ କଷ୍ଟରେ ଦେଖି ଏହି ଦୁଆ ମଧ କରିବା ଉଚିତ୍ ଯେ,ମୁଁ ଅଲ୍ଲାଃଙ୍କ କୃତଜ୍ଞ ଯେ, ସେ ମୋତେ ଏହିସବୁ କଷ୍ଟରୁ ସୁରକ୍ଷିତ ରଖିଛନ୍ତି । ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଯେତେବେଳେ କିଛି ଦେଖୁଥିଲେ ଯାହା ଆପଣଙ୍କୁ ପସନ୍ଦ ଆସୁଥିଲା ସେତେବେଳେ ଆପଣ ସ.ଅ କହୁଥିଲେ: 'الحمد لله الذي بنعمته تتم الصالحات' (ସକଳ ପ୍ରଶଂସା ଅଲ୍ଲାଃତାଲାଙ୍କ ପାଇଁ ଉଦ୍ଦିଷ୍ଟ, ଯାହାଙ୍କ ଅନୁଗ୍ରହରେ ସମସ୍ତ ସତ୍‌କର୍ମ ସମ୍ପୂର୍ଣ୍ଣ ହୁଏ । ଯେତେବେଳେ ଆପଣ ସ.ଅ କିଛି ଅପ୍ରିତୀକର ପ୍ରସଙ୍ଗ ଦେଖୁଥିଲେ ସେତେବେଳେ ଆପଣ ସ.ଅ କହୁଥିଲେ: 'الحمد لله على كل حال' ଅର୍ଥାତ୍ ପ୍ରତ୍ୟେକ ପରିସ୍ଥିତିରେ ସକଳ ପ୍ରଶଂସା ଅଲ୍ଲାଃତାଲାଙ୍କ ପାଇଁ ଉଦ୍ଦିଷ୍ଟ । **(ସୁନନ୍ ଇବ୍‌ନେ ମାଜା, କିତାବୁଲ୍ ଅଦବ୍, ବାବ୍-ଫଜଲୁଲ୍ ହାମିଦିନ୍, ହଦିସ୍-3803)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଅନସ୍ ର.ଅ କୁହନ୍ତି, ଆମେମାନେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଥିଲୁ ଏବଂ ବର୍ଷା ଆରମ୍ଭ ହୋଇଗଲା । ଆପଣ ସ.ଅ ନିଜ ମୁଣ୍ଡରୁ କପଡ଼ା ହଟାଇଦେଲେ ଏପର୍ଯ୍ୟନ୍ତ କି ବର୍ଷା ଟୋପା ଆପଣ ସ.ଅଙ୍କ ଉପରେ ପଡ଼ିଲା। ଆମେ କହିଲୁ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଏପରି କାହିଁକି କହିଲେ? ଆପଣ ସ.ଅ କହିଲେ: "ଯେହେତୁ ଏହା ମହାନ୍ ପ୍ରଭୁଙ୍କ ନିକଟରୁ ସଦ୍ୟ ସଦ୍ୟ ଆସିଛି । ତେଣୁ ଏହାର କୃତଜ୍ଞତା ସ୍ୱରୂପ ମୁଁ ଏହି ଟୋପାଗୁଡ଼ିକୁ ଗ୍ରହଣ କଲି ।" **(ସହୀ ମୁସଲିମ୍, କିତାବୁ ସଲାତିଲ୍ ଇସ୍‌ତିସ୍‌କା, ବାବ୍- ଅଦ ଦୁଆଇ, ଫିଲ୍ ଇସ୍ତିସ୍କାଇ, ହଦିସ୍ ନଂ- 1485, ଗ୍ରନ୍ଥଖଣ୍ଡ-4, ପୃ-54-55, ନୁର୍ ଫାଉଣ୍ଡେସନ୍)** ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି, ରସୁଲୁଲ୍ଲାଃ ସ.ଅ ଏବଂ ଆପଣଙ୍କ ସାଥୀମାନେ ମେଘରୁ ବର୍ଷୁଥିବା ପ୍ରଥମ ଟୋପା ପାଇଁ ନିଜ ମୁଣ୍ଡ ଖୋଲି ଦେଉଥିଲେ ଏବଂ ରସୁଲୁଲ୍ଲାଃ ସ.ଅ କହୁଥିଲେ ଯେ, ମୋର ପାଳନକର୍ତ୍ତାଙ୍କ ନିକଟରୁ ଏହି ନୂତନ ଅନୁଗ୍ରହ ଆସିଅଛି ଏବଂ ତାହା ସର୍ବାଧିକ କଲ୍ୟାଣପୂର୍ଣ୍ଣ ଅଟେ । **(କନ୍‌ଜୁଲ୍ ଉମ୍ମାଲ୍, ଗ୍ରନ୍ଥଖଣ୍ଡ-1, ଭାଗ-2, ପୃ-267, କିତାବୁଲ୍ ଅଜ୍‌କାର୍, କିସ୍‌ମୁଲ୍ ଅଫ୍‌ଆଲ୍, ଔକାତୁଲ୍ ଇଜାବାତି, ହଦିସ୍ ନଂ-4963, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏପରି କୌଣସି ଅବସର ନଥିଲା ଯେଉଁଠି ଆପଣ ସ.ଅ ଅଲ୍ଲାଃତାଲାଙ୍କ କୃତଜ୍ଞତା ଜ୍ଞାପନ କରି ନାହାନ୍ତି । ଏପର୍ଯ୍ୟନ୍ତକି ପ୍ରକାଶ୍ୟ ରୂପେ ମଧ ଛୋଟରୁ ଅତି ଛୋଟ କଥା ଉପରେ ମଧ ଆପଣ ସ.ଅ କୃତଜ୍ଞତା ଜ୍ଞାପନ କରୁଥିଲେ । ସୁତରାଂ ହ. ମାଲିକ୍ ର.ଅ ବର୍ଣ୍ଣନା କରନ୍ତି ଯେ, ହୁଜୁର୍ ସ.ଅ ଯେତେବେଳେ ବୈତୁଲ୍ ଖଲାରୁ (ଶୌଚାଳୟରୁ) ବାହାରକୁ ଆସୁଥିଲେ ସେତେବେଳେ ଆପଣ ଅ.ସ ଏହି ଦୁଆ କରୁଥିଲେ:'الحمد لله الذي أذهب عني الأذى وعافاني' ଅର୍ଥାତ୍ ସକଳ ପ୍ରଶଂସା ସେହି ଅଲ୍ଲାଃତାଲାଙ୍କ ପାଇଁ ଉଦ୍ଦିଷ୍ଟ ଯିଏ ମୋ ଠାରୁ କ୍ଷତିକାରକ ଜିନିଷ ଦୂର କଲେ ଏବଂ ମୋତେ ଆରୋଗ୍ୟ ତଥା ସ୍ୱାସ୍ଥ୍ୟ ପ୍ରଦାନ କଲେ । **(ସୁନନ୍ ଇବ୍‌ନେ ମାଜା, କିତାବୁତ୍ ତାହାରତ୍, ବାବ୍-ମା ୟକୁଲୁ ଇଜା ଖରଜା ମିନଲ୍ ଖଲାଇ ହଦିସ୍ ନଂ-301)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଜୈଦ୍ ବିନ୍ ଖାଲିଦ୍ ଜୁହ୍‌ନୀ ର.ଅ ବର୍ଣ୍ଣନା କରନ୍ତି, ହୁଦେବିୟା ଠାରେ ରାତିରେ ବର୍ଷା ହେବା ପରେ ନବୀ କରୀମ୍ ସ.ଅ ସକାଳ ନମାଜ ପାଠ କରାଇଲେ । ନମାଜ୍ ସରିବା ପରେ ଲୋକଙ୍କ ଆଡ଼କୁ ମୁହଁ କରି କହିଲେ: "ତୁମେ ଜାଣିଛ ତୁମ ପ୍ରଭୁ କ'ଣ କହିଛନ୍ତି ?" ଲୋକେ କହିଲେ, ଅଲ୍ଲାଃ ଏବଂ ତାହାଙ୍କ ବାର୍ତ୍ତାବହ ସବୁଠାରୁ ଭଲ ଭାବରେ ଜାଣନ୍ତି । ଆପଣ ସ.ଅ କହିଲେ: "ଅଲ୍ଲାଃତାଲା କହିଛନ୍ତି ଯେ, ଆଜି ସକାଳେ ମୋର କିଛି ଭକ୍ତମାନେ ମୋ କଥା ଉପରେ ବିଶ୍ୱାସକାରୀ ହେଲେ ଏବଂ କିଛି ଅବିଶ୍ୱାସକାରୀ । ଯିଏ କହିଲା ଅଲ୍ଲାଃଙ୍କ ଦୟା ଓ କୃପାରୁ ବର୍ଷା ହୋଇଛି, ସେ ମୋ ଉପରେ ବିଶ୍ୱାସୀ ଏବଂ ନକ୍ଷତ୍ରମାନଙ୍କର ଅବିଶ୍ୱାସୀ । ଯିଏ କହିଲା ଯେ, ଅମକ ନକ୍ଷତ୍ର ଯୋଗୁଁ ବର୍ଷା ହୋଇଛି, ସେ ମୋର ଅବିଶ୍ୱାସକାରୀ ଏବଂ ନକ୍ଷତ୍ରମାନଙ୍କର ବିଶ୍ୱାସକାରୀ ।" **(ସହୀହୁଲ୍ ବୁଖାରୀ, କିତାବୁଲ୍ ଅଜାନ୍, ବାବ୍- ଅଲ୍ ଇମାମୁନାସି, ଇଜା ଅସ୍‌ଲମା, ହଦିସ୍ ନଂ-846, ଅନୁବାଦକ, ଗ୍ରନ୍ଥଖଣ୍ଡ-2, ପୃ-247-248, ପ୍ରକାଶକ, ନଜାରତ୍ ଇଶାଅତ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, କାରଣ ସେତେବେଳେ କିଛି ଲୋକଙ୍କର ସମ୍ପୂର୍ଣ୍ଣ ପ୍ରଶିକ୍ଷଣ ହୋଇ ନଥିଲା, ପୁରୁଣା ପରମ୍ପରାର ପ୍ରଭାବ ଥିଲା, ସେମାନେ ନକ୍ଷତ୍ରମାନଙ୍କର ନାମ ଧରୁଥିଲେ । ତେଣୁ ଆପଣ ସ.ଅ ସେମାନଙ୍କୁ କୃତଜ୍ଞତାର ବାସ୍ତବତା ବୁଝାଇ ଶିକ୍ଷା ଦେଲେ । ଗୋଟିଏ ବର୍ଣ୍ଣନା ଅଛି, ଜାଫର ବିନ୍ ମୁହମ୍ମଦ ସ.ଅ ନିଜ ପିତାଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ ଯେତେବେଳେ ରସୁଲୁଲ୍ଲାଃ ସ.ଅ ଆଇନା (ଦର୍ପଣ) ଦେଖୁଥିଲେ ସେତେବେଳେ ଆପଣ ସ.ଅ ଏହା କହୁଥିଲେ ଯେ: "ସକଳ ପ୍ରଶଂସା ଅଲ୍ଲାଃଙ୍କ ପାଇ ଉଦ୍ଦିଷ୍ଟ ଯିଏ ମୋତେ ସୃଷ୍ଟି କଲେ, ମୋର ରୂପକୁ ସୁନ୍ଦର କଲେ, ମୋର ଚରିତ୍ର ମଧ ଉତ୍ତମ କଲେ ଏବଂ ମୋ ଭିତରେ ସେହିସବୁ ଜିନିଷକୁ ସୁନ୍ଦର କଲେ ଯାହା ଅନ୍ୟମାନଙ୍କଠାରେ ଦୋଷଯୁକ୍ତ ଜଣାପଡ଼େ ।" **(କିତାବୁସ୍ ଶୁକ୍ରି, ଇବ୍‌ନେ ଅବିଦ୍ ଦୁନିୟା, ପୃଷ୍ଠା-54, ମକତବା ଅତ୍ ତୁରାସୁଲ୍ ଇସଲାମିୟୁ, 1994 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଅବୁ ସଇଦ ର.ଅ ବର୍ଣ୍ଣନା କରନ୍ତି, ନବୀ କରିମ୍ ସ.ଅ ଯେତେବେଳେ କୌଣସି ଜିନିଷ ଖାଉଥିଲେ କିମ୍ବା ପିଉଥିଲେ ସେତେବେଳେ ଅର୍ଥାତ୍ ଖାଇବା ଓ ପିଇବା ପରେ ଆପଣ ସ.ଅ ଏହିପରି ଈଶ୍ୱରଙ୍କ କୃତଜ୍ଞତା ଜ୍ଞାପନ କରୁଥିଲେ: 'الحمد لله الذي أطعمنا وسقانا وجعلنا مسلمين' ଅର୍ଥାତ୍ ସକଳ ପ୍ରଶଂସା ଅଲ୍ଲାଃତାଲାଙ୍କ ପାଇଁ ଉଦ୍ଦିଷ୍ଟ ଯିଏ ଆମକୁ ଖୁଆଇଲେ, ପିଆଇଲେ ଏବଂ ଆମକୁ ମୁସଲମାନ କଲେ । **(ଜାମିଉତ୍ ତିର୍ମିଜୀ, ଅବ୍‌ୱାବୁଦ୍ ଦାୱାତ୍, ବାବ୍- ମା ୟକୁଲୁ ଇଜା ଫରଗା ମିନତ୍ ତାଆମି, ହଦିସ୍ ନଂ-3457)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଅବୁ ଉମାମା ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅଙ୍କ ଏହି ଅଭ୍ୟାସ ଥିଲା ଯେ, ଯେତେବେଳେ ଆପଣ ସ.ଅ ଖାଇ ସାରି ଉଠୁଥିଲେ ସେତେବେଳେ ଆପଣ ସ.ଅ ନିମ୍ନ ଲିଖିତ ଦୁଆ ପାଠ କରୁଥିଲେ । ସୁତରାଂ ଆପଣ ସ.ଅ ଏହିପରି ଦୁଆ କଲେ ଯେ, الحمد لله الذي كفانا وأروانا غير مكفي ولا مكفور ଅର୍ଥାତ୍ ସମସ୍ତ କୃତଜ୍ଞତା ଅଲ୍ଲାଃଙ୍କ ପାଇଁ ଉଦ୍ଦିଷ୍ଟ ଯିଏ ଆମକୁ ଯଥେଷ୍ଟ ଦେଲେ ଏବଂ ପେଟ ପୂରି ଖୁଆଇଲେ ଏବଂ ପିଆଇଲେ । **(ସହୀହୁଲ୍ ବୁଖାରୀ, କିତାବୁଲ୍ ଅତ୍‌ଅମା, ହଦିସ୍ ନଂ- 5459, ଅନୁବାଦକ, ଗ୍ରନ୍ଥଖଣ୍ଡ-13, ପୃ-401-402, ପ୍ରକାଶକ- ନଜାରତ୍ ଇଶାଅତ୍)** ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, କୃତଜ୍ଞତା ପାଇଁ ଉପଦେଶ ଦେଇ ଆପଣ ସ.ଅ ଏକ ବର୍ଣ୍ଣନାରେ ଏହପିର ବର୍ଣ୍ଣନା କରିଛନ୍ତି ଯେ, ହ. ସହଲ୍ ବିନ୍ ମୁଆଜ୍ ର.ଅ ନିଜର ପିତାଶ୍ରୀଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ, ଯେଉଁ

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲ୍‌ଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

## ଅଲ୍ଲାଃତାଲାଙ୍କ ବାଣୀ

ଅଲ୍ଲାଃତାଲା କୁହନ୍ତି: كُونُوا مَعَ الصَّادِقِينَ

(ଅତ୍ ତୌବା :119)

**ଅନୁବାଦ୍:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

ତାଲିବେ ଦୁଆ: Amina Begum Saheba, W/o- Late Mianjan Khan, Jamat Ahmadiya Nargaon, Dist- Cuttack, (Odisha)

ବ୍ୟକ୍ତି ଖାଦ୍ୟ ଖାଇବା ପରେ ଏହି ଦୁଆ କରେ: اَلْحَمْدُ لِلّٰهِ الَّذِيْ أَطْعَمَنِيْ هٰذَا الطَّعَامَ وَ رَزَقَنِيْهِ مِنْ غَيْرِ حَوْلٍ مِّنِّيْ وَلَا قُوَّةٍ "ଅର୍ଥାତ୍ ସକଳ ପ୍ରଶଂସା ଅଲ୍ଲାଃଙ୍କ ପାଇଁ ଉଦ୍ଦିଷ୍ଟ ଯିଏ ମୋର କୌଣସି ଶକ୍ତି ଓ ସାମର୍ଥ୍ୟ ବିନା ମୋତେ ଏହି ଖାଦ୍ୟ ଖୁଆଇଲେ ଏବଂ ମୋର କୌଣସି ସାମର୍ଥ୍ୟ ବିନା ମୋତେ ଏସବୁ ଜିନିଷ (ଆହାର) ଦେଲେ ତେବେ ତାହାର ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସମସ୍ତ ପାପସବୁ କ୍ଷମା କରିଦିଆଯିବ । ସେହିପରି ଆପଣ ସ.ଅ ପୋଷାକ ପିନ୍ଧି ଏହି ଦୁଆ କଲେ ଯେ, ଅର୍ଥାତ୍ ସକଳ ପ୍ରଶଂସା ଅଲ୍ଲାଃଙ୍କ ପାଇଁ ଉଦ୍ଦିଷ୍ଟ ଯିଏ ମୋର କୌଣସି ଶକ୍ତି ଓ ସାମର୍ଥ୍ୟ ବିନା ମୋତେ ଏହି ଖାଦ୍ୟ ଖୁଆଇଲେ ଏବଂ ମୋର କୌଣସି ସାମର୍ଥ୍ୟ ବିନା ମୋତେ ଏସବୁ ଜିନିଷ (ଆହାର) ଦେଲେ ତେବେ ତାହାର ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସମସ୍ତ ପାପସବୁ କ୍ଷମା କରିଦିଆଯିବ । **(ସୁନନ୍ ଅବୁଦାଉଦ୍, କିତାବୁଲ୍ ଲିବାସ୍, ବାବ୍- ମା ୟକୁଲୁ ଇଜା ଲବିସା.....ହଦିସ୍ ନଂ-4023)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ଅବୁ ହୁରୈରା ର.ଅ ବର୍ଣ୍ଣନା କରନ୍ତି ଯେ, ଲୋକମାନେ ଯେତେବେଳେ ପ୍ରଥମ ଫଳ (ଋତୁର ପ୍ରଥମ ଫଳ) ଦେଖନ୍ତି ତେବେ ସେହି ଫଳକୁ ସେମାନେ ନବୀ କରୀମ୍ ସ.ଅଙ୍କ ପାଖକୁ ଆଣୁଥିଲେ । ଆପଣ ସ.ଅ ସେହି ଫଳକୁ ନେଇ ଅର୍ଥାତ୍ ଧରି ଦୁଆ କରୁଥିଲେ: "ହେ ଅଲ୍ଲାଃ ! ଆମର ଫଳଗୁଡ଼ିକରେ, କଲ୍ୟାଣ ସୃଷ୍ଟି କରିଦିଅ ଏବଂ ଆମ ସହରରେ ଏବଂ ଆମର ସାଆ ଓ ମୁଦ୍‌ରେ (ଏକ ପ୍ରକାରର ଓଜନର ମାପ) କଲ୍ୟାଣ ସୃଷ୍ଟି କର... ହେ ଅଲ୍ଲାଃ ନିଃସନ୍ଦେହ ରୂପେ ଇବ୍ରାହିମ୍ ଅ.ସ ତୁମ୍ଭର ଭକ୍ତ ଅଟନ୍ତି ଏବଂ ତୁମ୍ଭର ବନ୍ଧୁ , ତୁମ୍ଭର ବାର୍ତ୍ତାବହ ଅଟନ୍ତି ଓ ହେ ଅଲ୍ଲାଃ ! ମୁଁ ତୁମ୍ଭର ଭକ୍ତ ଓ ତୁମ୍ଭର ବାର୍ତ୍ତାବହ ଅଟେ । ହେ ଅଲ୍ଲାଃ ! ସେ ଅର୍ଥାତ୍ ହ. ଇବ୍ରାହିମ୍ ଅ.ସ ତୁମ୍ଭ ଠାରୁ ମକ୍କା ନିମନ୍ତେ ଦୁଆ କରିଥିଲେ ଏବଂ ମୁଁ ତୁମ୍ଭ ଠାରୁ ସାହାଯ୍ୟ ନିମନ୍ତେ ଦୁଆ (ପ୍ରାର୍ଥନା) କରେ । ସେହିପରି ସେ (ହ. ଇବ୍ରାହିମ୍ ଅ.ସ) ମକ୍କା ନିମନ୍ତେ ଯେଉଁ ଦୁଆ କରିଥିଲେ ଏବଂ ସେହିପରି ଆହୁରି ଅନେକ ପ୍ରାର୍ଥନା ମଧ୍ୟ ସେ କରିଛନ୍ତି"। ବର୍ଣ୍ଣନାକାରୀ କୁହନ୍ତି ଯେ, ପୁନଶ୍ଚ ଆପଣ ସ.ଅ ସବୁଠାରୁ ସାନ ପିଲାକୁ ଡାକି ସେହି ଫଳ ତାକୁ (ସେବନ କରିବା ନିମନ୍ତେ) ଦେଇ ଦେଉଥିଲେ । **(ସହୀ ମୁସଲିମ୍, ଅନୁବଦାକ, କିତାବୁଲ୍ ହଜ୍, ବାବ୍-ଫଜ୍‌ଲୁଲ୍ ମଦିନତି ୱ ଦୁଆଇନ୍ ନବୀ ସ.ଅ.....ହଦିସ୍ ନଂ-2423, ନୁର୍ ଫାଉଣ୍ଡେସନ, ରବୱା)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ହୁଜୈଫା ର.ଅ ବର୍ଣ୍ଣନା କରନ୍ତି, ନବୀ କରୀମ୍ ସ.ଅ ଯେତେବେଳେ ରାତିରେ ଶୋଇବାକୁ ଯାଉଥିଲେ ସେତେବେଳେ ଡାହାଣ ଗାଲ ତଳେ ହାତ ରଖି ଦୁଆ କରୁଥିଲେ: 'اَللّٰهُمَّ بِاسْمِكَ أَمُوْتُ وَأَحْيَا' । ଅର୍ଥାତ୍ ହେ ଅଲ୍ଲାଃ! ତୁମ୍ଭ ନାମରେ ହିଁ ମୁଁ ମୃତ୍ୟୁବରଣ କରେ ଓ ଜୀବିତ ହୁଏ । ଯେତେବେଳେ ଆପଣ ସ.ଅ ଶୋଇକି ଉଠୁଥିଲେ ସେତେବେଳେ ଆପଣ ସ.ଅ ଏହା କହୁଥିଲେ ଯେ: 'اَلْحَمْدُ لِلّٰهِ الَّذِيْ أَحْيَانَا بَعْدَ مَا أَمَاتَنَا وَإِلَيْهِ النُّشُوْرُ' । ଅର୍ଥାତ୍ ସକଳ ପ୍ରଶଂସା ଅଲ୍ଲାଃଙ୍କ ପାଇଁ ଉଦ୍ଦିଷ୍ଟ ଯିଏ ଆମକୁ ମୃତ୍ୟୁ (ନିଦ) ପରେ ପୁନର୍ବାର ଜୀବିତ କଲେ ଏବଂ ତାହାଙ୍କ ନିକଟକୁ ହିଁ ଆମକୁ ଫେରିବାକୁ ହେବ । **(ସହୀହୁଲ୍ ବୁଖାରୀ, କିତାବୁଦ୍ ଦାୱାତ୍, ବାବ୍-ୱଜଉଲ୍ ୟଦି ତହତଲ୍ ହଜା ଅଲ୍ ୟୁମ୍‌ନା, ହଦିସ୍ ନଂ- 6314, ଗ୍ରନ୍ଥଖଣ୍ଡ-15, ପୃ-27, ପ୍ରକାଶକ-ନଜାରତ୍ ଇଶାଅତ୍)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଅନ୍ୟ ଏକ ବର୍ଣ୍ଣନାରେ ନିଦରୁ ଉଠିବାର ଦୁଆ ଏହିପରି ବର୍ଣ୍ଣିତ ହୋଇଛି । ଅର୍ଥାତ୍ ଯେତେବେଳେ ଆପଣ ସ.ଅ ରାତିରେ ନିଦରୁ ଉଠୁଥିଲେ ସେତେବେଳେ ଆପଣ ସ.ଅ ଏହି ଦୁଆ ପାଠ କରୁଥିଲେ ଯେ, ସକଳ ପ୍ରଶଂସା ଅଲ୍ଲାଃତାଲାଙ୍କ ନିମନ୍ତେ ଉଦ୍ଦିଷ୍ଟ ଅଟେ , ଯିଏ ମୋତେ ମୃତ୍ୟୁ ପରେ ପୁନଃ ଜୀବିତ କଲେ ଏବଂ ତାହାଙ୍କ ଆଡ଼କୁ ହିଁ ନିଦରୁ ଉଠି ଫେରିବାର ଅଛି । **(ମସ୍‌ନଦ୍ ଅହମଦ୍ ବିନ୍ ହମ୍ବଲ୍, ମସ୍‌ନଦ୍ ହୁଜୈଫା ବିନ୍ ଅଲ୍ ୟମାନ୍, ଗ୍ରନ୍ଥଖଣ୍ଡ-7, ପୃ-705, ହଦିସ୍ ନଂ-23675, ଆଲିମୁଲ୍ କୁତୁବ୍-1998 ମସିହା)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଅମ୍ର ବିନ୍ ଶୁଐବ ନିଜ ପିତା ଓ ଜେଜେ ବାପାଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ: "ନିଶ୍ଚିତ ଭାବରେ ଅଲ୍ଲାଃତାଲା ଏହା ପସନ୍ଦ କରନ୍ତି ଯେ, ତାହାଙ୍କ ଅନୁଗ୍ରହର ଲକ୍ଷଣ ଓ ପ୍ରଭାବ ତାହାଙ୍କ ଭକ୍ତମାନଙ୍କ ଉପରେ ଦୃଶ୍ୟମାନ ହେଉ (ଦେଖାଯାଉ) ।" **(ଜାମିଉତ୍ ତିର୍ମିଜୀ, ଅବ୍‌ୱାବୁଲ୍ ଆଦାବ୍, ବାବ୍- ମା ଯାଆ ଇନ୍ନଲ୍ଲାହା ୟୁହିବବୁ ଅଇଁ ୟରା... ହଦିସ୍ ନଂ-2819)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଏହା ମଧ୍ୟ ଅଲ୍ଲାଃତାଲାଙ୍କ କୃତଜ୍ଞତା ଯେ, ତାହାଙ୍କ ଦିଆଯାଇଥିବା ନେମତ୍ (ପୁରସ୍କାର) ମଣିଷ ଉପରେ ଦୃଶ୍ୟମାନ ହେବା ଉଚିତ୍ । ସେହିପରି ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଅବୁଲ୍ ଅହ୍‌ୱସ୍ ନିଜ ପିତାଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ସେ ଚିରା କପଡ଼ାରେ ନବୀ ସ.ଅଙ୍କ ନିକଟକୁ ଆସିଲେ । ଆପଣ ସ.ଅ ପଚାରିଲେ, ତୁମ ପାଖରେ ଧନ ସମ୍ପତ୍ତି ଅଛି ? ସେ କହିଲେ: ହଁ ! ଆପଣ ସ.ଅ ପଚାରିଲେ: କେଉଁ ପ୍ରକାରର ଧନ ? ସେ କହିଲେ, ଓଟ, ଛେଳି ମେଣ୍ଢା, ଘୋଡ଼ା, ଦାସ ସବୁ ଅଛି । ଆପଣ ସ.ଅ କହିଲେ: "ଯେତେବେଳେ ଅଲ୍ଲାଃତାଲା ତୁମକୁ ସମ୍ପତ୍ତି ଦେଇଛନ୍ତି, ତେବେ ତୁମେ ତାହାଙ୍କର ଅନୁଗ୍ରହ, ପ୍ରସନ୍ନତା ଓ ସମ୍ମାନ ତୁମ ଉପରେ ଦୃଶ୍ୟମାନ ହେବା (ଦେଖାଯିବା) ଉଚିତ୍ (କହିବାର ତାତ୍ପର୍ଯ୍ୟ ଏହିକି ଯେ, ଭଲ ପୋଷାକ ପିନ୍ଧିବା ଉଚିତ୍) ।" **(ସୁନନ୍ ଅବୁଦାଉଦ୍, କିତାବୁଲ୍ ଲିବାସ୍, ବାବ୍-ଫିଲ୍ ଖଲ୍‌କାନି ୱଫି ଗୁସ୍‌ଲିସ୍ ସୌବି, ହଦିସ୍ ନଂ-4063)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ଜାବିର ବିନ୍ ଅବ୍‌ଦୁଲ୍ଲାହ ର.ଅ କୁହନ୍ତି, ଆମେମାନେ ଆଁହଦରତ୍ ସ.ଅଙ୍କ ସେବାରେ ଉପସ୍ଥିତ ହେଲୁ । ଆପଣ ସ.ଅ ଜଣେ ବ୍ୟକ୍ତିକୁ ଦେଖିଲେ । ସେହି ବ୍ୟକ୍ତିର କେଶ ବିକ୍ଷିପ୍ତ ଓ ଅସଜଡ଼ା ଥିଲା । କେଶରେ ପାନିଆ ମାରି ନଥିଲା । ଆପଣ ସ.ଅ କହିଲେ, କ'ଣ ଏହି ବ୍ୟକ୍ତିକୁ କିଛି ମିଳୁ ନାହିଁ ଯେ, ନିଜର କେଶକୁ ଠିକ୍ କିରନେବ ? ଆପଣ ସ.ଅ କହିଲେ, ହେ ସାହାବାମାନେ! କ'ଣ ଏହି ବ୍ୟକ୍ତି ନିଜର କେଶକୁ ଧୋଉ ନାହିଁ ଏବଂ କେଶରେ ପାନିଆ ମାରୁ ନାହିଁ? ଆପଣ ସ.ଅ ଅନ୍ୟ ଜଣେ ମଇଳା ଲୁଗା ପିନ୍ଧିଥିବା ବ୍ୟକ୍ତିକୁ ଦେଖି କହିଲେ, ହେ ସାହାବାମାନେ! କ'ଣ ଏହି ବ୍ୟକ୍ତିକୁ ପାଣି ମିଳୁ ନାହିଁ ଯେ, ସେ ନିଜର କପଡ଼ା ଧୋଇନେବ ? ସଫାସୁତୁରା ରହିବା ମଧ୍ୟ କୃତଜ୍ଞତାର ଏକ ଅଂଶ । **(ସୁନନ୍ ଅବୁଦାଉଦ୍, କିତାବୁଲ୍ ଲିବାସ୍ ଫିଲ୍ ଖଲ୍‌କାନି ୱଫି ଗୁସ୍‌ଲିସ୍ ସୌବି, ହଦିସ୍ ନଂ-4062)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ପାଣି ତ' ମିଳେ, ମଇଳା ବସ୍ତ୍ର (କପଡ଼ା) ପିନ୍ଧିବା ପରିବର୍ତ୍ତେ କପଡ଼ା ଧୋଇନେବା ଉଚିତ୍ । ତୁମେମାନେ ଅଲ୍ଲାଃତାଲାଙ୍କ କୃତଜ୍ଞତା ଜ୍ଞାପନ କରିବା ଉଚିତ୍ । ସଫା ସୁତୁରା ମଧ୍ୟ ଯେଉଁଠି ପବିତ୍ରତାର ପକ୍ଷକୁ ପ୍ରକାଶିତ କରିଥାଏ ସେଠାରେ କୃତଜ୍ଞତାର ପକ୍ଷ ମଧ୍ୟ ତହିଁରେ ନିହିତ ରହିଛି । ଅର୍ଥାତ୍ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରିବା ଉଚିତ୍ । ଏପରି ବେଶଭୂଷା କରିବା ଉଚିତ୍ ନୁହଁ । କାରଣ ଲୋକମାନେ କହିବେ ଯେ, ଏ କି ଅବସ୍ଥା କରିଛ ନିଜର ?

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ଅବ୍‌ଦୁଲ୍ଲାଃ ବିନ୍ ମସଉଦ୍ ର.ଅ ବର୍ଣ୍ଣନା କରନ୍ତି, ନବୀ କରୀମ୍ ସ.ଅ କହିଲେ: "ଯାହା ହୃଦୟରେ ତିଳେମାତ୍ର ଅହଙ୍କାର (ତକବ୍ବୁର୍) ଥିବ, ସେ ସ୍ୱର୍ଗରେ ପ୍ରବେଶ କରିପାରିବ ନାହିଁ ।" ଜଣେ ବ୍ୟକ୍ତି କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମଣିଷ ତ' ଏହା ଚାହେଁ ତା'ର ପୋଷାକ ଓ ଜୋତା ଭଲ ହେଉ କିନ୍ତୁ ଆପଣ ସ.ଅ ଏପରି କଥା କହୁଛନ୍ତି ? ଆପଣ ସ.ଅ କହିଲେ: "ଅଲ୍ଲାଃତାଲା ସୁନ୍ଦର ଅଟନ୍ତି ଏବଂ ସେ ସୌନ୍ଦର୍ଯ୍ୟତାକୁ ପସନ୍ଦ କରନ୍ତି । ତହିଁରେ କୌଣସି ମତଦ୍ୱୈଧ ନାହିଁ ଯେ, ଅଲ୍ଲାଃତାଲା ସୁନ୍ଦର ଅଟନ୍ତି ଓ ସେ ସୁନ୍ଦରତା କିଁ ହି ପସନ୍ଦ କରନ୍ତି । କିନ୍ତୁ ଅହଙ୍କାର ହେଉଛି ସେହି ପ୍ରସଙ୍ଗ ଯେ, ସତ୍ୟକୁ ଅସ୍ୱୀକାର କରିବା ଏବଂ ଅନ୍ୟମାନଙ୍କୁ ତୁଚ୍ଛ ଭାବିବା।"**(ସହୀହ ମୁସଲିମ୍, କିତାବୁଲ୍ ଇମାନ୍, ବାବ୍- ତହରିମୁଲ୍ କିବ୍‌ରି ୱ ବୟାନୁହୁ, ହଦିସ୍ ନଂ- 123, ଗ୍ରନ୍ଥଖଣ୍ଡ-1, ପୃ-83, ପ୍ରକାଶକ-ନୁର୍ ଫାଉଣ୍ଡେସନ)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ସତ୍ୟ କଥା କହିବାକୁ ଅସ୍ୱୀକାର କରିବା ଏବଂ ଲୋକମାନଙ୍କ ପ୍ରତି ତୁଚ୍ଛତା ପ୍ରଦର୍ଶନ କରିବା ମଧ୍ୟ ଅହଂକାର ଅଟେ କିମ୍ବା ଭଲ କପଡ଼ା ପିନ୍ଧି ଦେଖେଇ ହେବା ମଧ୍ୟ ଅହଂକାର ଅଟେ । କିନ୍ତୁ ଭଲ ବା ଉତ୍ତମ କପଡ଼ା ପିନ୍ଧି ବିନୀତତା ଆଚରଣ ପ୍ରଦର୍ଶନ କରି ଅନ୍ୟମାନଙ୍କୁ ଦେଖା ସାକ୍ଷାତ୍ କରିବା ଲୋକମାନଙ୍କର କର୍ତ୍ତବ୍ୟ ସମ୍ପାଦନ କରିବା ଅଟେ, ଅହଂକାର ନୁହେଁ ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ଅବୁ ସଈଦ୍ ଖୁଦ୍‌ରୀ ର.ଅ କୁହନ୍ତି, ନବୀ କରୀମ୍ ସ.ଅ ଯେତେବେଳେ ନୂଆ ପୋଷାକ ପିନ୍ଧୁଥିଲେ ସେତେବେଳେ ଆପଣ ସ.ଅ ଏହି ଦୁଆ କରୁଥିଲେ: "ହେ ଅଲ୍ଲାଃ ! ସକଳ ପ୍ରଶଂସା ତୁମ୍ଭ ନିମନ୍ତେ ଉଦ୍ଦିଷ୍ଟ ଅଟେ । ତୁମ୍ଭେ ହିଁ ମୋତେ ଏହି ବସ୍ତ୍ର ପିନ୍ଧାଇଛ । ମୁଁ ତୁମ୍ଭ ଠାରୁ ଏହାର ଶୁଭ ଏବଂ ମଙ୍ଗଳ କାମନା କରୁଛି ଓ ଉକ୍ତ ବସ୍ତ୍ରରେ ଯେଉଁ ଅମଙ୍ଗଳ ତଥ ଅଶୁଭ ଲକ୍ଷଣ ରହିଛି ତହିଁରୁ ମୋତେ ରକ୍ଷା କର"। **(ସୁନନ୍ ଅବୁ ଦାଉଦ୍, କିତାବୁଲ୍ ଲିବାସ୍, ବାବ୍- ମା ୟକୁଲୁ ଇଜା ଲବିସା, ହଦିସ୍: 4020)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି, ରସୁଲୁଲ୍ଲାଃ ସ.ଅ କହିଲେ: ଅଲ୍ଲାଃତାଲା କୌଣସି ଭକ୍ତକୁ ନେମତ୍ (ପୁରସ୍କାର ବା ଅନୁଗ୍ରହ) ପ୍ରଦାନ କରନ୍ତି ସେତେବେଳେ ସେହି ବ୍ୟକ୍ତି ଏହା ଜାଣିନେଉ ଯେ ଏହା ଅଲ୍ଲାଃଙ୍କ ତରଫରୁ ଉଦ୍ଦିଷ୍ଟ ଅଟେ । ତେବେ ତା' ପାଇଁ କୃତଜ୍ଞତା ଲେଖି ଦିଆଯାଏ । ଅଲ୍ଲାଃତାଲା ଯେତେବେଳେ କୌଣସି ଭକ୍ତର ଅନୁତାପ ଏବଂ କ୍ଷମାଯାଚନା ସଂପର୍କରେ ଜାଣି ନିଅନ୍ତି ତେବେ ସେ ସେହି ଭକ୍ତକୁ କ୍ଷମା ମାଗିବା ପୂର୍ବରୁ ହିଁ ତାକୁ କ୍ଷମା ପ୍ରଦାନ କରିଦେଇ ଥାଆନ୍ତି। ସେହିପରି ଜଣେ ବ୍ୟକ୍ତି ଦିନାର୍ ମୁଦ୍ରା ଦ୍ୱାରା ବସ୍ତ୍ର କ୍ରୟ (କିଣେ) କରିଥାଏ ଏବଂ ତାହାକୁ ପିନ୍ଧିଥାଏ ଓ ଅଲ୍ଲାଃତାଲାଙ୍କ ପ୍ରଶଂସା ଯେତେବେଳେ କରିଥାଏ ସେତେବେଳେ ସେ ବସ୍ତ୍ରକୁ ଆଣ୍ଠୁ ପର୍ଯ୍ୟନ୍ତ ପିନ୍ଧି ନଥିବ କି ଅଲ୍ଲାଃତାଲା ସେହି ବ୍ୟକ୍ତିକୁ କ୍ଷମା ପ୍ରଦାନ କରିଦେଇ ଥାଆନ୍ତି ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ସାଲିମ୍ ର.ଅ ହ. ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର.ଅଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ଯେତେବେଳେ ଯୁଦ୍ଧରୁ ଫେରୁଥିଲେ ସେତେବେଳେ ଆପଣ ସ.ଅ ଉଚ୍ଚ ସ୍ଥାନରେ ପହଞ୍ଚି ତିନିଥର 'لَا إِلٰهَ إِلَّا اللّٰهُ وَحْدَهُ لَا شَرِيْكَ لَهُ لَهُ الْمُلْكُ وَلَهُ الْحَمْدُ وَهُوَ عَلٰى كُلِّ شَيْءٍ قَدِيْرٌ - اٰئِبُوْنَ تَائِبُوْنَ عَابِدُوْنَ سَاجِدُوْنَ لِرَبِّنَا حَامِدُوْنَ صَدَقَ اللّٰهُ وَعْدَهُ وَنَصَرَ عَبْدَهُ وَهَزَمَ الْأَحْزَابَ وَحْدَهُ' ଅର୍ଥାତ୍ ଅଲ୍ଲାଃଙ୍କ ବ୍ୟତୀତ ଆଉ କେହି ବି ଉପାସ୍ୟ ନୁହନ୍ତି, ସେ ଏକ ଅଟନ୍ତି, ତାହାଙ୍କର କେହି ବି ସମକକ୍ଷ ନୁହନ୍ତି । ସକଳ ରାଜତ୍ୱ ତାହାଙ୍କ ନିମନ୍ତେ ହିଁ ଉଦ୍ଦିଷ୍ଟ ଅଟେ । ତାହାଙ୍କ ନିମନ୍ତେ ହିଁ ସକଳ ପ୍ରଶଂସା ଉଦ୍ଦିଷ୍ଟ ଅଟେ ଏବଂ ସେ ସର୍ବଶକ୍ତିମାନ ଓ ସାମର୍ଥ୍ୟବାନ୍ ଅଟନ୍ତି । ଆମେମାନେ ନିଜର ଦୋଷକୁ ସ୍ୱୀକାର କରି ଯାତ୍ରାରୁ ଫେରୁଛୁ । ଆମେମାନେ ଏହି ସ୍ୱୀକାରୋକ୍ତି ପ୍ରକାଶ କରୁଛୁ ଯେ, ଆମେମାନେ ଭବିଷ୍ୟରେ ଆଉ କୌଣସି ଦୋଷତ୍ରୁଟି କରିବୁ ନାହିଁ। ଆମେମାନେ ନିଜ ପାଳନକର୍ତ୍ତାଙ୍କ ଉପାସନାକାରୀ ଅଟୁ । ନିଜ ପାଳନକର୍ତ୍ତାଙ୍କ ସମ୍ମୁଖରେ ନତମସ୍ତକ ଅଟୁ, ନିଜ ପ୍ରଭୁଙ୍କର ପ୍ରଶଂସା ଗାନକାରୀ ଅଟୁ, ଅଲ୍ଲାଃ ନିଜ ଭକ୍ତକୁ ଦେଇଥିବା ପ୍ରତିଶ୍ରୁତି ପୂରଣ କଲେ ଏବଂ ସମସ୍ତ ଗୋଷ୍ଠୀ ତଥା ସୈନ୍ୟବାହିନୀ ଉପରେ ଏକାକୀ ପରାସ୍ତ କରି ନିଜର ଭକ୍ତ କୁ ସାହାଯ୍ୟ କଲେ ।" **(ସହୀହୁଲ୍ ବୁଖାରୀ, କିତାବୁଲ୍ ଜିହାଦ୍ ୱସ୍ ସୈର୍, ବାବ୍- ଅତ୍ ତକ୍‌ବିରି ଇକ୍ ଆଲାଇ ଶରଫନ୍, ହଦିସ୍ ନଂ-2995, ପୃ-341-342, ପ୍ରକାଶକ-ନଜାରତ୍ ଇଶାଅତ୍)** ହୁଜୁର୍ ଅନ୍ୱର୍ ଅ.ବ କହିଲେ, ବଦର୍ ଯୁଦ୍ଧ ଦିନ ଅବିଶ୍ୱାସକାରୀ ନିହତ ଶତ୍ରୁଙ୍କ ଶବ ଗୁଡ଼ିକୁ ଗର୍ତ୍ତରେ ଏବଂ କୂପ ମଧ୍ୟରେ ପକାଯିବା

ପକାଇ ଦିଆଗଲା ଏବଂ ଏହାପରେ ଆଁହଦରତ୍ ସ.ଅ ଅଲ୍ଲାଃଙ୍କ କୃତଜ୍ଞତା ଜ୍ଞାପନ କଲେ ଯେ, "ସକଳ ପ୍ରଶଂସା ଅଲ୍ଲାଃତାଲାଙ୍କ ପାଇଁ ଉଦ୍ଦିଷ୍ଟ ଯିଏ ଅବୁ ଜହଲ୍‌କୁ ତିରସ୍କୃତ କରିଦେଲେ ଏବଂ ତା'ର ସଂହାର କରିଦେଲେ ଓ ଆମକୁ ତହିଁରୁ ମୁକ୍ତି ପ୍ରଦାନ କଲେ । ଅତଏବ୍ ଯେତେବେଳେ ସମସ୍ତ ନିହତ ଅବିଶ୍ୱାସକାରୀମାନଙ୍କୁ କୂପ ମଧ୍ୟରେ ପକାଇ ଦିଆଗଲା ସେତେବେଳେ ରସୁଲୁଲ୍ଲାଃ ସ.ଅ ସେମାନଙ୍କ ଆଖପାଖରେ ପରିକ୍ରମା କରୁଥିଲେ । ଅପରପକ୍ଷେ ନିହତ ଅବିଶ୍ୱାସକାରୀମାନେ ସେହି ଗର୍ତ୍ତ ମଧ୍ୟରେ ରହିଥିଲେ। ହ. ଅବୁ ବକ୍କର ର.ଅ ଜଣ ଜଣ କରି ନାମୋଚ୍ଚାରଣ କରୁଥିଲେ ଏବଂ ଆଁହଦରତ୍ ସ.ଅଙ୍କୁ କହୁଥିଲେ । ରସୁଲୁଲ୍ଲାଃ ସ.ଅ ଅଲ୍ଲାଃତାଲାଙ୍କ ପ୍ରଶଂସାଗାନ କରି କହୁଥିଲେ ଯେ, ହେ ଅଲ୍ଲାଃ ! ସକଳ ପ୍ରଶଂସା ତୁମ୍ଭ ନିମନ୍ତେ ଉଦ୍ଦିଷ୍ଟ ଅଟେ । କାରଣ ତୁମ୍ଭେ ମୋ ସହ କରିଥିବା ପ୍ରତିଶ୍ରୁତିକୁ ରକ୍ଷା କଲ।"**(କିବାତୁଲ୍ ମୁଗାଜି, ଲିଲ୍ ୱାକିଦି, ଗ୍ରନ୍ଥଖଣ୍ଡ-1, ପୃ-111-112, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍, 1898 ମସିହା)**

ହୁଜୁର୍ ଅନୱର୍ ଅ.ବ କହିଲେ, ଆପଣ ସ.ଅଙ୍କର ପ୍ରାଣଘାତୀ ଶତ୍ରୁ ନିଜର ଶେଷ ପରିଣାମରେ ପହଞ୍ଚିବା ପରେ ଆପଣ ସ.ଅଙ୍କର ପ୍ରତିକ୍ରିୟା କୌଣସି ପ୍ରକାରର ପ୍ରକାଶ୍ୟ ଖୁସି କିମ୍ବା ଏହି ପ୍ରକାରାର ପ୍ରଦର୍ଶନ ନଥିଲା, ବରଂ ଆପଣ ସ.ଅ ଅଲ୍ଲାଃତାଲାଙ୍କ ଦରବାରରେ ନତମସ୍ତକ ହୋଇ କୃତଜ୍ଞତା ଜ୍ଞାପନ କରିଥିଲେ । ଏହି ବିଷୟରେ ଅନ୍ୟ କେତେକ ରିୱାୟତ୍ (ବର୍ଣ୍ଣନା) ମଧ୍ୟ ରହିଛି । ଅତଏବ୍ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଅବଦୁଲ୍ଲାଃ ବିନ୍ ମସ୍‌ଉଦ ର.ଅ ବର୍ଣ୍ଣନା କରନ୍ତି: "ମୁଁ ବଦର୍ ଯୁଦ୍ଧ ଦିନ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲି ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଅବୁ ଜହଲ୍‌ର ବଧ କରିଦେଇଛି । ଆପଣ ସ.ଅ କହିଲେ: କ'ଣ ? ହେ ଅବଦ୍ଦୁଲ୍ଲାଃ! ତୁମେ ସେହି ଅଲ୍ଲାଃଙ୍କ ଶପଥ କରି କୁହ ଯାହାଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ନୁହନ୍ତି?' ମୁଁ କହିଲି, ହଁ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ସେହି ଅଲ୍ଲାଃଙ୍କ ଶପଥ କରି କହୁଛି ଯାହାଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନୁହନ୍ତି ମୁଁ ହିଁ ତାର ବଧ କରିଛି ।' ଆପଣ ସ.ଅ ଏହି କଥା ତିନିଥର ଦୋହୋରାଇଲେ ଏବଂ ମୋଠାରୁ ସତ୍ୟତା ସୁନିଶ୍ଚିତ କଲେ । ଅର୍ଥାତ୍ ପୁଷ୍ଟି କରାଇଲେ । ତା'ପରେ ଆପଣ ସ.ଅ କହିଲେ: 'ଅଲ୍ଲାଃହୁ ଅକବର ଅର୍ଥାତ୍ ଅଲ୍ଲାଃତାଲା ସବୁଠାରୁ ମହାନ୍ ଅଟନ୍ତି । ସମସ୍ତ ପ୍ରଶଂସା ଅଲ୍ଲାଃଙ୍କ ପାଇଁ ଉଦ୍ଦିଷ୍ଟ ଯିଏ ନିଜର ପ୍ରତିଶ୍ରୁତି ସତ୍ୟ କରି ଦେଖାଇଦେଲେ ଏବଂ ନିଜର ଭକ୍ତଙ୍କୁ ସାହାଯ୍ୟ କଲେ ଏବଂ ଏକାକୀ ସମସ୍ତ ବିରୋଧୀ ଦଳଗୁଡ଼ିକୁ ପରାଜିତ କଲେ । ଆପଣ ସ.ଅ ପୁନଶ୍ଚ କହିଲେ: "ମୋ ସହିତ ଚାଲ, ମୋତେ ତା'ର ଶବ ଦେଖାଅ ।" ହ. ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତବହ! ଚାଲନ୍ତୁ । ଯେତେବେଳେ ଆପଣ ସ.ଅ ତାକୁ ଦେଖିଲେ ସେତେବେଳେ ଆପଣ ସ.ଅ କହିଲେ: 'ଏ ଅର୍ଥାତ୍ ଅବୁ ଜହଲ୍ ଏହି ଉମ୍ମତର ଫିରଔନ୍ ଅଟେ ।' ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଯେଉଁ ଦିନ ରସୁଲୁଲ୍ଲାଃ ସ.ଅଙ୍କୁ ଅବୁ ଜହଲ୍‌ର କଟା ମୁଣ୍ଡର ଶୁଭ ସମ୍ବାଦ ଦିଆଗଲା, ଆପଣ ସ.ଅ ଦୁଇ ରକାତ୍ ନମାଜ୍ ପାଠ କରିଥିଲେ ।" ଏହାର ଅଧିକ ବିବରଣୀ ଅନ୍ୟ ଏକ ବର୍ଣ୍ଣନାରେ ଏହିପରି ବର୍ଣ୍ଣିତ ହୋଇଛି ଯେ, ଅବୁ ଇସ୍‌ହାକ୍ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ବଦର୍ ଦିନ ରସୁଲୁଲ୍ଲାଃ ସ.ଅଙ୍କ ନିକଟକୁ ଅବୁ ଜହଲ୍‌ର ହତ୍ୟାର ଶୁଭସମ୍ବାଦ ଆଣିଥିବା ବ୍ୟକ୍ତି ଆସିଲା, ଆପଣ ସ.ଅ ତାଙ୍କୁ ତିନିଥର ସେହି ଅଲ୍ଲାଃଙ୍କ ଶପଥ ନେଇ ପଚାରିଲେ ଯେ, ହେ ବ୍ୟକ୍ତି କ'ଣ ସତରେ ଅବୁ ଜହଲ୍ ନିହତ ହୋଇଛି କି? ହେ ବ୍ୟକ୍ତି ତୁମେ ଅଲ୍ଲାଃତାଲାଙ୍କର ଶପଥ କରି କହ ଯାହାଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ନୁହନ୍ତି: "କ'ଣ ତୁମେ ପ୍ରକୃତରେ ତାକୁ ନିହତ ହୋଇଥିବାର ଦେଖିଛ?" ସେ ଆପଣଙ୍କ ସମ୍ମୁଖରେ ଶପଥ କଲା, ତେଣୁ ରସୁଲୁଲ୍ଲାଃ ସ.ଅ ତୁରନ୍ତ ସଜ୍‌ଦାରେ ପଡ଼ିଗଲେ । କେତେକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଆପଣ ସ.ଅ ଏକାଧିକ ବାର ସଜ୍‌ଦା କରିଥିଲେ । **(ଦଲାଏଲୁନ୍ ନୁବୁୱାଃ ଲିଲ୍ ବହିକୀ, ଗ୍ରନ୍ଥଖଣ୍ଡ-3, ପୃଷ୍ଠା- 89, ବାବ୍- ଇଜାବତୁଲ୍ଲାଃହି ଅଜ୍ଜୱଜଲ୍ଲାଃ, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍ 2002 ମସିହା), (ତାରିଖୁଲ୍ ଖମିସ୍, ଗ୍ରନ୍ଥଖଣ୍ଡ-2, ପୃଷ୍ଠା -119, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍ 2009 ମସିହା) (ମସ୍‌ନଦ୍ ଇମାମ୍ ଅହମଦ ବିନ୍ ହମ୍ବଲ୍, ମସ୍‌ନଦ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ, ଗ୍ରନ୍ଥଖଣ୍ଡ-2, ପୃଷ୍ଠା-116, ହଦିସ: ୪୨୪୭, ଆଲିମୁଲ୍ କୁତୁବ୍- 1998 ମସିହା) (ସୁନନ୍ ଇବ୍‌ନେ ମାଜା, କିତାବ୍ ଇକାମତୁସ୍ ସଲାତ୍, ବାବ୍- ମା ଜାଆ ଫିସ୍ ସଲାତ୍... ହଦିସ ନଂ-1931)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମକ୍କା ବିଜୟ ଦିନ ମଧ୍ୟ ଆଁହଦରତ୍ ସ.ଅଙ୍କ କୃତଜ୍ଞତାର ବର୍ଣ୍ଣନା ମିଳେ । ଆପଣ ସ.ଅ କାଆବା ଗୃହର ଶିଢି (ପାହାଚ)ରେ ଛିଡ଼ା ହୋଇ ଅଲ୍ଲାଃଙ୍କ ପ୍ରଶଂସା କଲେ ଏବଂ କହିଲେ: اَلْحَمْدُ لِلّٰهِ الَّذِیْ صَدَقَ وَعْدَهٗ وَنَصَرَ عَبْدَهٗ وَهَزَمَ الْاَحْزَابَ وَحْدَهٗ " ଅର୍ଥାତ୍ ସକଳ ପ୍ରଶଂସା ଅଲ୍ଲାଃତାଲାଙ୍କ ପାଇଁ ଉଦ୍ଦିଷ୍ଟ ଯିଏ ନିଜର ପ୍ରତିଶ୍ରୁତିକୁ ସତ୍ୟ ବୋଲି ପ୍ରମାଣିତ କଲେ ଏବଂ ନିଜର ଭକ୍ତକୁ ସାହାଯ୍ୟ କଲେ ଓ ଶତ୍ରୁ ବାହିନୀକୁ ଏକାକୀ ପରାଜିତ କଲେ ।" **(ସୁନନୁନ୍ ନସାଈ କିତାବୁଲ୍ କସାମା, ବାବ୍- ଜିକ୍ରୁ ଇଖତିଲାଫି ଅଲା ଖାଲିଦିଲ୍ ଖୁଦା, ହଦିସ୍ ନଂ-4803)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସହି ବୁଖାରୀର ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଅବଦୁର୍ ରହମାନ୍ ବିନ୍ ଅବୀ ଲୈଲା ବର୍ଣ୍ଣନା କରିଛନ୍ତି: "ଆମକୁ ହ. ଉମ୍ମେ ହାନୀ ର.ଅଙ୍କ ବ୍ୟତୀତ ଅନ୍ୟ କେହି ବର୍ଣ୍ଣନା କରି ନାହାଁନ୍ତି ଯେ, ସେ ନବୀ ସ.ଅଙ୍କୁ ଚାଶ୍‌ତ୍ ନମାଜ୍ ପାଠ କରୁଥିବାର ଦେଖିଛନ୍ତି । ଚାଶ୍‌ତ୍ ନମାଜ୍ ବିଷୟରେ ଯେତେ ବି ବର୍ଣ୍ଣନା ମିଳେ, ସେଥିରେ କୁହାଯାଏ ଯେ ଆମକୁ ହ. ଉମ୍ମେ ହାନୀ ର.ଅଙ୍କର ଗୋଟିଏ ବର୍ଣ୍ଣନା ବ୍ୟତୀତ ଅନ୍ୟ କୌଣସି ବର୍ଣ୍ଣନା ମିଳି ନାହିଁ ଯେ, ଆପଣ ସ.ଅ ଚାଶ୍‌ତ୍ ନମାଜ୍ ପାଠ କରିଥିଲେ । ସେହି ବର୍ଣ୍ଣନାଟି ଏହିପରି ଯେ, ଆପଣ ର.ଅ ବର୍ଣ୍ଣନା କରନ୍ତି: ନବୀ ସ.ଅ ମକ୍କା ବିଜୟ ଦିନ ତାଙ୍କ ଘରକୁ ବିଜେ କରିଥିଲେ (ଆସିଥିଲେ) ଏବଂ ଆପଣ ସ.ଅ ସ୍ନାନ କରି ଆଠ ରକାତ୍ ନମାଜ୍ ପାଠ କରିଥିଲେ। ସେ କୁହନ୍ତି ଯେ, "ମୁଁ ଏହାଠାରୁ ଅଧିକ ସଂକ୍ଷିପ୍ତ ନମାଜ୍ କେବେହେଲେ ଦେଖିନାହିଁ । ଅତି ସଂକ୍ଷିପ୍ତ ନମାଜ୍ ଥିଲା, କିନ୍ତୁ ଆପଣ ସ.ଅ ଆଠ ରକାତ୍ ନମାଜ୍ ପାଠ କରିଥିଲେ, ତଥାପି ଆପଣ ସ.ଅ ପୂର୍ଣ୍ଣ ଆଦରର ସହିତ ରୁକୁ ଏବଂ ସିଜ୍‌ଦା କରୁଥିଲେ ।" **(ସହିହୁଲ୍ ବୁଖାରୀ କିତାବୁତ୍ ତହଜ୍ଜୁଦ୍, ବାବ୍- ସଲାତୁଜ୍ ଜୁହା ଫିସ୍ ସଫରି, ହଦିସ ନଂ1176)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହା ନୁହେଁ ଯେ ଖୁବ୍ ଶୀଘ୍ର ଶୀଘ୍ର ନମାଜ୍ ପାଠ କରିନେଲେ ବରଂ ଆପଣ ସ.ଅଙ୍କ ସଂକ୍ଷିପ୍ତ ନମାଜ୍ ମଧ୍ୟ ଆମର ଲମ୍ବା ନମାଜ୍ ପରି ଥିଲା । ଜଣେ ଜୀବନୀକାର (ଜୀବନୀ ଲେଖକ) ଉକ୍ତ (ଏହି) ଘଟଣାକୁ ଏହି ଶୀର୍ଷକ ଅଧୀନରେ ବର୍ଣ୍ଣନା କରିଛନ୍ତି ଯେ, "ରସୁଲୁଲ୍ଲାଃ ସ.ଅ ଅଲ୍ଲାଃତାଲା ସେହି ଦିନ ଆପଣ ସ.ଅଙ୍କୁ ଯାହା ପ୍ରଦାନ କରିଥିଲେ, ସେଥିପାଇଁ କୃତଜ୍ଞତା ସ୍ୱରୂପ ଆଠ ରକାତ୍ ନମାଜ୍ ପାଠ କରିଥିଲେ ।" **(ଦଲାଏଲୁନ୍ ନୁବୁୱାଃ ଲିଲ୍ ବହିକି, ଭାଗ-05, ପୃଷ୍ଠା-80, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଅବୁ ହୁରୈରାହ୍ ର.ଅଙ୍କ ଠାରୁ ବର୍ଣ୍ଣିତ ଯେ, ଯେତେବେଳେ ଆପଣ ସ.ଅ ପାବନ ଭୂମି ମକ୍କା ମୁକର୍‌ରମାରେ ପ୍ରବେଶ କଲେ, ଲୋକମାନେ ଆପଣ ସ.ଅଙ୍କ ଦର୍ଶନ ପାଇଁ ଆସିଲେ । ବିନମ୍ରତା ଏବଂ କୃତଜ୍ଞତାର ଭାବନା ଯୋଗୁଁ ଆପଣ ସ.ଅଙ୍କର ମସ୍ତକ ଓଟ ପିଠିର ଆସନ (କୁଜାୱା ବା ପଲାଣ)କୁ ସ୍ପର୍ଶ କରୁଥିଲା । ଆପଣ ସ.ଅ ଲୋକଙ୍କ ଗହଣରେ ଥିଲେ । ଆପଣ ସ.ଅ କହିଲେ: اَللّٰهُمَّ اِنَّ الْعَيْشَ عَيْشُ الْاٰخِرَةِ ଅର୍ଥାତ୍ ହେ ଅଲ୍ଲାଃ ! ନିଃସନ୍ଦେହ ଭାବରେ ପ୍ରକୃତ ଜୀବନ ତ' ପରକାଳର ଜୀବନ ହିଁ ଅଟେ ।

**(ସୁବୁଲୁଲ୍ ହୁଦା, ଗ୍ରନ୍ଥଖଣ୍ଡ-5, ପୃଷ୍ଠା-226, ଦାରୁଲ୍ କୁତୁବୁଲ୍ ଇଲମିୟାହ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କୁହନ୍ତି "ସେହି ଉଚ୍ଚତା ଅର୍ଥାତ୍ ସର୍ବୋଚ୍ଚ ମର୍ଯ୍ୟାଦା ତଥା ମହାନତା ଯାହା ଅଲ୍ଲାଃତାଲାଙ୍କ ବିଶେଷ ଭକ୍ତମାନଙ୍କୁ ପ୍ରଦାନ କରାଯାଇଥାଏ ତାହା ବିନମ୍ରତା ଦ୍ୱାରା ହିଁ ପ୍ରାପ୍ତ ହୋଇଥାଏ ଏବଂ ଶୈତାନ୍‌ର ଉଚ୍ଛୃଙ୍ଖଳତା ଅହଙ୍କାର ସହିତ ମିଶିଥିଲା । ଦେଖ ! ଆମର ନବୀ କରିମ୍ ସ.ଅ ଯେତେବେଳେ ମକ୍କା ବିଜୟ କଲେ, ସେତେବେଳେ ଆପଣ ସ.ଅ ସେହିପରି ନିଜ ମୁଣ୍ଡ ନୁଆଁଇଲେ ଏବଂ ସିଜ୍‌ଦା କଲେ, ଯେପରି ଆପଣ ସ.ଅ ବିପତ୍ତି ଏବଂ କଷ୍ଟର ଦିନମାନଙ୍କରେ ମୁଣ୍ଡ ନୁଆଁଉଥିଲେ ଓ ସଜ୍‌ଦା କରୁଥିଲେ । ଯେତେବେଳେ ଏହି ମକ୍କାରେ ଆପଣଙ୍କୁ ସବୁ ପ୍ରକାରର ବିରୋଧ କରାଯାଉଥିଲା, ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା ଏବଂ କଷ୍ଟ ଦିଆ ଯାଉଥିଲା ସେତେବେଳେ ଆପଣ ସ.ଅ ଦେଖିଲେ ଯେ ମୁଁ କେଉଁ ଅବସ୍ଥାରେ ଏଠାରୁ ଯାଇଥିଲି ଆଉ କେଉଁ ଅବସ୍ଥାରେ ବର୍ତ୍ତମାନ ଫେରି ଆସିଛି । ଅତଏବ୍ ଆପଣ ସ.ଅଙ୍କର ହୃଦୟ ଅଲ୍ଲାଃଙ୍କ କୃତଜ୍ଞତା ଦ୍ୱାରା ପରିପୂର୍ଣ୍ଣ ହୋଇଗଲା ଏବଂ ଆପଣ ସ.ଅ ସଜ୍‌ଦା କଲେ ଅର୍ଥାତ୍ ଅଲ୍ଲାଃତାଲାଙ୍କ ସମ୍ମୁଖରେ ସାଷ୍ଟାଙ୍ଗ ପ୍ରଣୀପାତ କଲେ ।" **(ମଲ୍‌ଫୁଜାତ୍, ହ. ମସିହ୍ ମଉଦ୍ ଅ.ସ, ଗ୍ରନ୍ଥଖଣ୍ଡ-3, ପୃ-260, ସଂସ୍କରଣ ବର୍ଷ- 2022 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅଙ୍କ ଏକ ଦୁଆର ଚର୍ଚ୍ଚା ସହି ମୁସ୍‌ଲିମ୍‌ରେ ଉଲ୍ଲେଖ ରହିଛି । ହଜ୍ଜତୁଲ ୱିଦା (ଶେଷ ହଜ୍) ଅବସରରେ ଯେତେବେଳେ ନବୀ କରୀମ୍ ସ.ଅ ସଫା ଏବଂ ମର୍‌ୱା ପର୍ବତ ମଧ୍ୟରେ ସଈ (ପରିକ୍ରମା) କରିବାକୁ ଇଚ୍ଛା ପ୍ରକାଶ କଲେ ସେତେବେଳେ ଆପଣ ସ.ଅ ସଫା ପର୍ବତ ଠାରୁ ପରିକ୍ରମା ଆରମ୍ଭ କଲେ ଏବଂ ତା' ଅର୍ଥାତ୍ ପର୍ବତ ଉପରକୁ ଚଢ଼ିଗଲେ ଏପର୍ଯ୍ୟନ୍ତକି ଆପଣ ସ.ଅ

ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନକୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ବୈତୁଲ୍ଲାଃ (ଖାନା କାଆବା)କୁ ଦେଖିଲେ । ସେହି କିବଲା ଆଡ଼କୁ ମୁହଁ କରି ଆପଣ ସ.ଅ ଅଲ୍ଲାଃଙ୍କ ଏକେଶ୍ୱରବାଦ (ତୌହିଦ) ଏବଂ ମହିମା ବର୍ଣ୍ଣନା କଲେ । ଆପଣ ସ.ଅ କହିଲେ: "ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ଯୋଗ୍ୟ ନୁହଁନ୍ତି । ସେ ଏକ ଓ ଅଦ୍ୱିତୀୟ । ତାହାଙ୍କର କୌଣସି ସମକକ୍ଷ ନୁହଁନ୍ତି । ସମସ୍ତ ରାଜତ୍ୱ ଏବଂ ପ୍ରଶଂସା ତାହାଙ୍କ ନିମନ୍ତେ ଉଦ୍ଦିଷ୍ଟ । ସେ ସର୍ବଶକ୍ତିମାନ୍ । ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ଯୋଗ୍ୟ ନୁହଁନ୍ତି। ସେ ଏକ ଅଟନ୍ତି । ସେ ନିଜର ପ୍ରତିଶ୍ରୁତି ପୂରଣ କଲେ । ନିଜ ଭକ୍ତ (ଦାସ)କୁ ସାହାଯ୍ୟ କଲେ ଏବଂ ଏକାକୀ ଶତ୍ରୁ ବାହିନୀକୁ ପରାଜିତ କଲେ ।" ଏହା ପରେ ଆପଣ ସ.ଅ ମଝିରେ ଦୁଆ କଲେ । ଏହିପରି ଭାବରେ ଆପଣ ସ.ଅ ତିନିଥର ପ୍ରାର୍ଥନା କଲେ । **(ସହି ମୁସ୍‌ଲିମ୍, ଅନୁବାଦକ, ଗ୍ରନ୍ଥଖଣ୍ଡ-6, ପୃ-118, କିତାବୁଲ୍ ହଜ୍, ବାବ୍- ହଜ୍ଜତୁନ୍ ନବୀ ସ.ଅ, ହଦିସ୍ ନଂ-2123, ନୁର୍ ଫାଉଣ୍ଡେସନ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଅଲୀ ର.ଅ ୟମନରୁ ହମ୍‌ଦାନ ଜନଜାତି (ସଂପ୍ରଦାୟ) ସଂପର୍କରେ ସୂଚନା ଦେବା ସମ୍ପର୍କରେ ଏକ ବର୍ଣ୍ଣନା ରହିଛି । ହ. ବରା ବିନ୍ ଆଜିବ୍ ର.ଅ ବର୍ଣ୍ଣନା କରନ୍ତି ଯେ, 10 ହିଜ୍ରୀରେ ଯେତେବେଳେ ରସୁଲୁଲ୍ଲାଃ ସ.ଅ ହ. ଅଲୀ ର.ଅଙ୍କୁ ୟମନ୍ ପଠାଇଲେ ଏବଂ ସମଗ୍ର ହମ୍‌ଦାନ ସଂପ୍ରଦାୟ ଇସ୍‌ଲାମ୍ ଧର୍ମ ଗ୍ରହଣ କଲା, ସେତେବେଳେ ହ. ଅଲୀ ର.ଅ ଚିଠି ମାଧ୍ୟମରେ ରସୁଲୁଲ୍ଲାଃ ସ.ଅଙ୍କୁ ଏହି ଖବର ଦେଲେ। ଚିଠି (ପତ୍ର) ପଢ଼ିବା ପରେ ରସୁଲୁଲ୍ଲାଃ ସ.ଅ ସଜ୍‌ଦା (ସାଷ୍ଟାଙ୍ଗ ପ୍ରଣାମ)ରେ ପଡ଼ିଗଲେ ଏବଂ କହିଲେ: "ହମ୍‌ଦାନ ଉପରେ ଶାନ୍ତି ବର୍ଷିତ (ଅବତୀର୍ଣ୍ଣ) ହେଉ । ହମ୍‌ଦାନ୍ ଉପରେ ଶାନ୍ତି ବର୍ଷିତ (ଅବତୀର୍ଣ୍ଣ) ହେଉ ।" ଆପଣ ସ.ଅ ଦୁଇଥର ଏହି ବାକ୍ୟ କହିଥିଲେ । **(ଶରହୁଲ ଜର୍କାନୀ, ଗ୍ରନ୍ଥଖଣ୍ଡ-4, ପୃ-140, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍, ସୁବୁଲୁଲ ହୁଦା ୱର୍ ରଶ୍ଶାଦ୍, ଗ୍ରନ୍ଥଖଣ୍ଡ-8, ପୃ-205)**

ହୁଜୁର୍ ଅନୱର୍ ଅ.ବ କହିଲେ, ନବୀ କରୀମ୍ ସ.ଅଙ୍କ କୃତଜ୍ଞତାମୂଳକ ସଜ୍‌ଦା ସଂପର୍କରେ ଅତିରିକ୍ତ ବିବରଣୀ ଏହିପରି ମିଳେ ଯାହା ହ. ଅବୁ ବକ୍କର୍ ର.ଅଙ୍କ ଦ୍ୱାରା ବର୍ଣ୍ଣିତ ହୋଇଛି । ସୁତରାଂ ହ. ଅବୁ ବକ୍କର ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ନବୀ କରୀମ୍ ସ.ଅଙ୍କ ପାଖକୁ କୌଣସି ଖୁସିର ଖବର ଆସୁଥିଲା ସେତେବେଳେ ଆପଣ ସ.ଅ ଅଲ୍ଲାଃ ତବାରକ୍ ଓ ତାଆଲାଙ୍କ କୃତଜ୍ଞତା ପ୍ରକାଶ କରି ସଜ୍‌ଦାରେ ପଡ଼ି ଯାଉଥିଲେ । **(ସୁନନ୍ ଇବ୍ନ ମାଜା, କିତାବ୍ ଇକାମତିସ୍ ସଲାତ୍, ବାବ୍- ମା ଯାଆ ଫିସ୍ ସଲାତି.... ହଦିସ୍ ନଂ-1394)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ହ. ଅନସ୍ ବିନ୍ ମାଲିକ୍ ର.ଅଙ୍କ ଏକ ବର୍ଣ୍ଣନା ରହିଛି ଯେ, ନବୀ ସ.ଅଙ୍କୁ ଏକ ବିଶେଷ କାର୍ଯ୍ୟ ସଂପର୍କରେ ଯେତେବେଳେ ଶୁଭସୂଚନା ଦିଆଗଲା ସେତେବେଳେ ଆପଣ ସ.ଅ ଅଲ୍ଲାଃଙ୍କ କତୃଜ୍ଞତା ଜ୍ଞାପନ କରି ସଜ୍‌ଦାରେ ପଡ଼ିଗଲେ । **(ସୁନନ୍ ଇବ୍‌ନେ ମାଜା, କିତାବ୍ ଇକାମତିସ୍ ସଲାତ୍, ବାବ୍- ମା ଯାଆ ଫିସ୍ ସଲାତି....ହଦିସ୍ ନଂ-1392)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ମୋମିନ୍ (ବିଶ୍ୱାସକାରୀ)ମାନଙ୍କୁ ନବୀ ସ.ଅଙ୍କ ଉପରେ ଦୁରୁଦ୍ (ପ୍ରାର୍ଥନା) ପଠାଇବା ପାଇଁ ଯେଉଁ ଶୁଭ ସୂଚନା ପ୍ରଦାନ କରିଛନ୍ତି ଏବଂ ସେଥିପାଇଁ ଆପଣ ସ.ଅ ଯେଉଁ କୃତଜ୍ଞତା ଜ୍ଞାପନ କରିଛନ୍ତି ତାହା ଏକ ବର୍ଣ୍ଣନାରେ ଏହିପରି ବର୍ଣ୍ଣିତ ହୋଇଛି ଯେ, ହ. ଅବ୍‌ଦୁର୍ ରହମାନ୍ ବିନ୍ ଔଫ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାହ ସ.ଅ ବାହାରକୁ ଆସିଲେ ଏବଂ ନିଜର ଦାନ କରିବା ସ୍ଥାନ ଆଡ଼କୁ ଗଲେ । ତା'ପରେ ଆପଣ ସ.ଅ ଭିତରକୁ ଯାଇ କିବଲା ଆଡ଼କୁ ମୁହଁ କରି ସଜ୍‌ଦା କଲେ । ଆପଣ ସ.ଅ ଏତେ ଦୀର୍ଘ ସଜ୍‌ଦା କଲେ ଯେ, ମୋ ମନରେ ଏହି ଧାରଣା ସୃଷ୍ଟି ହେଲା ଯେ, ବୋଧେ ଅଲ୍ଲାଃଥାଲା ଏହି ଅବସ୍ଥାରେ ଆପଣ ସ.ଅଙ୍କର ଆତ୍ମାକୁ ହରଣ କରି ନେଇଛନ୍ତି । ମୁଁ ଆପଣ ସ.ଅଙ୍କ ପାଖରେ ଯେତେବେଳେ ବସିଲି ସେତେବେଳେ ଆପଣ ସ.ଅ ମୁଣ୍ଡ ଟେକି ପଚାରିଲେ: "ଏ କିଏ ? ମୁଁ କହିଲି ଅବ୍‌ଦୁର ରହମାନ୍ । ଆପଣ ସ.ଅ ପଚାରିଲେ, କ'ଣ ହେଲା ? ମୁଁ କହିଲି: "ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଏତେ ଦୀର୍ଘ ସଜଦା କଲେ ଯେ, ମୋତେ ଭୟ ଲାଗିଲା ଯେ, ଆପଣ ସ.ଅଙ୍କର ଦେହାନ୍ତ ହୋଇଗଲା କି ?" ଆପଣ ସ.ଅ କହିଲେ, "ଜିବ୍ରାଇଲ୍ ଅ.ସ ମୋ ପାଖକୁ ଆସି ଏହି ଶୁଭସୂଚନା ଦେଲେ ଯେ, ହେ ମୁହମ୍ମଦ୍ ସ.ଅ ଅଲ୍ଲାଃତାଲା କୁହନ୍ତି ଯେ, ଯିଏ ଆପଣ ସ.ଅଙ୍କ ଉପରେ ଦୁରୁଦ ପ୍ରେରଣ କରିବ ମୁଁ ତା' ଉପରେ ମୋର ରହମତ୍ (କୃପା) ବର୍ଷଣ କରିବି ଏବଂ ଯିଏ ଆପଣ ସ.ଅଙ୍କୁ ସଲାମ୍ (ନମସ୍କାର ଜଣାଇବ) ପଠାଇବ, ମୁଁ ତାକୁ ସଲାମ୍ ପଠାଇବି । ଏଥିପାଇଁ ମୁଁ ଅଲ୍ଲାଃତାଲାଙ୍କ କୃତଜ୍ଞତା ଜଣାଇ ସଜ୍‌ଦା କରିଥିଲି ।" **(ମସନଦ୍ ଅହମଦ ବିନ୍ ହମ୍ବଲ୍, ମସ୍‌ନଦ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଔଫ୍, ଗ୍ରନ୍ଥଖଣ୍ଡ-1, ପୃ-512-513, ହଦିସ୍ ନଂ-1664, ଆଲିମୁଲ୍ କୁତୁବ୍, 1998 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହି ସଜଦା ଏତେ ଦୀର୍ଘ ଥିଲା ଯେ, ତାହା କେବଳ କୃତଜ୍ଞତା ଜ୍ଞାପନ କରିବା ନିମନ୍ତେ ହିଁ ଉଦ୍ଦିଷ୍ଟ ଥିଲା । ହ. ଅବୁ ବକ୍କର ର.ଅ ବର୍ଣ୍ଣନା କରନ୍ତି ଯେ, ସେ ରସୁଲୁଲ୍ଲାଃ ସ.ଅଙ୍କୁ ଦେଖିଲେ ଯେତେବେଳେ ଯେ, ଜଣେ ଶୁଭସୂଚନା ପ୍ରଦାନକାରୀ ବ୍ୟକ୍ତି ଆସି ଶତ୍ରୁ ସୈନ୍ୟ ଉପରେ ବିଜୟ ସଂପର୍କରେ ଖବର ଦେଲା । ସେତେବେଳେ ଆପଣ ସ.ଅଙ୍କ ମୁଣ୍ଡ ହ. ଆଏଶା ର.ଅଙ୍କ କୋଳରେ ଥିଲା। ଆପଣ ଉଠି ଠିଆ ହେଲେ ଏବଂ ସଜଦାରେ ପଡ଼ିଗଲେ । **(ସୁବ୍‌ଲୁଲ ହୁଦା ୱର୍ ରଶ୍ଶାଦ୍, ଗ୍ରନ୍ଥଖଣ୍ଡ-8, ପୃ-205, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, )** ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଅମ୍ର ବିନ୍ ଶୁଐବ୍ ନିଜ ପିତାଙ୍କ ଠାରୁ ଏବଂ ସେ ନିଜ ଜେଜେବାପାଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ସେମାନେ ରସୁଲୁଲ୍ଲାଃ ସ.ଅଙ୍କୁ ଏହା କହୁଥିବାର ଶୁଣିଛନ୍ତି ଯେ: "ଦୁଇଟି ଗୁଣ ଏପରି ଅଟନ୍ତି ଯେ, ଯଦି ତାହା ଜଣେ ବ୍ୟକ୍ତି ମଧ୍ୟରେ ଥାଏ ତେବେ ଏହା ତା' ପକ୍ଷେ ଉତ୍ତମ ଅଟେ ଓ ଅଲ୍ଲାଃତାଲା ତାକୁ ଧୈର୍ଯ୍ୟଶୀଳ (ସାବିର୍) ଏବଂ କୃତଜ୍ଞତା ଜ୍ଞାପନକାରୀ (ଶାକିର୍) ବ୍ୟକ୍ତି ଭାବରେ ଲେଖି ଦିଅନ୍ତି । ପ୍ରଥମଟି ହେଲା, ଯିଏ ନିଜ ଧର୍ମ ପ୍ରସଙ୍ଗରେ ନିଜ ଠାରୁ ଉଚ୍ଚରେ ଥିବା ଲୋକମାନଙ୍କୁ ଦେଖେ ଏବଂ ସେମାନଙ୍କୁ ଅନୁସରଣ କରେ ଓ ସେମାନଙ୍କ ସମକକ୍ଷ ହୁଏ ତେବେ ସେ ପରିପ୍ରେକ୍ଷୀରେ ସେହି ବ୍ୟକ୍ତି କୃତଜ୍ଞତା ଜ୍ଞାପନକାରୀ ବ୍ୟକ୍ତି ରୂପେ ବିବେଚିତ ହେବ । ଦ୍ୱିତୀୟଟି ହେଲା, ଯିଏ ନିଜର ସାଂସାରିକ ମାମଲାରେ ନିଜ ଠାରୁ ନିମ୍ନରେ ଥିବା ଲୋକମାନଙ୍କୁ ଦେଖେ ଏବଂ ଅଲ୍ଲାଃଙ୍କ ପ୍ରଶଂସା କରେ ଯେ ଅଲ୍ଲାଃତାଲା ତାକୁ ଶ୍ରେଷ୍ଠତା ପ୍ରଦାନ କରିଛନ୍ତି । କିନ୍ତୁ ଯିଏ ଧର୍ମ ପ୍ରସଙ୍ଗରେ ନିଜ ଠାରୁ ନିମ୍ନ ଏବଂ ସଂସାରରେ ନିଜ ଠାରୁ ଉଚ୍ଚ ଲୋକଙ୍କୁ ଦେଖି ଅବଶୋଷ କରିଥାଏ ଯାହାକି ତା' ଦ୍ୱାରା ସଂପୂର୍ଣ୍ଣ ହୋଇ ନଥାଏ ତେବେ ଅଲ୍ଲାଃତାଲା ତାକୁ ଧୈର୍ଯ୍ୟଶୀଳ କିମ୍ବା କୃତଜ୍ଞ ବ୍ୟକ୍ତି ରୂପେ ଲେଖନ୍ତି ନାହିଁ ।" **(କିତାବୁଶ୍ ଶୁକ୍ରି ଇବ୍ନେ ଅବି ଅବିଦ୍ ଦୁନିୟା, ପୃ-60, ମକ । ତବା ଅତ୍ତୁରାସଲ୍ ଇସଲାମିୟୁ-1994 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ହ. ଅବୁ ହୁରୈରା ର.ଅ ବର୍ଣ୍ଣନା କରନ୍ତି ଯେ ରସୁଲୁଲ୍ଲାଃ ସ.ଅ କହିଲେ: " ହେ ସାହାବାମାନେ ! ତୁମଠାରୁ ନିମ୍ନରେ ଥିବା ଲୋକମାନଙ୍କୁ ତୁମେମାନେ ଦେଖ ଓ ତୁମମାନଙ୍କ ଠାରୁ ଉପରେ ଥିବା ଲୋକମାନଙ୍କୁ ନୁହେଁ । ଏହା ଦ୍ୱାରା ତୁମେ ଅଲ୍ଲାଃଙ୍କ ଅନୁଗ୍ରହର ଅନାଦର କରିବ ନାହିଁ ।" **(ସହି୍ ମୁସ୍‌ଲିମ୍, ଅନୁବାଦକ, କିତାବୁଜ୍ ଜୋହୋଦ୍ ୱର୍ ରକାଇକି, ହଦିସ୍ ନଂ-5250, ଗ୍ରନ୍ଥଖଣ୍ଡ-15, ପୃ-159, ନୁର୍ ଫାଉଣ୍ଡେସନ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଅବ୍‌ବାସ୍ ର.ଅଙ୍କ ଠାରୁ ବର୍ଣ୍ଣିତ ଯେ, ରସୁଲୁଲ୍ଲାଃ ସ.ଅ କହିଛନ୍ତି: "ଚାରୋଟି ଜିନିଷ ଏପରି ରହିଛି ଯାହାକୁ ଏହି ଜିନିଷ ମିଳିଗଲା, ତାକୁ ଦୁନିଆ ଏବଂ ଆଖିରତ (ଇହକାଳ ଓ ପରକାଳ)ର ପୁଣ୍ୟ ମିଳିଗଲା: 1. କୃତଜ୍ଞ ଜ୍ଞାପନକାରୀ ହୃଦୟ 2. ଅଲ୍ଲାଃଙ୍କ ସ୍ମରଣ କରୁଥିବା ଜିଭ (ତୁଣ୍ଡ) 3. ବିପଦ ସମୟରେ ଧୈର୍ଯ୍ୟ ପ୍ରଦର୍ଶନକାରୀ ଶରୀର ଏବଂ 4. ଏପରି ପତ୍ନି ଯିଏ ନିଜର ପବିତ୍ରତା, ସତୀତ୍ୱତା ଓ ସ୍ୱାମୀଙ୍କ ସମ୍ପତ୍ତିରେ ତା' ସହିତ ବିଶ୍ୱାସଘାତକତା କରେ ନାହିଁ ।" **(କିତାବୁଶ୍ ଶୁକ୍ର, ଇବ୍ନେ ଅବି ଦୁନିୟା, ପୃ-17, ମକ୍‌ତବା ଅତ୍ତୁରାସୁଲ୍ ଇସ୍‌ଲାମିୟା-1994 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଅବୁ ହୁରୈରା ର.ଅ କୁହନ୍ତି ଯେ, ରସୁଲୁଲ୍ଲାଃ ସ.ଅ କୁହନ୍ତି: "ହେ ଅବୁ ହୁରୈରା ! ସଂଯମୀ ହୁଅ, ତୁମେ ସବୁଠାରୁ ବଡ଼ ଇବାଦତ୍‌ଗୁଜାର (ଉପାସକ) ହୋଇଯିବ । ମିତବ୍ୟୟୀ ହୁଅ, ତୁମେ ସମସ୍ତ ଲୋକମାନଙ୍କ ଅପେକ୍ଷା ସର୍ବାଧିକ କୃତଜ୍ଞତା ଜ୍ଞାପନକାରୀ ବ୍ୟକ୍ତି ହୋଇଯିବ । ସୁତରାଂ ମିତବ୍ୟୟୀତା ମଧ୍ୟ କୃତଜ୍ଞତା ଆଡ଼କୁ ଅଗ୍ରସର କରାଇଥାଏ । ଅନ୍ୟମାନଙ୍କ ଅର୍ଥାତ୍ ଲୋକମାନଙ୍କ ନିମନ୍ତେ ତାହା ପସନ୍ଦ କର ଯାହା ତୁମେ ନିଜ ନିମନ୍ତେ ପସନ୍ଦ କର, ତେବେ ସେତେବେଳେ ଯାଇ ତୁମେ ବିଶ୍ୱାସାକାରୀ ବ୍ୟକ୍ତି ହୋଇଯିବ । ପଡ଼ୋଶୀମାନଙ୍କ ସହିତ ଭଲ ବ୍ୟବହାର ପ୍ରଦର୍ଶନ କର ତେବେ ଯାଇ ତୁମେ ମୁସ୍‌ଲିମ୍ ହୋଇଯିବ । କମ୍ ହସ କାରଣ ଅତ୍ୟଧିକ ହସିବା ଦ୍ୱାରା ହୃଦୟ ନିଷ୍ପ୍ରାଣ (ମୃତ) ହୋଇ ଯାଇଥାଏ ।" **(ସୁନନ ଇବ୍ନେ ମାଜା, କିତାବୁଜ୍ ଜୋହୋଦ୍, ବାବ୍- ଅଲ୍ ୱରଅ ୱତ୍ ତକୱା, ହଦିସ୍ ନଂ-4217)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ମନୁଷ୍ୟକୁ ସର୍ବଦା ଅଲ୍ଲାଃତାଲାଙ୍କ ସମ୍ମୁଖରେ ଆନତକାରୀ ହେବା ଉଚିତ୍ । ଦୁଆ କରିବା ଆଡ଼କୁ ଧ୍ୟାନ ଦେବା ଉଚିତ୍ । ସବୁବେଳେ କେବଳ ଥଟ୍ଟା ପରିହାସ କରିବା ଉଚିତ୍ ନୁହଁ । ଅଲ୍ଲାଃତାଲା ଆମମାନଙ୍କୁ ଆପଣ ସ.ଅଙ୍କ ଆଦେଶାବଳୀ ଉପରେ କାର୍ଯ୍ୟାନାସୁରଣକାରୀ ବ୍ୟକ୍ତି ରୂପେ ପରିଗଣିତ ହେବା ନିମନ୍ତେ ସାମର୍ଥ୍ୟୟ ପ୍ରଦାନ କରନ୍ତୁ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଆଏଶା ର.ଅ ନବୀ କରୀମ୍ ସ.ଅଙ୍କ ସଦାସର୍ବଦା ଅଲ୍ଲାଃଙ୍କ ସ୍ମରଣ ଏବଂ କୃତଜ୍ଞତା ସଂପର୍କରେ କୁହନ୍ତି ଯେ, ନବୀ କରୀମ୍ ସ.ଅ ସବୁ ସମୟରେ ଅଲ୍ଲାଃଙ୍କୁ ସ୍ମରଣ କରୁଥିଲେ । **(ସହିହ ମୁସ୍‌ଲିମ୍, ଅନୁବଦାକ, କିତାବୁଲ୍ ହୈଜି, ବାବ୍- ଜକରଲ୍ଲାଃହା ଫିଲ୍ ହାଲିଲ୍ ଜନାବତି ୱ ଗୈରିହା, ହଦିସ୍ ନଂ-550, ଗ୍ରନ୍ଥଖଣ୍ଡ-2, ପୃ-126, ପ୍ରକାଶକ-ନୁର୍ ଫାଉଣ୍ଡେସନ୍)**

ହୁଜୁର୍ ଅନୱର୍ ଅ.ବ କହିଲେ, ଅତଏବ୍ ଆପଣ ସ.ଅ ନିଜର ଉମ୍ମତ୍ ଅର୍ଥାତ୍ ନିଜର ଧର୍ମାବଲମ୍ବୀମାନଙ୍କ ସମ୍ମୁଖରେ ନିଜର ସର୍ବୋଚ୍ଚ ଆଦର୍ଶ ଉପସ୍ଥାପନ କରିଛନ୍ତି ଏବଂ ଆମମାନଙ୍କୁ ଆପଣ ସ.ଅ ଉପଦେଶ ମଧ୍ୟ ଦେଇଛନ୍ତି । ପବିତ୍ର କୁରାନ୍ କରୀମରେ ମଧ୍ୟ ଆପଣ ସ.ଅଙ୍କ ଆଦର୍ଶର ସାକ୍ଷ୍ୟ ସଂପର୍କରେ ଉଲ୍ଲେଖ ରହିଛି । ତେଣୁ ଅଲ୍ଲାଃତାଲା ଏହି ଆଦର୍ଶକୁ କାର୍ଯ୍ୟାନୁସରଣ କରିବା ନିମନ୍ତେ ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ। **ଆମିନ୍** । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଦ୍ୱିତୀୟ କଥା ମୁଁ ସଂକ୍ଷେପରେ କହି ଦେଉଛି ଯେ, ଆସନ୍ତା ଶୁକ୍ରବାରରୁ ୟୁକେ (UK)ରେ ଜମାଅତେ ଅହମଦିୟାର ବାର୍ଷିକ ସମ୍ମିଳନୀ (ଜଲସା ସାଲାନା) ଆରମ୍ଭ ହେବାକୁ ଯାଉଛି । ତେଣୁ ଆପଣମାନେ ଦୁଆ କରନ୍ତୁ ଯେ, ଅଲ୍ଲାଃତାଲା ଏହି ଜଲ୍‌ସାକୁ ପ୍ରତ୍ୟେକ ଦୃଷ୍ଟିରୁ କଲ୍ୟାଣମୟ ତଥା ସାଫଲ୍ୟମଣ୍ଡିତ କରନ୍ତୁ ଏବଂ ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ । ଆଜିକାଲି ଗ୍ରୀଷ୍ମ ଋତୁର ପ୍ରବଳ ଉତ୍ତାପ ଯୋଗୁଁ କିଛି ବିପଦ ମଧ୍ୟ ରହିଛି । ଅଲ୍ଲାଃତାଲା ସମସ୍ତଙ୍କୁ ପ୍ରତିକୂଳ ପ୍ରଭାବରୁ ରକ୍ଷା କରନ୍ତୁ । **ଆମିନ୍** । ସେହିପରି ଯେଉଁ ସେବାକାରୀ କର୍ମଚାରୀମାନେ ଖରାରେ ଛିଡ଼ା ହୋଇ କଠିନ ଡ୍ୟୁଟି କରୁଛନ୍ତି, ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ସୁଚାରୁରୂପେ ନିଜ ନିଜର କର୍ତ୍ତବ୍ୟ ପାଳନ ଏବଂ ସମ୍ପାଦନ କରିବା ନିମନ୍ତେ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

☆...☆...☆

## ଗତ ସଂଖ୍ୟା-34-35ରେ ବର୍ଣ୍ଣିତ ହୁଜୁର୍ ଅନଓ୍ୱର୍ ଅ.ବଙ୍କ 2013ର ଅଷ୍ଟ୍ରେଲିଆ ଗସ୍ତର ଅବଶିଷ୍ଟାଂଶ.....

ହୁଜୁର୍ ଅନଓ୍ୱର କହିଲେ, "ପ୍ରତ୍ୟେକଙ୍କୁ ଏହା Realise (ହୃଦୟଙ୍ଗମ) କରାଇବା ଉଚିତ୍ ଯେ, ଆମେମାନେ କାହିଁକି ଅହମଦୀ ଏବଂ ଆମର ଦାୟିତ୍ୱ କ'ଣ ? ଅନ୍ୟମାନଙ୍କ ସାମ୍ନାରେ ଆମର ଚରିତ୍ର କିପରି ହେବା ଉଚିତ୍ ? ଏପରି ନ ହେଉ ଯେ ଆମେମାନେ ଏହି ସମାଜର ସ୍ୱାଧୀନତାରେ ହିଁ ହଜିଯିବା ।"

ହୁଜୁର୍ ଅନ୍ଓ୍ୱର୍ ଅ.ବ କହିଲେ: ନ୍ୟାସ୍ନାଲ୍ ସେକ୍ରେଟାରୀ ୱକ୍ଫେ ନଥ ନିଜର ରିପୋର୍ଟ ଉପସ୍ଥାପନ କରି ଜଣାଇଲେ ଯେ, ଆମର ୱାକ୍ଫିନେ ନଅଙ୍କ ମୋଟ୍ ସଂଖ୍ୟା 442 । ତନ୍ମଧ୍ୟରୁ ବାଳକମାନଙ୍କ ସଂଖ୍ୟା 277 ଏବଂ ବାଳିକାମାନଙ୍କ ସଂଖ୍ୟା 165 ଅଟେ । 15 ବର୍ଷରୁ ଉର୍ଦ୍ଧ୍ୱ ବୟସର ୱାକ୍ଫିନେ ନଅଙ୍କ ସଂଖ୍ୟା 174 ଅଟେ । ତନ୍ମଧ୍ୟରୁ 171 ଜଣ ନିଜର ୱକ୍ଫ୍ (ଉତ୍ସର୍ଗ)ର ନବୀକରଣ କରିଛନ୍ତି । ପ୍ରତ୍ୟୁତ୍ତରରେ ହୁଜୁରେ ଅନ୍ଓ୍ୱର କହିଲେ, ଯେଉଁ ତିନିଜଣ ୱକ୍ଫର ନବୀକରଣ କରି ନାହାନ୍ତି ସେମାନଙ୍କ ନାମ ପଠାନ୍ତୁ । କାରଣ ସେମାନଙ୍କୁ ଫାରିଗ୍ (ୱକ୍ଫରୁ ମୁକ୍ତ) କରା ଯାଇପାରିବ ।

ନ୍ୟାସ୍ନାଲ୍ ସେକ୍ରେଟାରୀ ତାଲିମ୍ (ଶିକ୍ଷା ସଚିବ)ଙ୍କୁ ନିର୍ଦ୍ଦେଶ ଦେଇ ହୁଜୁରେ ଅନ୍ଓ୍ୱର କହିଲେ, ଖୁଦ୍ଦାମୁଲ୍ ଅହମଦିୟା ସହିତ ମିଶି ଅହମଦିୟା ଷ୍ଟୁଡେଣ୍ଟସ୍ ଆସୋସିଏସନ୍ (ସଂଘ) ଗଠନ କରନ୍ତୁ । ଏହି ଆସୋସିଏସନ୍ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଗଠନ ହେବା ଉଚିତ୍ ଏବଂ ଛାତ୍ର ପ୍ରସଙ୍ଗ ସଂପର୍କରେ ଆୟୋଜକ ସେକ୍ରେଟାରୀଙ୍କ ଅଧୀନରେ ଖୁଦ୍ଦାମୁଲ୍ ଅହମଦିୟା ଏହାକୁ ପରିଚାଳନା କରିପାରିବ ।

ହୁଜୁର୍ ଅନ୍ଓ୍ୱର୍ ଅ.ବ କହିଲେ: "ଆପଣଙ୍କର ଯେଉଁ 332 ଜଣ ଛାତ୍ରମାନେ ମାଧ୍ୟମିକ ଶିକ୍ଷା ସମାପ୍ତ କରୁଛନ୍ତି ସେମାନଙ୍କ ପାଇଁ କାଉନସିଲିଂ (Counseling)ର ବ୍ୟବସ୍ଥା କରନ୍ତୁ । କାରଣ ସେମାନେ ଆଗକୁ କ'ଣ କରିବେ ଏବଂ କେଉଁ କ୍ଷେତ୍ର ବାଛିବେ ? ଆପଣ ନିଜର ଛାତ୍ରମାନଙ୍କୁ ସଂଗଠିତ କରନ୍ତୁ ଏବଂ ଏକ ବ୍ୟବସ୍ଥା ଅଧୀନରେ ସେମାନେ ବିଭିନ୍ନ କ୍ଷେତ୍ରକୁ ଯାଆନ୍ତୁ ଏବଂ ପ୍ରତ୍ୟେକ ପଦକ୍ଷେପ ଏବଂ ମାର୍ଗରେ ସେମାନଙ୍କୁ ମାର୍ଗଦର୍ଶନ ଯେପରି ମିଳୁ ।"

ହୁଜୁର୍ ଅନ୍ଓ୍ୱର୍ ଅ.ବ କହିଲେ: ନ୍ୟାସ୍ନାଲ୍ ସେକ୍ରେଟାରୀ ଜାଏଦାଦ୍ (ସମ୍ପତ୍ତି) ଙ୍କୁ ନିର୍ଦ୍ଦେଶ ଦେଇ ହୁଜୁର୍ ଅନ୍ଓ୍ୱର୍ ଅ.ବ କହିଲେ, ଏକ କମିଟି ଗଠନ କରନ୍ତୁ ଯାହା ଅନୁଧ୍ୟାନ କରିବ ଯେ, କିଛି ଅଞ୍ଚଳରେ ଏପରି ଜମି ମିଳିପାରିବ କି ଯେଉଁଠାରେ କୃଷି କାର୍ଯ୍ୟ ହୋଇପାରୁଥିବ ଏବଂ ଯେଉଁଠି ଜଳ ମଧ୍ୟ ଉପଲବ୍ଧ ଥିବ । 100 ଏକର ଜମିରେ ଗୋଟିଏ ପରିବାର ଆସି ବସବାସ କରିପାରିବ। କେତେକ ବର୍ଷାଞ୍ଚଳ ଏବଂ ନଈ କୂଳିଆ ଅଞ୍ଚଳ ରହିଛି । ସେଠାରେ ସମୀକ୍ଷା କରାଯିବା ଉଚିତ୍ ଯେ, ଜମି ମିଳିପାରିବ କି ନାହିଁ ଏବଂ ଜଳ ବ୍ୟବହାର କରିବାର ଅନୁମତି ଅଛି କି ନାହିଁ ।

ହୁଜୁର୍ ଅନ୍ଓ୍ୱର୍ ଅ.ବ କହିଲେ: ସେକ୍ରେଟାରୀ ସମ୍ପତ୍ତି, ସେକ୍ରେଟାରୀ ଶିଳ୍ପ ଓ ବାଣିଜ୍ୟ ଏବଂ କିଛି ବୈଷୟିକ ବ୍ୟକ୍ତିଙ୍କୁ ସାମିଲ୍ କରି ଏକ କମିଟି ଗଠନ କରନ୍ତୁ ଯିଏ ଏହି ସମସ୍ତ ବିଷୟ ଉପରେ ଅନୁଧ୍ୟାନ କରିବ ଏବଂ ପୂର୍ଣ୍ଣ ଯୋଜନା ପ୍ରସ୍ତୁତ କରି ପଠାଇବ । ତତ୍ସହିତ ଏହି କମିଟି ଏହା ମଧ୍ୟ ଯାଞ୍ଚ କରିବ ଯେ ଦେଶର ଆଇନ ଏବଂ ଇମିଗ୍ରେସନ୍ ନିୟମ ଅନୁସାରେ ବାହାରୁ ଲୋକମାନେ ଆସି ଏଠାରେ ଚାଷବାସ କରିପାରିବେ ଅବା ନାହିଁ । କ'ଣ ନିୟମ, ସର୍ତ୍ତ ଏବଂ ଭିସା ଇତ୍ୟାଦି ମିଳିପାରିବ କି ନାହିଁ ।

ହୁଜୁର୍ ଅନ୍ଓ୍ୱର୍ ଅ.ବଙ୍କ ସମ୍ମୁଖରେ କୁହାଗଲା ଯେ, ସିଡ୍ନୀରେ ଆମର ଚାରୋଟି ଜମାଅତ୍ ଅଛି ଏବଂ ବର୍ତ୍ତମାନ ଆମକୁ ଦ୍ୱିତୀୟ ମସ୍ଜିଦ୍ ନିର୍ମାଣର ଆବଶ୍ୟକତା ରହିଛି। ପ୍ରତ୍ୟୁତ୍ତରରେ ହୁଜୁର୍ ଅନ୍ଓ୍ୱର୍ ଅ.ବ କହିଲେ ଯେ ସିଡ୍ନୀରେ ଦ୍ୱିତୀୟ ମସ୍ଜିଦ୍ ନିର୍ମାଣ କରନ୍ତୁ । ବହୁତ ବଡ଼ ନ କରି ନିଜ କାର୍ଯ୍ୟକାରୀ କମିଟି (ମଜଲିସେ ଆମିଲା)ରେ ଆଲୋଚନା କରି ନିଷ୍ପତ୍ତି ନିଅନ୍ତୁ ।

ହୁଜୁର୍ ଅନ୍ଓ୍ୱର୍ ଅ.ବଙ୍କ ସମ୍ମୁଖରେ ଏହି ପ୍ରସ୍ତାବ ରଖାଗଲା ଯେ, ହୁଜୁର୍ ! ଅଷ୍ଟ୍ରେଲିଆରେ ମଧ୍ୟ ଯାମିୟା ଅହମଦିୟା (ଧାର୍ମିକ ମହାବିଦ୍ୟାଳୟ) ପ୍ରତିଷ୍ଠା କରାଯାଉ ଏବଂ ଦକ୍ଷିଣ ପ୍ରଶାନ୍ତ ମହାସାଗରୀୟ (ସାଉଥ୍ ପ୍ୟାସିଫିକ୍) ଦେଶଗୁଡ଼ିକରୁ ମଧ୍ୟ ଛାତ୍ରମାନେ ଏଠାକୁ ଆସନ୍ତୁ । ଏହି ପ୍ରସ୍ତାବ ଉପରେ ହୁଜୁର୍ ଅନ୍ଓ୍ୱର୍ ଅ.ବ କହିଲେ ଯେ, ସମସ୍ତ ଦିଗ ପ୍ରତି ଅନୁଧ୍ୟାନ କରି ଏକ Feasibility (ସମ୍ଭାବ୍ୟତା) ରିପୋର୍ଟ ପ୍ରସ୍ତୁତ କରି ପଠାନ୍ତୁ ।

ହୁଜୁର୍ ଅନ୍ଓ୍ୱର୍ ଅ.ବ କହିଲେ, ଏହା ମଧ୍ୟ ଦେଖନ୍ତୁ ଯେ କେତେ ଜଣ ୱାକ୍ଫିନେ-ନଅ ଛାତ୍ର ଯାମିୟା ଅହମଦିୟାକୁ ଯିବାକୁ ଇଚ୍ଛୁକ୍ ଅଟନ୍ତି । ପ୍ରତିବର୍ଷ କେତେ ଜଣ ନାମ ଲେଖାଇବେ ? ଯଦି ଦୁଇ ତିନି ଜଣ ହୁଅନ୍ତି ତେବେ ଏହା ସମ୍ଭବ (Feasible) ନୁହେଁ। ତା'ପରେ ଯାମିୟା ପାଇଁ କୋଠା, ହଷ୍ଟେଲ୍, ବାର୍ଷିକ ବଜେଟ୍, ଖର୍ଚ୍ଚ ଏବଂ ଶିକ୍ଷକମାନଙ୍କ ଆବଶ୍ୟକତା ପଡ଼ିବ । ଶିକ୍ଷକମାନଙ୍କୁ ଭିସା ମିଳିପାରିବ କି ନାହିଁ ? ସେମାନଙ୍କ ରହିବା ପାଇଁ ସ୍ଥାନ ଯୋଗାଇବାକୁ ହେବ । ଏହା ମଧ୍ୟ ଯାଞ୍ଚ କରନ୍ତୁ ଯେ ଦେଶର ଆଇନ କୌଣସି ବେସରକାରୀ ଧାର୍ମିକ ଅନୁଷ୍ଠାନ ପ୍ରତିଷ୍ଠା କରିବାକୁ ଅନୁମତି ଦେଉଛି କି ନାହିଁ ଏବଂ ଏହା ପାଇଁ କ'ଣ ନିୟମ ଓ ସର୍ତ୍ତସବୁ ରହିଛି । ପ୍ରଶାନ୍ତ ମହାସାଗରୀୟ ଦେଶଗୁଡ଼ିକରୁ ଆସୁଥିବା ଛାତ୍ରମାନଙ୍କୁ ଭିସା ମିଳିବ କି ନାହିଁ ଏବଂ ସେମାନେ ଦୀର୍ଘ ଦିନ ପର୍ଯ୍ୟନ୍ତ ରହିପାରିବେ କି ନାହିଁ । ହୁଜୁର୍ ଅନ୍ଓ୍ୱର୍ ଅ.ବ କହିଲେ ଯେ ଏହି ସମସ୍ତ ବିଷୟରେ ଗଭୀର ଅନୁଧ୍ୟାନ କରିବାର ଆବଶ୍ୟକତା ରହିଛି । ଏକ ସମ୍ପୂର୍ଣ୍ଣ ସମ୍ଭାବ୍ୟ ରିପୋର୍ଟ (Comprehensive Feasibility Report) ପ୍ରସ୍ତୁତ କରି ପଠାନ୍ତୁ। ନ୍ୟାସନାଲ୍ ମଜ୍ଲିସେ ଆମିଲା ଅଷ୍ଟ୍ରେଲିଆର ହୁଜୁର୍ ଅନ୍ଓ୍ୱର୍ ଅ.ବଙ୍କ ସହିତ ଏହି ବୈଠକ ରାତି 8.50 ମନିଟରେ ଶେଷ ହେଲା । ବୈଠକ ଶେଷରେ ହୁଜୁର୍ ଅନ୍ଓ୍ୱର୍ ଅ.ବ ସ୍ନେହପୂର୍ବକ ଆମିଲାର ସମସ୍ତ ସଦସ୍ୟବୃନ୍ଦଙ୍କୁ କଲମ ଉପହାର ଦେଲେ ଏବଂ ଆମିଲାର ସଦସ୍ୟମାନେ ହୁଜୁର୍ ଅନ୍ଓ୍ୱର୍ ଅ.ବଙ୍କ ସହିତ ଏକ ଗ୍ରୁପ୍ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଏହା ପରେ ରାତି 9.00 ଟାରେ ହୁଜୁର୍ ଅନ୍ଓ୍ୱର୍ ଅ.ବ ମସଜିଦ୍ ବୈତୁଲ୍ ହୁଦାରେ ମଗରିବ୍ ଏବଂ ଇଶା ନମାଜ୍ ଜମା କରି (ଏକତ୍ରିତ କରି) ପାଠ କରାଇଲେ । ନମାଜ୍ ପାଠ ପରେ ହୁଜୁର୍ ଅନ୍ଓ୍ୱର୍ ଅ.ବ ନିଜ ରହଣୀ ସ୍ଥାନକୁ ପ୍ରସ୍ଥାନ କଲେ । **(ଅବଶିଷ୍ଟ.... ଆଗାମୀ ସଂଖ୍ୟାରେ) (ଅଲ୍ ଫଜଲ୍ ଇଣ୍ଟରନ୍ୟାସନାଲ୍, 13 ଡିସେମ୍ବର 2013 ମସିହା, 19 ଡିସେମ୍ବର 2013 ମସିହା)**

☆...☆...☆

## ପୃ-11ରେ ବର୍ଣ୍ଣିତ ଖୁତ୍ବା ଜୁମାର ଅବଶିଷ୍ଟାଂଶ..... ।"

ପାଇଁ ମାଂସ ତରକାରୀ ତିଆରି କରିବାର କୌଣସି ଆବଶ୍ୟକତା ନାହିଁ । "ହୁଜୁର ଅ.ସ କହିଲେ, ଯଦିଓ ସେମାନଙ୍କୁ ଘରେ ଡାଲି ନମିଳୁ କିନ୍ତୁ ଯେତେବେଳେ ସେମାନେ ଅନ୍ୟମାନଙ୍କୁ ମାଂସ କିମ୍ବା ପଲୋଉ ଖାଉଥିବାର ଦେଖିବେ ସେତେବେଳେ ସେମାନଙ୍କ ମନରେ ମଧ୍ୟ ଖାଇବାର ଇଚ୍ଛା ନିଶ୍ଚୟ ସୃଷ୍ଟି ହେବ ଏବଂ ନ ମିଳିବା ସ୍ଥଳେ ସେମାନଙ୍କ ମନ ଭାଙ୍ଗିଯିବ ।" ଏହା ତ' ଅତିଥିମାନଙ୍କ ମନ ଭାଙ୍ଗିବା ସଦୃଶ ଯେ, ଗୋଟିଏ ପଟେ ଜଣେ ଅତିଥିଙ୍କୁ ବସାଇ ଆପଣ ମାଂସ ଖୁଆଉଛନ୍ତି ଏବଂ ଅନ୍ୟ ଜଣଙ୍କୁ କହୁଛନ୍ତି ଯେ ଡାଲି ଖାଅ । ଏହା କଦାପି ସମ୍ଭବ ହୋଇପାରିବ ନାହିଁ । ଆପଣ ଅ.ସ କହିଲେ, "ମୋର ଶିଷ୍ୟମାନେ ଗରିବ ହୁଅନ୍ତୁ କିମ୍ବା ଧନୀ ହୁଅନ୍ତୁ ସେମାନଙ୍କ ସହିତ ମୋର ସମ୍ପର୍କ ସମାନ ଅଟେ ।" **(ରିୱାୟତ୍ ଅସ୍ହାବେ ଅହମଦ, ଗ୍ରନ୍ଥଖଣ୍ଡ-4, ପୃଷ୍ଠା-65)**

ହୁଜୁର୍ ଅନ୍ଓ୍ୱର୍ ଅ.ବ କହିଲେ, ସେଥିପାଇଁ ଗୋଟିଏ ପ୍ରକାରର ଖାଦ୍ୟ ରାନ୍ଧ । ମାଂସ ପଲୋଉ ଆଦି ଦେଉଛ ତେବେ ସମସ୍ତଙ୍କୁ ପଲୋଉ ମାଂସ ଦିଅ ଏବଂ ଯଦି ଡାଲି ଦେଉଛ ତେବେ ସମସ୍ତଙ୍କୁ ଡାଲି ଦିଅ । ହଁ ! ଯଦି ଆପଣଙ୍କ ପାଖରେ ସାମର୍ଥ୍ୟ ନାହିଁ ଏବଂ ଡାଲି ଖୁଆଇବାର ଅଛି ତେବେ ସମସ୍ତଙ୍କୁ ଡାଲି ମିଳୁ ଅର୍ଥାତ୍ ଡାଲି ଖାଇବାକୁ ଦିଅ । ଏପରି କରିବା ଉଚିତ୍ ନୁହେଁ ଯେ, କିଛି ଲୋକଙ୍କୁ ମାଂସ ଦେବ ଏବଂ ଆଉ କିଛି ଲୋକଙ୍କୁ ଡାଲି ଖାଇବାକୁ ଦେବ । ଏହା ହ. ମସିହ ମୌଉଦ ଅ.ସଙ୍କ ଶୈଳୀ ଥିଲା ଯାହା ସମସ୍ତଙ୍କ ପାଇ ସମାନ ଥିଲା । ଏହା ଆପଣ ଅ.ସଙ୍କର ଅନନ୍ୟ ପଦ୍ଧତି ଥିଲା । ଆପଣ ଅ.ସଙ୍କର ଉପଦେଶ ଦେବାର ଶୈଳୀ ଥିଲା ଏବଂ ଆପଣଙ୍କର ଅତିଥି ସତ୍କାରର ଉପାୟ ଥିଲା ।

ହୁଜୁର୍ ଅନ୍ଓ୍ୱର୍ ଅ.ବ କହିଲେ, ହ. ଚୌଧୁରୀ ଅବ୍ଦୁଲ ରହୀମ୍ ସାହେବ ର.ଅ ମଧ୍ୟ ଏହିପରି ବର୍ଣ୍ଣନା କରନ୍ତି ଯେ ଥରେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ମୋତେ ପାଞ୍ଚ ଶହ ଟଙ୍କା ଦେଲେ ଏବଂ କହିଲେ ଯେ ଜଲ୍ସାର ବ୍ୟବସ୍ଥା ଆପଣଙ୍କ ଦାୟିତ୍ୱରେ ଅଛି। କିନ୍ତୁ ମନେରଖ ଯେ, ସମସ୍ତ ବନ୍ଧୁମାନଙ୍କ ସହ କେବଳ ଗୋଟିଏ ପ୍ରକାରର ବ୍ୟବହାର କରିବାକୁ ହେବ ଏବଂ ପ୍ରତ୍ୟେକଙ୍କ ପାଇଁ ଗୋଟିଏ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରିବାକୁ ହେବ । ସାଧାରଣ ପରିସ୍ଥିତିରେ ତ' ବିଭିନ୍ନ ଖାଦ୍ୟ ରନ୍ଧାଯାଇଥାଏ ଯେପରିକି ମୁଁ କହିଲି। କିନ୍ତୁ ଏହି ଦିନମାନଙ୍କରେ ଆପଣ ଅ.ସ କହିଲେ, ଗୋଟିଏ ପ୍ରକାରର ଖାଦ୍ୟ ରନ୍ଧାଯିବ । ତେଣୁ କେତେକ ଲୋକ ହକିମ୍ ଫଜଲ୍ ଦୀନ ସାହେବଙ୍କ ନାମ ନେଲେ ଏବଂ କହିଲେ ଯେ, ସେ ଅଧିକ ଅଭିଜ୍ଞ ସମ୍ପନ୍ନ ବ୍ୟକ୍ତି ଅଟନ୍ତି । ତେଣୁ ଏହି ବ୍ୟବସ୍ଥା ତାଙ୍କୁ ହସ୍ତାନ୍ତର କରାଯାଉ । ସେ ଅଧିକ ଭଲ ଭାବରେ କାର୍ଯ୍ୟ ସମ୍ପାଦନ କରିପାରିବେ । କିନ୍ତୁ ହୁଜୁର ଅ.ସ କୌଣସି ଉତ୍ତର ଦେଲେ ନାହିଁ ଏବଂ ଚୌଧୁରୀ ଅବ୍ଦୁଲ ରହୀମ୍ ସାହେବଙ୍କୁ ହିଁ କହିଲେ ଯେ, ମହୋଦୟ ! ଆପଣ ଏହି ବ୍ୟବସ୍ଥା କରନ୍ତୁ । ସେ କୁହନ୍ତି ଯେ, ଏହି ସମୟ ମଧ୍ୟରେ ଖ୍ୱାଜା କମାଲୁଦ୍ଦିନ୍ ସାହେବ ମୋ ପାଖକୁ ଆସିଲେ ଏବଂ ମୋତେ କହିବାକୁ ଲାଗିଲେ ଯେ, ମହୋଦୟ ! ମୋ ପାଇଁ ଚାଉଳ (ଭାତ) ପ୍ରସ୍ତୁତ କରାଇ ଦିଅନ୍ତୁ। କାରଣ ହୁଜୁର ଅ.ସ ଆପଣଙ୍କୁ ଖାଇବାର ଦାୟିତ୍ୱ ଦେଇଛନ୍ତି । ସେ କୁହନ୍ତି ମୁଁ ତାଙ୍କୁ କହିଲି ଯେ, ମହୋଦୟ ମୋତେ ହୁଜୁର୍ ଅ.ସଙ୍କର ଏହି ଆଦେଶ ରହିଛି ଯେ ସମସ୍ତଙ୍କ ପାଇଁ ଗୋଟିଏ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରାଯାଉ । ସେଥିପାଇଁ ଯଦି ଭାତ ଖାଇବାକୁ ଚାହୁଁଛନ୍ତି ତେବେ ହୁଜୁର ଅ.ସଙ୍କ ଠାରୁ ଅନୁମତି ନେଇ ଆସନ୍ତୁ । ଖ୍ୱାଜା ସାହେବ କହିଲେ ଯେ, ଭାତ ପାଇଁ କ'ଣ ଅନୁମତି ମାଗିବି ? ତେବେ ମୁଁ କହିଲି ଯେ, ମୁଁ ମଧ୍ୟ ହଜୁରଙ୍କ ଅନୁମତି ବିନା ଗୋଟିଏ ଚାଉଳ ଦାନା ମଧ୍ୟ ଦେଇପାରିବି ନାହିଁ । ଏହା ଉପରେ ସେ ବହୁତ ରାଗିଗଲେ ଏବଂ ସେ କୁହନ୍ତି ଯେ, ଯେତେଦିନ ପର୍ଯ୍ୟନ୍ତ ସେ ସେଠାରେ ରହିଲେ ସେତେଦିନ ପର୍ଯ୍ୟନ୍ତ ସେ ମୋ ଉପରେ ରାଗି ରୋଷ ହିଁ ରହିଲେ ।

**(ରିୱାୟତ୍ ଅସ୍ହାବେ ଅହମଦ, ଗ୍ରନ୍ଥଖଣ୍ଡ-2, ପୃଷ୍ଠା-333)**

ହୁଜୁର୍ ଅନ୍ଓ୍ୱର୍ ଅ.ବ କହିଲେ, ସେ ଯାହାହେଉ ଏହି କଥାର ଧ୍ୟାନ ଅତିଥିମାନେ ମଧ୍ୟ ରଖିବା ଉଚିତ ଯେ ଲଙ୍ଗର ବ୍ୟବସ୍ଥା ଅଧୀନରେ ଯେଉଁ ଖାଦ୍ୟ ରନ୍ଧାଯାଇଥାଏ, ଯାହା ମିଳେ ତାହାକୁ ଧୈର୍ଯ୍ୟ, ଆନନ୍ଦ ଓ କୃତଜ୍ଞତାରର ସହିତ ଖାଇନେବା ଉଚିତ୍ । ଯେତେବେଳେ ଆପଣମାନେ ଏଠାକୁ ହ. ମସିହ ମଉଦ୍ ଅ.ସଙ୍କ ଅହ୍ୱାନରେ ଆସିଛନ୍ତି ଏବଂ ଏହି ଉଦ୍ଦେଶ୍ୟ ନେଇ ଆସିଛନ୍ତି ଯେ, ଆମକୁ ଏଠାରୁ ଆଧ୍ୟାତ୍ମିକ ଖାଦ୍ୟ ପ୍ରାପ୍ତ କରିବାର ଅଛି ତେବେ ଆଧ୍ୟାତ୍ମିକ ଖାଦ୍ୟ ଆଡ଼କୁ ଆପଣମାନଙ୍କର ଅଧିକ ଧ୍ୟାନ ରହିବା ଉଚିତ୍ । ଯଦି ଖାଇବାରେ କିଛି କମ୍ ବେଶୀ ହୋଇଯାଏ, ତେବେ ସହିନେବା ଉଚିତ ଏବଂ ଦାବି କରିବା ଉଚିତ ନୁହେଁ ।

ଅବଶିଷ୍ଟାଂଶ... ପରବର୍ତ୍ତୀ ସଂଖ୍ୟାରେ



## (ଖୁତ୍‌ବା ଜୁମା)

### ଜଲସା ସାଲାନା ୟୁକେ (UK) 2026 ଅବସରରେ କର୍ମଚାରୀ ଏବଂ ଅତିଥିମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଉପଦେଶ ।

**ଖୁତ୍‌ବା ଜୁମା 24 JULY 2026 ମସିହା ଅନୁଯାୟୀ 24 ୱଫା ୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ. أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ. بِسْمِ اللّٰهِ الرَّحْمٰنِ الرَّحِيْمِ. اَلْحَمْدُ لِلّٰهِ رَبِّ الْعَالَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. اِيَّاكَ نَعْبُدُ وَاِيَّاكَ نَسْتَعِيْنُ. اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ اَنْعَمْتَ عَلَيْهِمْ. غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଅଲ୍ଲାଃତାଲାଙ୍କ କୃପାରୁ ଆଜି ଜଲ୍‌ସା ସାଲାନା ୟୁକେ (UK) ଆରମ୍ଭ ହେବାକୁ ଯାଉଛି । ଦେଶର କୋଣ ଅନୁକୋଣରୁ ଏବଂ ବିଶ୍ୱର ବିଭିନ୍ନ ଦେଶରୁ ଅତିଥିମାନେ ଏଥିରେ ଯୋଗଦେବା (ସାମିଲ୍ ହେବା) ପାଇଁ ଆସୁଛନ୍ତି କିମ୍ବା ଆସି ସାରିଛନ୍ତି । ଏହି ସମସ୍ତ ଅତିଥିମାନେ ହ. ମସିହ୍ ମଉଦ୍ ଅ.ସଙ୍କର ଅତିଥି ଅଟନ୍ତି । ଏମାନେ ଏକ ବିଶେଷ ଧାର୍ମିକ ଉଦ୍ଦେଶ୍ୟରେ ଏଠାକୁ ଆସୁଛନ୍ତି । ତେଣୁ ଏହି ଅତିଥିମାନଙ୍କର ଆତିଥ୍ୟତା (ସେବା-ସତ୍କାର) ମଧ୍ୟ ଏକ ବିଶେଷ ପ୍ରକାରର ସମ୍ମାନର ବିଷୟ ଅଟେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲାଙ୍କ କୃପାରୁ ବିଶ୍ୱର ପ୍ରତ୍ୟେକ ଦେଶରେ ଯେଉଁଠି ଜଲ୍‌ସା ସାଲାନା ଆୟୋଜିତ ହୁଏ ସେଠାକାର ପିଲା, ଯୁବକ, ପୁରୁଷ ଏବଂ ମହିଳାମାନେ (ଅର୍ଥାତ୍ ଆବାଳ ବୃଦ୍ଧ ବନିତାମାନେ) ଏହି କଥା ବୁଝନ୍ତି ଯେ, ଆମକୁ ଜଲ୍‌ସାର ଅତିଥିମାନଙ୍କ ସେବା କରିବାକୁ ହେବ ଏବଂ ଏଥିପାଇଁ ସମସ୍ତେ ନିଜକୁ ସ୍ୱେଚ୍ଛାସେବୀ (ଭଲେଣ୍ଟିଅର) ଭାବରେ ଉପସ୍ଥାପିତ କରିଥାଆନ୍ତି । ସଂସାରର ଲୋକଙ୍କ ପ୍ରାଥମିକତା ବଦଳିଯାଇଥିଲେ ବି ଜମାଅତ୍‌ର ନିଷ୍ଠାପର ସଦସ୍ୟମାନେ ହ. ମସିହ୍ ମଉଦ୍ ଅ.ସଙ୍କ ଅତିଥିମାନଙ୍କ ସେବା ପାଇଁ ନିଜକୁ ଉପସ୍ଥାପିତ କରୁଛନ୍ତି । ଯେପରିକି ମୁଁ କହିଲି, ପିଲାମାନଙ୍କଠାରୁ ଆରମ୍ଭ କରି ବୃଦ୍ଧମାନଙ୍କ ପର୍ଯ୍ୟନ୍ତ ଏବଂ ବିଭିନ୍ନ ସାଂସାରିକ କାର୍ଯ୍ୟରେ ବ୍ୟସ୍ତ ଥିବା ଲୋକମାନେ ଏହି ଦିନଗୁଡ଼ିକରେ ନିଜ କାର୍ଯ୍ୟରୁ ଛୁଟି ନେଇ ସେବା କରିବା ପାଇଁ ଆସିଥାନ୍ତି । ଏହି ଲୋକମାନେ ବୁଝନ୍ତି ଯେ, ଅଲ୍ଲାଃତାଲା ଅତିଥିମାନଙ୍କ ସେବା, ଆଦର ସତ୍କାର ଏବଂ ସମ୍ମାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ନବୀ କରୀମ୍ ସ.ଅ ନିଜ କାର୍ଯ୍ୟ ଏବଂ ଉପଦେଶ ଦ୍ୱାରା ଏହାର ଶିକ୍ଷା ଦେଇଛନ୍ତି । ହ. ମସିହ୍ ମଉଦ୍ ଅ.ସ ମଧ୍ୟ ଏହି ବିଷୟ ପ୍ରତି ବାରମ୍ବାର ଦୃଷ୍ଟି ଆକର୍ଷଣ କରିଛନ୍ତି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସୁତରାଂ ଅଲ୍ଲାଃତାଲା କୁହନ୍ତି: "ପଥଚାରୀ ବା ଯାତ୍ରୀମାନଙ୍କୁ ସେମାନଙ୍କର ଅଧିକାର ଦିଅ" **(ବନି ଇସ୍ରାଇଲ: 27)** । ସେହିପରି ହ. ଇବ୍ରାହିମ୍ ଅ.ସଙ୍କ ଉଦାହରଣ ପବିତ୍ର କୁରାଆନରେ ବର୍ଣ୍ଣିତ ହୋଇଛି ଯେ, ଯେତେବେଳେ ଅତିଥିମାନେ ତାଙ୍କ ପାଖକୁ ଆସିଲେ ସେତେବେଳେ ସେ ସେମାନଙ୍କୁ ଦେଖି ଖାଇବେ କି ନାହିଁ ବୋଲି ପଚାରି ନ ଥିଲେ ବରଂ ତୁରନ୍ତ ଏକ ବାଛୁରୀ ଆଣି ଜେବହ୍ କରି ତାହାକୁ ସେକି ଅତିଥିମାନଙ୍କ ସମ୍ମୁଖରେ ପରିବେଷଣ (ଉପସ୍ଥାପିତ) କରି ଦେଇଥିଲେ **(ହୁଦ୍: 70)** ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ଏକ ହଦିସ୍‌ରେ ବର୍ଣ୍ଣିତ ହୋଇଛି ଯେ, ନବୀ ସ.ଅ କୁହନ୍ତି: ଅଲ୍ଲାଃ ଏବଂ ପ୍ରଳୟ ଦିବସ ଉପରେ ବିଶ୍ୱାସ କରୁଥିବା ବ୍ୟକ୍ତି ଅତିଥିମାନଙ୍କର ପ୍ରାପ୍ୟ ଅଧିକାର ସମ୍ପାଦନ କରନ୍ତୁ । ପଚରାଗଲା ଯେ ପ୍ରାପ୍ୟ ବା ଉଚିତ୍ ଅଧିକାର କ'ଣ ? ଆପଣ ସ.ଅ କହିଲେ: ଗୋଟିଏ ଦିନ ଏବଂ ରାତିର ଆତିଥ୍ୟତା ଏବଂ ଅନ୍ୟ ଏକ ସ୍ଥାନରେ ତିନି ଦିନ ପର୍ଯ୍ୟନ୍ତ ଆତିଥ୍ୟତା କରିବାର ବର୍ଣ୍ଣନା ମଧ୍ୟ ମିଳେ। **(ସହିହୁଲ ବୁଖାରୀ, କିତାବୁଲ୍ ଅଦବ୍, ବାବ୍- ଇକ୍ରାମୁଜ୍ ଜୈଫି ଓ ଖିଦମତୁହୁ ଇୟାହୁ ବିନଫସି, ହଦିସ୍ ନଂ-6135)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହା ତ' ବିଶେଷ ଅତିଥିମାନଙ୍କ ପାଇଁ ଉଦ୍ଦିଷ୍ଟ ଯେଉଁମାନେ ସାଧାରଣତଃ କିଛି ଦିନ ପାଇଁ ଘରକୁ ଆସନ୍ତି । ସାଧାରଣ ଭାବେ ଯେତେବେଳେ କୌଣସି ଅତିଥି ଆସନ୍ତି ସେତେବେଳେ ତାଙ୍କର ସେବା ସତ୍କାର ତଥା ଅତିଥି ସତ୍କାର କରିବା ଉଚିତ୍ । ମୁସଲମାନମାନଙ୍କ ପାଇଁ ଏହା ହିଁ ନିର୍ଦ୍ଦେଶ । ଆଜିକାଲି ଜଲ୍‌ସା ଦିନମାନଙ୍କରେ ଯେଉଁ ଅତିଥିମାନେ ଆସୁଛନ୍ତି ସେମାନେ ଦୂର ଦୂରାନ୍ତରୁ ଯାତ୍ରା କରି ଆସୁଛନ୍ତି ଓ ଅନ୍ୟ ଦେଶରୁ ଆସୁଛନ୍ତି । ସେମାନେ ଏଠାରେ ତିନି ଦିନରୁ ଅଧିକ ସମୟ ପର୍ଯ୍ୟନ୍ତ ରହିବେ । ଜମାଅତ୍‌ର ବ୍ୟବସ୍ଥା ଅନୁସାରେ ସେମାନେ ଯେତେଦିନ ରହିବେ ତିନିରୁ ଚାରି ସପ୍ତାହ କିମ୍ବା ଦୁଇରୁ ତିନି ସପ୍ତାହ ପର୍ଯ୍ୟନ୍ତ ଜମାଅତ୍ ସେମାନଙ୍କର ଆତିଥ୍ୟତା କରିଥାଏ । ଏଥିପାଇଁ ଅଲ୍ଲାଃତାଲାଙ୍କର ଏକ ବଡ଼ ଅନୁଗ୍ରହ ଯେ, ଜମାଅତ୍ ପାଖରେ ସେମାନଙ୍କ ସେବା କରିବା ପାଇଁ ଏତେ ବଡ଼ ସଂଖ୍ୟାରେ କର୍ମଚାରୀ ଅଛନ୍ତି, ଯେଉଁମାନେ ବେତନଭୋଗୀ (paid) କର୍ମଚାରୀ ନୁହଁନ୍ତି । ତିନିରୁ ଚାରି ସପ୍ତାହ ପର୍ଯ୍ୟନ୍ତ ସ୍ୱେଚ୍ଛାସେବୀମାନେ ନିଜକୁ ଏହି ଉଦ୍ଦେଶ୍ୟରେ ସମର୍ପିତ କରିଥାଆନ୍ତି । କେବଳ ସେତିକି ନୁହେଁ ବରଂ ୟୁକେ (UK)ରେ ଆତିଥ୍ୟତାର ଏତେ ବଡ଼ ବ୍ୟାପକ ବ୍ୟବସ୍ଥା ହୋଇଛି ଯେ, ବର୍ଷସାରା ହ. ମସିହ୍ ମଉଦ୍ ଅ.ସଙ୍କ ଲଙ୍ଗର୍ (ମାଗଣା ଓ ନିଃଶୁଳ୍କ ଭୋଜନାଳୟ) ଚାଲିଥାଏ । ଏହି ଲଙ୍ଗରରେ ସେବା କରିବା ପାଇଁ ଅନେକ ଲୋକମାନେ ଯାହାଙ୍କର ନିଜସ୍ୱ ବ୍ୟବସାୟ, ରେଷ୍ଟୁରାଣ୍ଟ କିମ୍ବା କ୍ୟାଟରିଂ ବ୍ୟବସାୟ ରହିଛି ବର୍ଷସାରା ସେମାନେ ଅତିଥିମାନଙ୍କ ସେବା ପାଇଁ କିଛି ନା କିଛି ସମୟ ଦେଇଥାଆନ୍ତି । ଏହି ସୌଭାଗ୍ୟ ଏବେ ବ୍ରିଟେନର ଜମାଅତ୍‌କୁ ଏଥିପାଇଁ ମଧ୍ୟ ପ୍ରାପ୍ତ ହୋଇଛି ଯେ, ଏଠାରେ ଖିଲାଫତ୍ ବିରାଜମାନ ଅଛି । ଖଲିଫାଏ ୱକ୍ତ (ଉପସ୍ଥିତ ଖଲିଫା)ଙ୍କ ଉପସ୍ଥିତି ହେତୁ ଲୋକଙ୍କ ଆସିବା ଯିବା ବହୁତ ବେଶୀ ଏବଂ ସେଇଥିପାଇଁ ଆତିଥ୍ୟତା ମଧ୍ୟ କରିବାକୁ ପଡ଼ିଥାଏ । ସାଧାରଣତଃ ଆତିଥ୍ୟତା ତ' ଏଠାରେ ଚାଲିଛି ଏବଂ ଅଲ୍ଲାଃତାଲାଙ୍କ କୃପାରୁ ଜମାଅତ୍‌ର ସଦସ୍ୟମାନେ ଅତ୍ୟନ୍ତ ସୁନ୍ଦର ଭାବରେ ଏହି କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଅଲ୍ଲାଃତାଲା ସେମାନଙ୍କୁ ଉଚିତ୍ ପ୍ରତିଫଳ ପ୍ରଦାନ କରନ୍ତୁ । କର୍ମଚାରୀମାନଙ୍କ ବ୍ୟତୀତ ନିୟମିତ ସ୍ୱେଚ୍ଛାସେବୀ ଭାବରେ ମଧ୍ୟ ଲୋକମାନେ ବହୁତ ସେବା କରୁଛନ୍ତି । କିନ୍ତୁ ଏହି ଜଲ୍‌ସା ଦିନମାନଙ୍କରେ ଆମକୁ ବିଶେଷ ଭାବରେ ଅତିଥିମାନଙ୍କର ସେବା ଯତ୍ନ ନେବା ପ୍ରୟୋଜନ ଅଟେ । ଯେପରିକି ନବୀ ସ.ଅ କହିଛନ୍ତି ଯେ, ଅତିଥିମାନଙ୍କର ପୂର୍ଣ୍ଣ ସମ୍ମାନ କର । କାରଣ ଏହା ଆମ ଇମାନ୍ (ବିଶ୍ୱାସ) ପାଇଁ ଜରୁରୀ ଅଟେ । ଅଲ୍ଲାଃତାଲା ଏବଂ ଶେଷ ଦିବସ ଉପରେ ବିଶ୍ୱାସ ରଖିବାର ଏହା ଏକ ସର୍ତ୍ତ ଯେ, ଜଣେ ବିଶ୍ୱାସକାରୀ ଆତିଥ୍ୟତା ପ୍ରିୟ ଏବଂ ସଦାଚାରୀ ହୋଇଥାଏ । ତେଣୁ ଏହା ଏକ ବଡ଼ ସମ୍ମାନ ଯାହା ଏହି ଦିନମାନଙ୍କରେ ଆମର ହଜାର ହଜାର ସ୍ୱେଚ୍ଛାସେବୀମାନଙ୍କୁ ମିଳୁଛି ଯେଉଁଥିରେ ଝିଅ, ମହିଳା, ପୁଅ, ପୁରୁଷ, ବୃଦ୍ଧ ଏବଂ ପିଲାମାନେ ସାମିଲ ଅଛନ୍ତି । ସେମାନଙ୍କୁ ସଦା ସର୍ବଦା ମନେରଖିବାକୁ ହେବ ଯେ, ଏହି ସମ୍ମାନର ଅଧିକାର ସେତେବେଳେ ହିଁ ପ୍ରାପ୍ତ ହେବ ଯେତେବେଳେ ସେମାନେ ଆତିଥ୍ୟତାର ସଠିକ୍ କର୍ତ୍ତବ୍ୟ ନିର୍ବାହ କରିବେ। ପ୍ରତ୍ୟେକ ଅତିଥିମାନଙ୍କ ସହିତ ସମ୍ମାନ, ନମ୍ରତା ଏବଂ ସଦାଚାରର ବ୍ୟବହାର କରିବେ ଏବଂ ସେମାନଙ୍କ ଭାବନାକୁ ଆଘାତ ଦେବେ ନାହିଁ ଓ ଅତିଥିମାନେ ମର୍ମାହତ ହେବେ ନାହିଁ । ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଅତିଥିମାନଙ୍କର ଭାବନା ଅତ୍ୟନ୍ତ କୋମଳ ଓ ସମ୍ବେଦନଶୀଳ ହୋଇଥାଏ । ତେଣୁ ସବୁବେଳେ ସେମାନଙ୍କର ଧ୍ୟାନ ରଖିବା ଉଚିତ୍ ।

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-5, ପୃ-111, ସଂସ୍କରଣ ବର୍ଷ-2022 ମସିହାରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ତେଣୁ ଆମକୁ ଏହି କଥା ଭୁଲିବା ଉଚିତ ନୁହେଁ ଯେ, ଆମକୁ ଅତିଥିମାନଙ୍କର ସବୁ ପ୍ରକାର ସେବା କରିବାକୁ ହେବ । ଯଦି ଆମେମାନେ ନିଜକୁ ସେବା ପାଇଁ ସମର୍ପିତ କରିଛେ ତେବେ ଅଲ୍ଲାଃତାଲାଙ୍କ ଅନୁଗ୍ରହ ତଥା ତାହାଙ୍କ ପ୍ରସନ୍ନତା ପ୍ରାପ୍ତ କରିବା ପାଇଁ ଏହି କର୍ତ୍ତବ୍ୟ ପୂରଣ କରିବାକୁ ଯଥାସମ୍ଭବ ଚେଷ୍ଟା କରିବା ଉଚିତ୍ । କାରଣ ଏହି ସେବା ବଦଳରେ ଅଲ୍ଲାଃତାଲା ଆମମାନଙ୍କ ଉପରେ ପ୍ରସନ୍ନ ହେବେ । ଆମ କର୍ମଚାରୀମାନଙ୍କ ଆତିଥ୍ୟତା ଏବଂ ଜଲ୍‌ସାର ବ୍ୟବସ୍ଥା ଦେଖି ବାହାରୁ ଆସିଥିବା ଅଣଜମାଅତ୍ ଏବଂ ଅଣମୁସଲିମ୍ ଅତିଥିମାନେ ମଧ୍ୟ ବହୁତ ପ୍ରଭାବିତ ହୁଅନ୍ତି । ସେମାନେ ଆଶ୍ଚର୍ଯ୍ୟ ହୁଅନ୍ତି ଯେ, ଏତେ ହଜାର ଲୋକଙ୍କ ପାଇଁ ଖାଦ୍ୟ ରନ୍ଧା ହେଉଛି ଏବଂ ସ୍ୱେଚ୍ଛାସେବୀମାନେ ଖାଦ୍ୟ ରାନ୍ଧୁଛନ୍ତି । ତା'ପରେ ଏକ ଶୃଙ୍ଖଳିତ ବ୍ୟବସ୍ଥା ମାଧ୍ୟମରେ ସେମାନଙ୍କୁ (ଅତିଥିମାନଙ୍କୁ) ଆହାରା ଖୁଆଯାଉଛି ଏବଂ ସେବା କାର୍ଯ୍ୟ ସମ୍ପାଦନା କରାଯାଉଛି । ଟ୍ରାଫିକ୍, ଖାଦ୍ୟ ପରିବେଷଣ, ସଫେଇ, ରୋଷେଇ, ଜଳ ଯୋଗାଣ ଆଦି ଅନେକ ବିଭାଗରେ ଜମାଅତ୍‌ର ସ୍ୱେଚ୍ଛାସେବୀମାନେ କାର୍ଯ୍ୟ କରୁଛନ୍ତି । କେବଳ କାର୍ଯ୍ୟ କରୁ ନାହାଁନ୍ତି ବରଂ ଅତ୍ୟନ୍ତ ସୁନ୍ଦର ଭାବରେ ନିଜର ଦାୟିତ୍ୱ ତୁଲାଉଛନ୍ତି। ବାହାର ଲୋକ ଏହା ଦେଖି ପ୍ରଭାବିତ ହୁଅନ୍ତି ଯାହା ଧର୍ମ ପ୍ରଚାର (ତବ୍‌ଲିଗ)ର ଏକ ମାଧ୍ୟମ ଅଟେ । ତେଣୁ ଏଠାକୁ ଆସୁଥିବା ପ୍ରତ୍ୟେକ କର୍ମଚାରୀମାନେ ଯାହାଙ୍କ ମଧ୍ୟରେ କିଛି ପୁରୁଣା ଓ ଅଭିଜ୍ଞ ଏବଂ କିଛି ନୂଆ ଲୋକ ଅଛନ୍ତି । ତେଣୁ ସେମାନଙ୍କୁ ମନେରଖିବା ଉଚିତ୍ ଯେ ଆପଣମାନେ ହ. ମସିହ୍ ମଉଦ୍ ଅ.ସଙ୍କ ଅତିଥିମାନଙ୍କ ସେବା କରିବା ପାଇଁ ଆସିଛନ୍ତି । ତେଣୁ ଏହାର କର୍ତ୍ତବ୍ୟ ନିର୍ବାହ କରିବାକୁ ପୂର୍ଣ୍ଣ ଚେଷ୍ଟା କରନ୍ତୁ। ଏହା ଆପଣମାନଙ୍କ ବିଶ୍ୱାସ ପକ୍ଷେ ଅତ୍ୟନ୍ତ ଜରୁରୀ ଅଟେ । ହ. ମସିହ୍ ମଉଦ୍ ଅ.ସ ଅତିଥିମାନଙ୍କର କେତେ ଆଦର-ସତ୍କାର କରୁଥିଲେ ? ତାହାର ଏକ ବର୍ଣ୍ଣନା ରହିଛି: ଆପଣ ଅ.ସ ଅତିଥିମାନଙ୍କ ଆପ୍ୟାୟନର (ଖାଇବା ପିଇବାର) ବହୁତ ଧ୍ୟାନ ରଖୁଥିଲେ। ହାଫିଜ୍ ହାମିଦ୍ ଅଲୀ ସାହେବଙ୍କୁ ଲଙ୍ଗର୍‌ର ଅତିଥିମାନଙ୍କ ବୁଝାସୁଝା ପାଇଁ ନିଯୁକ୍ତ କରାଯାଇଥିଲା । ଆପଣ ଅ.ସ ସେମାନଙ୍କର ବିଶେଷ ଯତ୍ନ ନେବାକୁ ଏବଂ ସେମାନଙ୍କ ସ୍ଥିତି ଅନୁସାରେ ସେବା କରିବାକୁ ଉପଦେଶ ଦେଉଥିଲେ । **(ଜିକ୍ରେ ହବୀବ୍, ଲେଖକ-ହ. ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବ ର.ଅ, ପୃ-153ରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲାଙ୍କ କୃପାରୁ ସାଧାରଣ ଦିନଗୁଡ଼ିକରେ ମଧ୍ୟ ଅତିଥିମାନେ ଆସିଥାଆନ୍ତି । ଜମାଅତ୍ ସେହି ଅତିଥିମାନଙ୍କର ନିଜର ସାମର୍ଥ୍ୟ ଅନୁଯାୟୀ ସେବା କରିଥାଏ । କିନ୍ତୁ ଜଲ୍‌ସା ସାଲାନା ଦିନମାନଙ୍କରେ ବ୍ୟକ୍ତିଗତ ଭାବେ ସେପରି ଧ୍ୟାନ ଦେବା ସମ୍ଭବ ହୋଇ ନଥାଏ । ଏଠାରେ ସାଧାରଣ ଆତିଥ୍ୟତା ହେଉଥିବାରୁ ଅଧିକ ସାବଧାନତା ଏବଂ ଯତ୍ନର ଆବଶ୍ୟକତା ରହିଛି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଜଣେ ସହାବି କୁହନ୍ତି ଯେ, ପ୍ରାୟ, 1902 ମସିହାରେ ଯେତେବେଳେ ସେ ଐମନାବାଦରୁ କାଦିୟାନ୍ ଆସୁଥିଲେ ସେତେବେଳେ ଲାହୋର ଷ୍ଟେସନ୍‌ରେ ଗାଡ଼ିକୁ ଅପେକ୍ଷା କରିଥିବା ସମୟରେ ଜଣେ ବନ୍ଧୁଙ୍କ ସହିତ ଦେଖା

ହେଲା । ଦୁହେଁ କାଦିୟାନ୍ ଅଭିମୁଖେ ଯାତ୍ରା ଆରମ୍ଭ କଲେ । ବାଟରେ ପ୍ରବଳ ବର୍ଷା ହେଲା । ବଟାଲା ଠାରେ ପହଞ୍ଚିଲା ବେଳକୁ ମଧ୍ୟ ଖୁବ୍ ଜୋରରେ ବର୍ଷା ହେଉଥିଲା। ସେଠାରୁ ଏକ ଟାଙ୍ଗା (ଘୋଡ଼ାଗାଡ଼ି) ଭଡ଼ାରେ ନେଇ କାଦିୟାନ୍ ଗଲୁ । କାଦିୟାନ୍ ପହଞ୍ଚିଲା ବେଳକୁ ବର୍ଷା ଛାଡ଼ି ଯାଇଥିଲା । ସେଠାରେ ପହଞ୍ଚିବା ପରେ ହୁଜୁର୍ ଅ.ସଙ୍କ ଆଦେଶକ୍ରମେ ଆମ ଦୁହିଙ୍କୁ ଗୋଟିଏ ରୁମ୍ ରହିବା ନିମନ୍ତେ ଦିଆଗଲା । ସେହି ଘର ସେତେବେଳେ ଗୋଟିଏ ବହି ଦୋକାନ (Book Shop) ଥିଲା । ସେ ଯାହା ହେଉ ସକାଳେ ଆମମାନଙ୍କୁ ଅତ୍ୟନ୍ତ ଉତ୍ତମ ଜଳଖିଆ ଏବଂ ସ୍ୱାଦିଷ୍ଟ ଭୋଜନ ଦିଆଗଲା । ହ. ମସିହ୍ ମଉଦ୍ ଅ.ସ ବାରମ୍ବାର ସେମାନଙ୍କୁ ଅର୍ଥାତ୍ ଶାହ୍ ସାହେବ ଓ ଅନ୍ୟ ଅତିଥିଙ୍କୁ କୌଣସି ଅସୁବିଧା ହେଉଛି କି ନାହିଁ ପଚାରି ବୁଝୁଥିଲେ । ଆପଣ ଅ.ସ ଅତିଥିମାନଙ୍କୁ ବେଶ୍ ସମ୍ମାନ ଜଣାଉଥିଲେ ।

**(ରିୱାୟାତ୍ ଅସ୍‌ହାବେ ଅହମଦ, ଗ୍ରନ୍ଥଖଣ୍ଡ-2, ପୃ-155ରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ସେହିପରି ଭୈରାହ୍ ଅଞ୍ଚଳର ମନ୍‌ଜୁର୍ ଅହମଦ ସାହେବ ଉଲ୍ଲେଖ କରନ୍ତି ଯେ, ତାଙ୍କ ପିତା 1894 ମସିହାରେ ନିଜ ମାଆଙ୍କ ସହିତ ପ୍ରଥମ ଥର କରି ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅଙ୍କୁ ଭେଟିବାକୁ କାଦିୟାନ୍ ଆସିଥିଲେ ଏବଂ ସେହି ମୁହୂର୍ତ୍ତରେ ହିଁ ସେ ବୈଅତ୍ (ଦୀକ୍ଷା) ଗ୍ରହଣ କରି ନେଇଥିଲେ। ସେ (ମନ୍‌ଜୁର୍ ସାହେବ) କୁହନ୍ତି, ଖଲିଫା ଅୱଲ୍ ର.ଅ ମୋ ଦଦା (ଜେଜେ)ଙ୍କ ଠାରୁ ବାଲ୍ୟ କାଳରେ ପାଠ ପଢୁଥିଲେ । ମୋ ଦଦାଙ୍କ ତୃତୀୟ ପତ୍ନି ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅଙ୍କ ଧରମ୍ ଭଉଣୀ ଥିଲେ । ସେ କୁହନ୍ତି ଯେ, ମୁଁ ପିତାଶ୍ରୀଙ୍କୁ ପଚାରିଲି ଯେ, ପିତାଶ୍ରୀ ! ଆପଣଙ୍କୁ କିଛି ଘଟଣା ମନେଅଛି ଯେତେବେଳେ ଆପଣ ଅ.ସ ସେହି କାଳରେ (ଏଠାକୁ) ଆସୁଥିଲେ ? ପିତାଶ୍ରୀ କହିଲେ, ଦିନେ ଆମେମାନେ ଆଠ ଜଣ ଲୋକ ମସ୍‌ଜିଦେ ମୁବାରକ୍ ଠାରେ ହୁଜୁର୍ ଅ.ସଙ୍କ ସହିତ ମଧ୍ୟାହ୍ନ ଭୋଜନ କରୁଥିଲୁ। ସେତେବେଳେ ମସ୍‌ଜିଦ୍‌ଟି ବହୁତ ଛୋଟ ଥିଲା ଏବଂ ଅତିଥିମାନଙ୍କ ପାଇଁ ଅଲଗା ବସିବା ସ୍ଥାନ ନ ଥିଲା । ଘରୁ ଦୁଇ ପ୍ରକାରର ମାଂସ ତରକାରୀ ତିଆରି ହୋଇ ଆସିଥିଲା। ଉଭୟ ତରକାରୀରେ ମାଂସ ପଡ଼ିଥିଲା । ହ. ମସିହ୍ ମଉଦ୍ ଅ.ସ ନିଜ ଥାଳିରୁ ମାଂସ ଖଣ୍ଡ ଉଠାଇ ଅନ୍ୟମାନଙ୍କ ଥାଳିରେ ରଖି ଦେଉଥିଲେ । ଅର୍ଥାତ୍ ନିଜ ପ୍ଲେଟରେ ଯେତେବେଳେ କୌଣସି ମାଂସ ଖଣ୍ଡ ଆସୁଥିଲା ସେତବେଳେ ସେହି ମାଂସ ଖଣ୍ଡକୁ ଆପଣ ଅ.ସ ଅନ୍ୟମାନଙ୍କର ତରକାରୀରେ ରଖି ଦେଉଥିଲେ । ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ ମଧ୍ୟ ଆପଣ ଅ.ସଙ୍କୁ ଦେଖି ଅତିଥିମାନଙ୍କ ସକାଶେ ସେହିପରି କରୁଥିଲେ। ବେଳେବେଳେ ଅତିଥିମାନେ କୌଣସି ଜିନିଷ ଖାଇବା ନିମନ୍ତେ ଇଚ୍ଛା ପ୍ରକାଶ କରି ଦେଉଥିଲେ । ଅତଏବ୍ ଏକଦା ଜଣେ ଅତିଥି ଖାଇବା ସମୟରେ ଆମ୍ବ ଖାଇବାର ଇଚ୍ଛା ପ୍ରକାଶ କଲେ ଯେ, ହୁଜୁର୍ ! ମୋତେ ଆମ୍ବ ଖାଇବାକୁ ଭାରି ଇଚ୍ଛା ହେଉଛି । ହୁଜୁର୍ ଅ.ସ କହିଲେ ଯେ, ଖାଇବା ସହିତ ଆମ୍ବ ଖାଇବା ଏକ ଭଲ ବିଚାର ଆପଣଙ୍କ ମନେ ମଧ୍ୟରେ ଆସିଛି । ଜଣେ ସ୍ଥାନୀୟ ବ୍ୟକ୍ତି ଯିଏ ଖାଦ୍ୟାସନରେ ବସିଥିଲେ ସେ କହିଲେ, ହୁଜୁର୍ ! ମୁଁ ବଜାରରୁ ଯାଇ ଅବିକା (ବର୍ତ୍ତମାନ) ଆମ୍ବ ନେଇ ଆସୁଛି । ହୁଜୁର୍ ଅ.ସ ତାଙ୍କୁ ମନା କଲେ । କିଛି ସମୟ ପରେ ଏକ ପାର୍ସଲ ଆସିଲା, ଯେଉଁଥିରେ କେହି ଜଣେ ଆଠଟି ଆମ୍ବ ପଠାଇଥିଲା । ସେଠାରେ ଉପସ୍ଥିତ ଲୋକଙ୍କ ସଂଖ୍ୟା ମଧ୍ୟ ଆଠ ଥିଲା । ହୁଜୁର୍ ଅ.ସ ସମସ୍ତଙ୍କୁ ଗୋଟିଏ ଲେଖାଏଁ ଆମ୍ବ ଦେଲେ ଏବଂ ନିଜ ଭାଗର ଆମ୍ବକୁ ମଧ୍ୟ କାଟି ଅନ୍ୟମାନଙ୍କୁ ଆପ୍ୟାୟିତ (ଖୁଆଇଦେଲେ) କଲେ ଓ ଆତିଥ୍ୟତା କଲେ । **(ରିୱାୟାତ ଅସ୍‌ହାବେ ଅହମଦ, ଗ୍ରନ୍ଥଖଣ୍ଡ-2, ପୃ-204-205ରୁ ଉଦ୍ଧୃତ)**

ହୁଜୁର୍ ଅନୱର୍ ଅ.ବ କହିଲେ, ସେହିପରି ମାଲେରକୋଟଲାର ହ. ବଦ୍ରୁଦ୍ଦୀନ୍ ସାହେବ ର.ଅ କହନ୍ତି ଯେ, ଥରେ ରାତି ନଅଟା ବେଳେ ଇଶା ନମାଜ୍ ପରେ ସେ ନିଜ ପିତାଙ୍କ ସହ କୂଅରୁ ପାଣି କାଢୁଥିଲେ । ହ. ମସିହ୍ ମଉଦ୍ ଅ.ସ ନିଜ ହାତରେ କ୍ଷୀର ଏବଂ ପାଉଁରୁଟି ଥିବା ଗୋଟିଏ ପାତ୍ର ଧରି କୂଅ ପାଖକୁ ଆସିଲେ ଏବଂ ପଚାରିଲେ: "ବାବାଜୀ ! କେହି ଅତିଥି ଭୋକିଲା ଅଛନ୍ତି କି ?" ପିତାଶ୍ରୀ କହିଲେ ଯେ, ହୁଜୁର୍ ! ମିଆଁ ନଜ୍‌ମୁଦ୍ଦୀନ୍ ସାହେବ ତ' ସମସ୍ତ ସ୍ଥାନରେ ପଚାରି ଦେଇ ଚାଲି ଆସିଛନ୍ତି । ସମସ୍ତେ ଖାଇ ସାରିଛନ୍ତି । ହୁଜୁର୍ ଅ.ସ କହିଲେ: "ତେବେ ମୋ ସହ ଚାଲନ୍ତୁ ।" ସେମାନେ ଅତିଥି ଭବନକୁ ଗଲେ କିନ୍ତୁ କେହି ଭୋକିଲା ମିଳିଲେ ନାହିଁ । ତା'ପରେ ସେଠାରେ ଥିବା ଶେର୍ ମୁହମ୍ମଦଙ୍କ ଦୋକାନ ପାଖରେ ଜଣେ ବ୍ୟକ୍ତି କହିଲା ଯେ, ହୁଜୁର୍ ମୁଁ କ୍ଷୀର ପାଉଁରୁଟି ଖାଇବାକୁ ଚାହୁଁଛି । ପ୍ରତ୍ୟୁତ୍ତରରେ ଆପଣ ଅ.ସ ସେହି ପାତ୍ରଟି ତାଙ୍କୁ ଦେଇଦେଲେ । **(ରିୱାୟାତ୍ ଅସ୍‌ହାବେ ଅହମଦ, ଗ୍ରନ୍ଥଖଣ୍ଡ-3, ପୃ-285ରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ସେହି ଅତିଥିମାନଙ୍କୁ ହ. ମସିହ୍ ମଉଦ୍ ଅ.ସଙ୍କ ହାତରୁ ଖୁଆଇବାକୁ ଚାହୁଁଥିଲେ ଏବଂ ସେହି ଲୋକମାନଙ୍କୁ ଆବଶ୍ୟକତା ମଧ୍ୟ ଥିଲା । ତେଣୁ ଅଲ୍ଲାଃତାଲା ଆପଣ ଅ.ସଙ୍କ ହୃଦୟରେ ଏହି କଥା ଜାତ କଲେ ଯେ, ଯାଅ ଏବଂ ଅତିଥିମାନଙ୍କୁ ଆହାର ଖୁଆଅ । ଅତଏବ୍ ଆପଣ ଅ.ସ ସେହି ଅତିଥିମାନଙ୍କ ସେବା ନିମନ୍ତେ ଆସିଥିଲେ । ସେହିପରି ଆହୁରି ଅନେକ ଘଟଣାବଳୀ ରହିଛି ଯାହା ଆପଣ ଅ.ସଙ୍କ ଜୀବନରେ ଦେଖିବାକୁ ମିଳେ । ସାଧାରଣ ପରିସ୍ଥିତିରେ ମଧ୍ୟ ଆପଣ ଅ.ସ ଅତିଥି ସତ୍କାର କରୁଥିଲେ । କାରଣ ଅତିଥିମାନଙ୍କର ସମ୍ମାନ କରିବା, ଭୋକିଲା ଓ ଅଭାବୀମାନଙ୍କୁ ଆହାର ଦେବା ଅଲ୍ଲାଃତାଲାଙ୍କର ଆଦେଶ ଅଟେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ହ. ଡାକ୍ତର ହଶ୍‌ମତୁଲ୍ଲାହ ସାହେବ ର.ଅ ନିଜର ଏକ ଘଟଣା ବର୍ଣ୍ଣନା କରନ୍ତି । ସେ କୁହନ୍ତି ଯେ, ଜଲ୍‌ସା ଅବସରରେ ଏକଦା ରାତିରେ ଜମାଅତ୍‌ର ସେକ୍ରେଟାରୀ ଭାବରେ ସଦର୍ ଅଞ୍ଜୁମନଙ୍କ ବୈଠକକୁ ମୋତେ ଯିବାର ଥିଲା । ମଗ୍‌ରିବ ଓ ଇଶା ନମାଜ୍ ପରେ ବୈଠକ ହେଉଥିଲା । କେବଳ ଜମାଅତ୍‌ର କର୍ମକର୍ତ୍ତାମାନେ ତଥା ପଦାଧିକାରୀମାନେ ଇଜ୍‌ଲାସକୁ ଆସୁଥିଲେ ଏବଂ ସେମାନଙ୍କ ସହ ଆଲୋଚନା ହେଉଥିଲା । ସେ କୁହନ୍ତି ଯେ, ମଗ୍‌ରିବ ଓ ଇଶା ନମାଜ୍ ପରେ ମସ୍‌ଜିଦ୍ ମୁବାରକ୍ ଠାରେ ବୈଠକ ହେବାର ଥିଲା ଏବଂ ସମୟ କମ୍ ଥିଲା, ତେଣୁ ମୁଁ ଭାବିଲି ଯେ ଖାଇବା ମୁଁ ପରେ ଖାଇନେବି । ଯଦିଓ ସେତେବେଳେ ମୋତେ ଭୋକ ଲାଗୁଥିଲା ଏବଂ ସକାଳ ଆଠଟାରେ ମୁଁ ଜଳଖିଆ ଖାଇଥିଲି । କିନ୍ତୁ ଯେହେତୁ ଜମାଅତ୍‌ର ଦାୟିତ୍ୱ ମୋ ଉପରେ ଥିଲା ତେଣୁ ମୁଁ ଭାବିଲି ଯେ, ଖାଇବା ପରେ ଖାଇବି । ବୈଠକ ଶେଷ ହେବା ପରେ ରାତିରେ ବିଳମ୍ବରେ ମୁଁ ଲଙ୍ଗରଖାନାରେ ପହଞ୍ଚିଲି, ସେତେବେଳକୁ ରାତି 11ଟା ବାଜିଯାଇଥିଲା ଏବଂ ମୋତେ ପ୍ରବଳ ଭୋକ ଲାଗୁଥିଲା । ସେ କୁହନ୍ତି ଯେତେବେଳେ ମୁଁ ମୋ ଜମାଅତ୍‌ର ଲୋକଙ୍କ ପାଖକୁ ଗଲି ଏବଂ ସେଠାରେ ଖାଇବା ବିଷୟରେ ପଚାରିଲି, ଜଣାପଡ଼ିଲା ଯେ ଖାଇବା ସରିଯାଇଛି। ଅର୍ଥାତ୍ ସେତେବେଳକୁ ଖାଇବା ଶେଷ ହୋଇ ଯାଇଥିଲା । ତେଣୁ ସେଠାକୁ ଆମର ଜଣେ ବନ୍ଧୁ ଗଲେ ଏବଂ ଦସ୍ତରଖାନ୍ (ଖାଦ୍ୟାସନ)ରୁ ରୁଟି ଖଣ୍ଡ ଘିନି ଆଣିଲେ ଓ କହିଲେ ଯେ, ଲଙ୍ଗରଖାନା ତ' ବନ୍ଦ ହୋଇଗଲାଣି, ଆପଣ ଏହି ରୁଟି ଖଣ୍ଡିକ ଖାଇ ନିଅନ୍ତୁ । ଆଜି ଏଥିରେ କାମ ଚଳାଇ ନିଅନ୍ତୁ । ସେ କହନ୍ତି, ମୁଁ ମଧ୍ୟ ସେହି ରୁଟି ଖଣ୍ଡ ଚୋବାଇବାକୁ ଲାଗିଲି । ମୁଁ ସେହି ରୁଟି ଖଣ୍ଡ ଶେଷ କରିନାହିଁ କି ସେହି ସମୟରେ ଆମ କୋଠରୀ ଦ୍ୱାରରେ ଜୋର୍‌ରେ ଶବ୍ଦ ହେଲା । କେହି ଜଣେ ଜୋରରେ କବାଟ ବାଡ଼େଇଲା ଏବଂ ସ୍ୱର ଆସିଲା ଯେ କେହି ଅତିଥି ଯଦି ଭୋକିଲା ଅଛନ୍ତି ଏବଂ ଖାଇ ନାହାନ୍ତି ତେବେ ସେମାନେ ଦୟାକାରି ଆସନ୍ତୁ ଏବଂ ଲଙ୍ଗରଖାନାରେ ଖାଇ ନିଅନ୍ତୁ। ମୋର ସାଥୀମାନେ ମୋତେ ବାହାରକୁ ପଠାଇଦେଲେ ଏବଂ ଲଙ୍ଗରରେ ପହଞ୍ଚି ଯାହା ମିଳିଲା ତାହା କୃତଜ୍ଞତାର ତଥା ଧନ୍ୟବାଦର ସହିତ ଖାଇଲି । ସେ କୁହନ୍ତି ଯେ, ପରଦିନ ସକାଳ 10ଟାରେ ହ. ମସିହ୍ ମଉଦ୍ ଅ.ସଙ୍କୁ ମସ୍‌ଜିଦେ ମୁବାରକର ଛୋଟ ଶିଢ଼ି ଦ୍ୱାରରେ ଛିଡ଼ା ହୋଇଥିବାର ଦେଖିଲି ଏବଂ ସେବକମାନେ ଗଳିରେ ହୁଜୁର ଅ.ସଙ୍କ ଆଡ଼କୁ ମୁହଁ କରି ଛିଡ଼ା ହୋଇଥିଲେ । ହୁଜୁର୍ ଅ.ସ ସେମାନଙ୍କୁ ସମ୍ବୋଧନ କରୁଥିଲେ । ହ. ମୌଲବୀ ନୁରୁଦ୍ଦୀନ୍ ସାହେବ ର.ଅ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ହୁଜୁର ଅ.ସ ଆବେଗ ଓ ଉତ୍ସାହର ସହିତ ସେମାନଙ୍କୁ ଆଦେଶ ଦେଉଥିଲେ ଯେ, ହେ ଲୋକମାନେ! "ଅତିଥିମାନଙ୍କ ଖାଇବା ପିଇବାର ବ୍ୟବସ୍ଥା ଭଲ ହେବା ଉଚିତ । କାରଣ ରାତିରେ ମୋତେ ଅଲ୍ଲାଃତାଲାଙ୍କ ତରଫରୁ ଇଲ୍‌ହାମ (ଐଶୀବାଣୀ) ହୋଇଛି ଯେ, 'يَآ أَيُّهَا النَّبِيُّ أَطْعِمُوا الْجَائِعَ وَالْمُعْتَرَّ' ଅର୍ଥାତ୍ ହେ ନବୀ ! ଭୋକିଲା ଏବଂ ଅଭାବୀ ଲୋକଙ୍କୁ ଖାଇବାକୁ ଦିଅ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, "ତେଣୁ ମୋତେ ଜଣାପଡ଼ିଲା (ଜ୍ଞାତହେଲା) ଯେ, ଆଧା ରାତିରେ ମୋତେ ଜାଗ୍ରତ କରାଯିବା ଏହି ଇଲ୍‌ହାମ୍ ଆଧାରରେ ହିଁ ଥିଲା । ରାତିରେ ଯେଉଁ ଶବ୍ଦ ହୋଇଥିଲା ଏବଂ କେହି ମୋତେ ଖାଇବାକୁ ଦେଇଥିଲା । ତାହା ହ. ମସିହ ମଉଦ୍ ଅ.ସଙ୍କୁ ମଧ୍ୟ ଅଲ୍ଲାଃତାଲା ଜଣାଇଥିଲେ ଯେ, ଜଣେ ବ୍ୟକ୍ତି ଭୋକିଲା ଅଛି । ତେଣୁ ଆପଣ ଅ.ସ ଖାଦ୍ୟ ପଠାଇଥିଲେ ।" **(ରିୱାୟତେ ଅସ୍‌ହାବ ଅହମଦ, ଖଣ୍ଡ-4, ପୃଷ୍ଠା-155-156) (ତଜକିରା, ପୃଷ୍ଠା-631)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସୁତରାଂ ଏମାନେ ସେହି ପୁଣ୍ୟବାନ୍ ଲୋକ ଥିଲେ ଯାହାଙ୍କ ଭୋକର କଷ୍ଟକୁ ଅଲ୍ଲାଃତାଲା ମଧ୍ୟ ଅନୁଭବ କରୁଥିଲେ ଏବଂ ନିଜର ଅବତାରଙ୍କୁ ସୂଚନା ଦେଉଥିଲେ। ସେଠାରେ ତ' ଏପରି ବ୍ୟବସ୍ଥା ଥିଲା ଯେ ବ୍ୟବସ୍ଥା ହୋଇଗଲା। କିନ୍ତୁ ଏଠାରେ ଆମ ଜଲ୍‌ସାର ପ୍ରବନ୍ଧକମାନେ (ଆୟୋଜକମାନେ) ଉକ୍ତ କଥା ପ୍ରତି ଧ୍ୟାନ ରଖିବା ଉଚିତ୍ ଯେ, ଯେଉଁ ଅତିଥିମାନେ ବିଳମ୍ବରେ ଆସୁଛନ୍ତି, ବେଳେବେଳେ ରାତିରେ ଯାତ୍ରା କରି ଦୂର ଦୂରାନ୍ତରୁ ଆସିଥାଆନ୍ତି । ୟୁରୋପରୁ ଯାତ୍ରା କରି ଆସିଥାଆନ୍ତି। ବେଳେବେଳେ ଫେରୀ ବିଳମ୍ବ ମଧ୍ୟ ହୋଇଯାଏ ଓ ଆଉ କେତେବେଳେ ବିମାନ ବନ୍ଦରରେ ବିମାନ ବିଳମ୍ବ ହୋଇଯାଇଥାଏ । ସେହିପରି ଆଉ କେତେବେଳେ ଯାତ୍ରା ସମୟରେ ଟ୍ରାଫିକ୍‌ରେ ସେମାନେ ଫସିଯାଆନ୍ତି । ତେଣୁ ସେମାନଙ୍କ ପାଇଁ ଖାଇବା ପିଇବାର ବ୍ୟବସ୍ଥା ମଧ୍ୟ ହେବା ଉଚିତ । କିନ୍ତୁ ଏହି ସାବଧାନତା ରହିବା ଉଚିତ୍ ଯେ, ଖାଦ୍ୟ ସଠିକ୍ ଅବସ୍ଥାରେ ଥିବା ଉଚିତ୍ । ଏପରି ନ ହୁଏ ଯେ, ଗରମ ଯୋଗୁଁ ଖାଦ୍ୟ ଖରାପ ହୋଇଯାଇଥିବ ଏବଂ ଆପଣ ଅତିଥିକୁ ବାସି ଖାଦ୍ୟ ଖାଇବାକୁ ଦେଇଦେବେ ଓ ତାହା କୌଣସି ରୋଗର (ଫୁଡ୍ ପଏଜନ୍ ବା ବିଷୟ କ୍ରିୟା)ର କାରଣ ହେବ । ଏହି ଦୃଷ୍ଟିରୁ ମଧ୍ୟ ଅତିଥି ସତ୍କାରକଙ୍କ ସଦାସର୍ବଦା ମନେ ରଖିବା ଉଚିତ ଯେ, ସେମାନଙ୍କୁ ଅତିଥିମାନଙ୍କ ବିଶେଷ ଯତ୍ନ ମଧ୍ୟ ନେବାକୁ ହେବ ଏବଂ ଭଲ ଓ ଉତ୍କୃଷ୍ଟ ଖାଦ୍ୟ ମଧ୍ୟ ଖାଇବାକୁ ଦେବାକୁ ହେବ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କହିଲେ, "ସମସ୍ତ ଆସୁଥିବା ଲୋକ ଅର୍ଥାତ ଅତିଥିମାନଙ୍କୁ ଗୋଟିଏ ପ୍ରକାରର ଖାଦ୍ୟ ଦିଅନ୍ତୁ ।" ଅର୍ଥାତ୍ ଜଲ୍‌ସାକୁ ଆସୁଥିବା ଲୋକଙ୍କୁ ଗୋଟିଏ ପ୍ରକାରର ଖାଦ୍ୟ ଖାଇବାକୁ ଦିଅନ୍ତୁ । କୌଣସି ପକ୍ଷପାତିତା ହେବା ଉଚିତ ନୁହେଁ । "ଏହା ଉପରେ ଖ୍ୱାଜା ସାହେବ କିମ୍ବା ଅନ୍ୟ କେହି ନିବେଦନ କଲେ ଯେ, ହୁଜୁର, କେତେକ ଗରିବ ଏପରି ମଧ୍ୟ ଆସନ୍ତି ଯାହାଙ୍କୁ ନିଜ ଘରେ ହରଡ଼ ଡାଲି ମଧ୍ୟ ମିଳେ ନାହିଁ ।" ସେମାନେ ତ' ଡାଲି ମଧ୍ୟ ଖାଇ ପାରନ୍ତି ନାହିଁ ଚଟୁଣି ସହ ରୁଟି ଖାଇ ନିଅନ୍ତି। ତେଣୁ ସେମାନଙ୍କୁ ଏଠାରେ ଡାଲି ଖାଇବାକୁ ଦେବା କୌଣସି ଖରାପ କଥା ନୁହେଁ। ସେମାନଙ୍କ ପାଇଁ ମାଂସ ତରକାରୀ ରାନ୍ଧିବାର ଆବଶ୍ୟକତା ନାହିଁ। ଡାଲି ମଧ୍ୟ ଖାଇବାକୁ ଦେଲେ କୌଣସି ଅସୁବିଧା ନାହିଁ । ସେମାନଙ୍କ ଅବଶିଷ୍ଟାଂଶ..ପୃ-09 ରେ

Editor : Qamarul Haque Khan
Sub- Editor : Sayed Ataul Wahab
Mob : (+91) 8437782443
akhbaarbadarodiaqdn@gmail.com
www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No. GDP- 40/2026-2028 Vol. 11 Thursday- 03 Sep 2026 Issue No. 36
ANNUAL SUBSCRIPTION: 600/- (PER ISSUE: 12/-) (WEIGHT: 20-50 gms/issue)

Act. MANAGER
ATHAR AHMAD SHAMIM
Mobile. : +91 9815639670
e-mail : managerbadrqnd@gmail.com
www.alislam.org/badr

## ସିରତ୍ ଖାତମୁନ୍ ନବୀୟୀନ୍ — ଗତ ସଂଖ୍ୟାର ପ୍ରକାଶିତ ସିରତ୍ ଖାତମୁନ୍ ନବୀୟୀନ୍ସ.ଅର ଅବିଶିଷ୍ଟାଂଶ

କାରଣ ଏହି ବିଷୟ ଅଲ୍ଲାଃଙ୍କ ହାତରେ ଅଛି ଏବଂ ଏହି ସମ୍ପର୍କରେ କିଛି କୁହାଯାଇପାରିବ ନାହିଁ ଯେ କ'ଣ ହେବ ଓ କ'ଣ ହେବ ନାହିଁ । କିନ୍ତୁ ତହିଁରୁ (ଏଥିରୁ) କେବଳ ଏତିକି ହିଁ ଜଣାପଡ଼େ ଯେ, ଯେପରି ମହାବତାର ହ. ମୁହମ୍ମଦସ.ଅ ଅନ୍ୟ ପ୍ରସଙ୍ଗରେ ଓ ଅନ୍ୟ ଅବସରରେ ମଧ୍ୟ କହିଛନ୍ତି ଯେ, ଯେଉଁ ବ୍ୟକ୍ତି ଶିର୍କ (ଅଲ୍ଲାଃତାଲାଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା) ଅବସ୍ଥାରେ ମୃତ୍ୟୁବରଣ କରେ ତେବେ ତାହା ପାଇଁ ଦୁଆ କରିବା ଉଚିତ୍ ନୁହଁ । ବରଂ ତା'ର ପ୍ରସଙ୍ଗକୁ ଅଲ୍ଲାଃତାଲାଙ୍କ ଉପରେ ଛାଡ଼ିଦେବା ଉଚିତ୍ ।

ମାତାଙ୍କର ଦେହାନ୍ତ ହେଲା ଏବଂ ହ. ମୁହମ୍ମଦ ସ.ଅ ସମ୍ପୂର୍ଣ୍ଣ ରୂପେ ଅନାଥ (ୟତିମ୍) ଅବସ୍ଥାକୁ ଆସିଗଲେ । ଅଳ୍ପ ବୟସରେ ହିଁ ନିଜ ମାତୃଭୂମି ଠାରୁ ଦୂରରେ, ଆତ୍ମୀୟ-ସ୍ୱଜନମାନଙ୍କ ଠାରୁ ଦୂରରେ ମା'ଙ୍କୁ ହରାଇବାର ଦୁଃଖ । ସେପରି ପରିସ୍ଥିତିରେ ଯେତେବେଳେ କି ପିତା ଆଗରୁ ଆରପାରିକୁ ଚାଲି ଯାଇଥିଲେ ସେତେବେଳେ ଏହି ଦାରୁଣ ଦୁଃଖ ଯନ୍ତ୍ରଣା କୌଣସି ସାଧାରଣ ଆଘାତ ନଥିଲା । ଫଳ ସ୍ୱରୂପ ଏହିସବୁ ଘଟଣା ଆପଣ ସ.ଅଙ୍କ ହୃଦୟରେ ଏକ ଗଭୀର ଏବଂ ସ୍ଥାୟୀ ପ୍ରଭାବ ପକାଇଲା । ନିଃସନ୍ଦେହ ରୂପେ ଆପଣ ସ.ଅ ଅଲ୍ଲାଃଙ୍କ ତରଫରୁ 'ରହମତୁଲ୍ ଲିଲ୍ ଆଲମୀନ୍' (ସମଗ୍ର ଜଗତ ପାଇଁ ଦୟାର ସାଗର) ହୋଇ ପ୍ରେରିତ ହୋଇଥିଲେ । କିନ୍ତୁ ବାହ୍ୟ କାରଣ ଦୃଷ୍ଟିରୁ ଏହିସବୁ ଘଟଣାର ମଧ୍ୟ ଆପଣ ସ.ଅଙ୍କ ସ୍ୱଭାବ ଉପରେ ଗଭୀର ପ୍ରଭାବ ପଡ଼ିଥିଲା। ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ଏହା ସେହି ପ୍ରାରମ୍ଭିକ ଘାତ ପ୍ରତିଘାତର ହିଁ ପରିଣାମ ଥିଲା ଯେ, ଆପଣ ସ.ଅଙ୍କ ଚରିତ୍ରରେ ଗରିବ ଓ ଅଭାବିମାନଙ୍କ ପ୍ରତି ପ୍ରେମ ଏବଂ ବିପଦାଗ୍ରସ୍ତ ଲୋକମାନଙ୍କ ପ୍ରତି ସହାନୁଭୂତି ଏକ ସ୍ୱତନ୍ତ୍ର ଓ ମହାନ୍ ରୂପ ଧାରଣ କରିଥିଲା । ପବିତ୍ର କୁରଆନ୍ ଶରୀଫ୍‌ରେ ଆପଣ ସ.ଅଙ୍କ ଅନାଥପଣ ସଂପର୍କରେ ଏହି ଶବ୍ଦରେ ଉଲ୍ଲେଖ କରାଯାଇଛି: اَلَمۡ یَجِدۡکَ یَتِیۡمًا فَاٰوٰی......فَاَمَّا الۡیَتِیۡمَ فَلَا تَقۡہَرۡ **(ଅଜ୍ ଜୁହା:7-10)**"ଅର୍ଥାତ୍, ହେ ମୁହମ୍ମଦ୍ ସ.ଅ ! ଆମ୍ଭେ କ'ଣ ତୁମକୁ ଅନାଥ ରୂପେ ପାଇ ଆଶ୍ରୟ ଦେଇ ନାହୁଁ (ନଥିଲୁ) ? ତେଣୁ ଏବେ ତୁମ୍ଭର ଏହି କର୍ତ୍ତବ୍ୟ ରହିଛି ଯେ ତୁମ୍ଭେ ମଧ୍ୟ ଅନାଥମାନଙ୍କ ପ୍ରତି ସଦୟ ହୁଅ ଏବଂ ସ୍ନେହ ଓ ନମ୍ରତାମୂଳକ ବ୍ୟବହାର ପ୍ରଦର୍ଶନ କର ।"

**ଅବ୍ଦୁଲ୍ ମୁତଲ୍ଲିବ୍‌ଙ୍କ ତତ୍ତ୍ୱାବଧାନ (ଲାଳନ ପାଳନ):** ମାତାଙ୍କ ଦେହାନ୍ତ ପରେ ହ. ମୁହମ୍ମଦ ସ.ଅ ନିଜର ସେବିକା ଉମ୍ମେ ଐମନ୍‌ଙ୍କ ସହ ମକ୍କା ପହଞ୍ଚିଲେ । ଏହି ଉମ୍ମେ ଐମନ୍ ସେହି ମହିଳା ଥିଲେ, ଯିଏ ଆପଣ ସ.ଅଙ୍କ ପିତାଙ୍କ ମୃତ୍ୟୁ ପରେ ଆପଣ ସ.ଅଙ୍କୁ ଉତ୍ତରାଧିକାରୀ ସୂତ୍ରରେ ଦାସୀ ଭାବରେ ମିଳିଥିଲେ । ବଡ଼ ହେବା ପରେ ଆପଣ ସ.ଅ ତାଙ୍କୁ ମୁକ୍ତ କରି ଦେଇଥିଲେ ଏବଂ ତାଙ୍କ ସହ ବହୁତ ଦୟାପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରିଥିଲେ । ପରବର୍ତ୍ତୀ ସମୟରେ ଉମ୍ମେ ଐମନ୍‌ଙ୍କ ବିବାହ ଆପଣ ସ.ଅଙ୍କ ମୁକ୍ତ ପ୍ରାପ୍ତ ଦାସ ଜୈଦ ବିନ୍ ହାରିସ୍‌ଙ୍କ ସହିତ ହୋଇଥିଲା ଏବଂ ତାଙ୍କ ଗର୍ଭରୁ ଉସ୍ମାମା ବିନ୍ ଜୈଦ୍ ଜନ୍ମ ଗ୍ରହଣ କରିଥିଲେ । ଉମ୍ମେ ଐମନ୍ ହ. ମହମ୍ମଦ ସ.ଅଙ୍କ ଦେହାନ୍ତ ପର୍ଯ୍ୟନ୍ତ ଜୀବିତ ଥିଲେ । ସେ ଯାହା ହେଉ ମାତାଙ୍କ ଦେହାନ୍ତ ପରେ ଆପଣ ସ.ଅ ଉମ୍ମେ ଐମନ୍‌ଙ୍କ ସହ ମକ୍କା ପହଞ୍ଚିଲେ ଏବଂ ସେଠାରେ ପହଞ୍ଚିବା ପରେ ଅବ୍ଦୁଲ୍ ମୁତଲ୍ଲିବ୍ (ଆପଣ ସ.ଅଙ୍କ ଜେଜେବାପା ବା ଦଦା) ଆପଣଙ୍କୁ ସିଧାସଳଖ ନିଜ ତତ୍ତ୍ୱାବଧାନକୁ ନେଇନେଲେ । ଅବ୍ଦୁଲ୍ ମୁତଲ୍ଲିବ୍ ଆଁହଜରତ୍ ସ.ଅଙ୍କୁ ବହୁତ ସ୍ନେହ କରୁଥିଲେ । କାଆବା ଗୃହର ପ୍ରଦକ୍ଷିଣ (ତୱାଫ୍) କରିବା ସମୟରେ ଆପଣ ସ.ଅଙ୍କୁ ନିଜ କାନ୍ଧ ଉପରେ ବସାଇ ଦେଉଥିଲେ। ହ. ମୁହମ୍ମଦ ସ.ଅ ମଧ୍ୟ ତାଙ୍କ ସହିତ ବହୁତ ସହଜ ଓ ନିବିଡ଼ ହୋଇ ଯାଇଥିଲେ । ଅବ୍ଦୁଲ୍ ମୁତଲ୍ଲିବ୍‌ଙ୍କର ଅଭ୍ୟାସ ଥିଲା ଯେ, ସେ କାଆବା ପ୍ରାଙ୍ଗଣରେ ଚଟାଣ ଉପରେ ଆସନ ବିଛାଇ ବସୁଥିଲେ ଏବଂ କାହାର ସାହସ ନଥିଲା ଯେ, ସେହି ଆସନରେ ତାଙ୍କ ସହ ବସିପାରିବ । ଏପର୍ଯ୍ୟନ୍ତକି ଅବ୍ଦୁଲ୍ ମୁତଲ୍ଲିବ୍‌ଙ୍କ ନିଜ ପୁଅମାନେ ମଧ୍ୟ ତାଙ୍କ ଠାରୁ ଦୂରରେ ବସୁଥିଲେ । କିନ୍ତୁ ହ. ମୁହମ୍ମଦ୍ ସ.ଅ ନିଜ ସ୍ନେହର ଆବେଗରେ ସିଧାସଳଖ ଅବ୍ଦୁଲ୍ ମୁତଲ୍ଲିବ୍‌ଙ୍କ ପାଖକୁ ଯାଇ ବସି ପଡୁଥିଲେ ଏବଂ ସେ ଆପଣ ସ.ଅଙ୍କୁ ଦେଖି ବହୁତ ଖୁସି ହେଉଥିଲେ । ଆପଣ ସ.ଅଙ୍କ ଚଚାମାନେ (ଦାଦାମାନେ) କେତେବେଳେ କେତେବେଳେ ଆପଣଙ୍କୁ ସେହି ଆସନରେ ବସିବାରୁ ଅଟକାଉଥିଲେ । କିନ୍ତୁ ଅବ୍ଦୁଲ୍ ମୁତଲ୍ଲିବ୍ ସେମାନଙ୍କୁ ବାରଣ କରୁଥିଲେ ଏବଂ କହୁଥିଲେ ଯେ, "ୟାକୁ (ହ. ମୁହମ୍ମଦ୍ ସ.ଅଙ୍କୁ) ତୁମେମାନେ କିଛି କହିବ ନାହିଁ ।"

**ଅବ୍ଦୁଲ୍ ମୁତଲ୍ଲିବ୍‌ଙ୍କ ଦେହାନ୍ତ:**

ଏହି ପ୍ରେମ ଓ ସ୍ନେହ ମଧ୍ୟରେ ହ. ମୁହମ୍ମଦ ସ.ଅଙ୍କ ଦିନଗୁଡ଼ିକ ବିତୁଥିଲା ଯେ ଅବ୍ଦୁଲ୍ ମୁତଲ୍ଲିବ୍‌ଙ୍କର ମଧ୍ୟ ମୃତ୍ୟୁ ସମୟ ଆସି ପହଞ୍ଚିଗଲା ।

ଅବଶିଷ୍ଟାଂଶ...ପରବର୍ତ୍ତୀ ସଂଖ୍ୟାରେ

## ସିରତୁଲ୍ ମେହଦୀ

(ଲେଖକ. ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ)

ସେହି ସମୟରେ ପିତୃପିତା ମହାରାଜାଙ୍କ ଠାରୁ ନିଜ ପୈତୃକ ସମ୍ପତ୍ତିର କିଛି ଅଂଶ ଫେରସ୍ତ ପାଇଲେ ଏବଂ କାଦିୟାନ୍ ଫେରି ଆସିଲେ । ଏହା ପରେ ପିତୃପିତା ଏବଂ ତାଙ୍କ ସାନଭାଇ ମିର୍ଜା ଗୁଲାମ୍ ମୁହିଉଦ୍ଦୀନ୍ ସାହେବ ମହାରାଜା ରଞ୍ଜିତ୍ ସିଂହଙ୍କ ଅଧୀନରେ ଅନେକ ସୈନ୍ୟ ସେବା ପ୍ରଦାନ କରିଥିଲେ । ଏହି ସମସ୍ତ ବିଷୟ ସାର୍ ଲେପେଲ୍ ଗ୍ରିଫିନ୍‌ଙ୍କ ଦ୍ୱାରା ଲିଖିତ 'ପଞ୍ଜାବ ଚିଫ୍ସ' (Punjab Chiefs) ପୁସ୍ତକରେ ବିସ୍ତୃତ ଭାବରେ ଉଲ୍ଲିଖିତ ହୋଇଛି । ଶିଖ୍ ଶାସନର ଅବସାନ (ଅନ୍ତ) ପରେ ପୁଣି ଥରେ ଦେଶରେ ଅରାଜକତା ଓ ଅଶାନ୍ତି ବ୍ୟାପିଗଲା । ଆମ ପରିବାରକୁ ପୁଣି ବିପତ୍ତିର ସମ୍ମୁଖୀନ ହେବାକୁ ପଡ଼ିଲା । ଆମ ଦଦା ମହୋଦୟ ଏବଂ ତାଙ୍କ ଭାଇ ମିର୍ଜା ଗୁଲାମ୍ ମୁହିଉଦ୍ଦୀନ୍ ସାହେବଙ୍କୁ ବସରାଓାଁ ଦୁର୍ଗରେ ବନ୍ଦୀ କରାଯିବାର ଘଟଣା ସମ୍ଭବତଃ ସେହି ସମୟର କଥା ହେବ । ଏହା ପରେ ଇଂରେଜମାନେ ଆସିଲେ । ସେତେବେଳେ ସେମାନେ ଆମର ପାରିବାରିକ ଜମିଦାରୀ (ଜାଗିର) ବାଜ୍ୟାପ୍ତ କରିନେଲେ । କେବଳ ସାତ ଶହ (700) ଟଙ୍କାର ବାର୍ଷିକ ସମ୍ମାନଜନକ ପେନସନ୍ ନଗଦ ଆକାରରେ ନିର୍ଦ୍ଧାରିତ କଲେ । ଏହା ଆମ ଜେଜେ ବାପାଙ୍କ ଦେହାନ୍ତ ପରେ କେବଳ ଏକ ଶହ ଅଶୀ (180) ଟଙ୍କା ରହିଗଲା। ପରେ ଜେଜେପାପାଙ୍କ ବଡ଼ ପୁଅ (ତାୟା ସାହେବ)ଙ୍କ ପରେ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା । ଏହା ବ୍ୟତୀତ, ଏହି ବଡ଼ ଧରଣର ପରିବର୍ତ୍ତନଗୁଡ଼ିକ ଅର୍ଥାତ୍ ସିଖ୍ ଶାସନର ଶେଷ ସମୟର ଅଶାନ୍ତି ଏବଂ ତା'ପରେ ଶାସନ ବଦଳିବା ଫଳରେ କାଦିୟାନ୍ ଏବଂ ଏହାର ଆଖପାଖ ଅଞ୍ଚଳ ସହ ଜଡ଼ିତ ଆମର ମାଲିକାନା ସତ୍ତ୍ୱାଧିକାର ବିଷୟରେ ମଧ୍ୟ ଅନେକ ପ୍ରଶ୍ନ ଓ ବିବାଦ ଦେଖାଦେଲା। ଫଳସ୍ୱରୂପ ସେହି ସମୟରେ କେତେକ ଗ୍ରାମ ସମ୍ବନ୍ଧୀୟ ଆମର ଅଧିକାର ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଗଲା ଏବଂ କେବଳ କାଦିୟାନ୍ ଓ କିଛି ସଂଲଗ୍ନ ଗ୍ରାମ ସମ୍ବନ୍ଧରେ ଜେଜେବାପା ବିପୁଳ ପରିମାଣର ଅର୍ଥ ବ୍ୟୟ କରି କିଛି ଅଧିକାର ଫେରସ୍ତ ପାଇଲେ । ଶୁଣାଯାଏ ଯେ, ମକଦ୍ଦମା କରିବା ପୂର୍ବରୁ ଜେଜେବାପା ସମସ୍ତ ସମ୍ପର୍କୀୟଙ୍କୁ କହିଥିଲେ, "ମୁଁ ମକଦ୍ଦମା କରିବାକୁ ଚାହୁଁଛି, ଯଦି ତୁମେମାନେ ମୋ ସହ ସାମିଲ ହେବାକୁ ଚାହୁଁଛ ତେବେ ହୋଇଯାଅ ।" କିନ୍ତୁ ଯେହେତୁ ସଫଳତାର ଆଶା କମ୍ ଥିଲା, ସେଥିପାଇଁ ସମସ୍ତେ ମନା କରିଦେଲେ ଏବଂ କହିଲେ, "ଆପଣ ହିଁ ମୋକଦ୍ଦମା କରନ୍ତୁ ଏବଂ ଯଦି କିଛି ମିଳେ ତେବେ ଆପଣ ହିଁ ନେଇ ନିଅନ୍ତୁ ।" କିନ୍ତୁ ଯେତେବେଳେ କିଛି ଅଧିକାର ମିଳିଗଲା, ଜେଜେବାପାଙ୍କ ସରଳତା ଯୋଗୁଁ ସମସ୍ତ ସମ୍ପର୍କୀୟଙ୍କ ନାମ ମାଲିକାନା ତାଲିକାରେ ଦରଜ୍ (ଯୋଡ଼ି ଦିଆଗଲା) ହୋଇଗଲା । ତଥାପି ଦଖଲ କେବଳ ଜେଜେବାପାଙ୍କର ହିଁ ରହିଲା ଏବଂ ବାକି ଲୋକଙ୍କୁ କେବଳ ଆୟରୁ କିଛି ଅଂଶ ମିଳିଯାଉଥିଲା । ଆମର ବଂଶ ପ୍ରାୟ 1865 ମସିହା ବେଳକୁ ନିମ୍ନଲିଖିତ ବଂଶାବଳୀ (Family Tree) ରହିଥିଲା:




ଯେଉଁ ନାମଗୁଡ଼ିକ ଚାରିପାଖରେ ବର୍ଗାକାର ରେଖା ଦେଖାଯାଇଛି, ସେଗୁଡ଼ିକ ସେହି ଲୋକମାନଙ୍କର ନାମ ଯେଉଁମାନେ 1865 ମସିହାରେ କାଦିୟାନ୍‌ରେ ଅଂଶୀଦାର ଭାବରେ ଦରଜ୍ ଥିଲେ । କାଦିୟାନ୍‌ର ମୋଟ୍ ସମ୍ପତ୍ତିକୁ ପାଞ୍ଚଟି ଭାଗରେ ବିଭକ୍ତ କରାଯାଇଥିଲା । ଦୁଇଟି ଭାଗ ମିର୍ଜା ତସଦ୍ଦୁକ ଜିଲାନୀଙ୍କ ସନ୍ତାନମାନଙ୍କ ଭାଗରେ ଆସିଥିଲା ଦୁଇଟି ଭାଗ ମିର୍ଜା ଗୁଲ୍ ମହମ୍ମଦ ସାହେବଙ୍କ ସନ୍ତାନମାନଙ୍କ ଭାଗରେ ଗୋଟିଏ ଭାଗ, ମିର୍ଜା ଗୁଲାମ ମୁର୍ତଜା ସାହେବଙ୍କୁ ବିଶେଷ ଭାବରେ ପ୍ରବନ୍ଧକ (ସଂଚାଳକ) ହିସାବରେ ମିଳିଥିଲା, ଯାହା ପରବର୍ତ୍ତୀ ସମୟରେ କେବଳ ତାଙ୍କ ସନ୍ତାନମାନଙ୍କ ମଧ୍ୟରେ ବିଭାଜିତ ହୋଇଥିଲା ।

ବିନୀତ ବିନମ୍ର ଭାବେ କହୁଛି ଯେ ଆମ ସ୍ୱର୍ଗତ ଅଜାଙ୍କ ମୃତ୍ୟୁ ପରେ, ନିୟନ୍ତ୍ରଣରେ ନଥିବା ଅଂଶୀଦାରମାନେ ମିର୍ଜା ଇମାମୁଦ୍ଦିନ୍ ପ୍ରଭୃତିଙ୍କ ଚକ୍ରାନ୍ତ ତଥା ଉପଦ୍ରବ ଯୋଗୁଁ ଆମ ପିତୃବ୍ୟ (ବଡ଼ ବାପା) ମିର୍ଜା ଗୁଲାମ୍ କାଦିର୍ ସାହେବଙ୍କ ବିରୋଧରେ ସମ୍ପତ୍ତିର ଦଖଲ୍ ନେବା ପାଇଁ ଏକ ମାମଲା ଦାଏର କରିଥିଲେ

ଅବଶିଷ୍ଟାଂଶ...ପରବର୍ତ୍ତୀ ସଂଖ୍ୟାରେ

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan